# କଳା, ସାହିତ୍ୟ, ସଂସ୍କୃତିର ମହାମିଳନ

କଳା, ସାହିତ୍ୟ, ସଂସ୍କୃତି, ସଙ୍ଗୀତ, ଲୋକନୃତ୍ୟ, ନାଟକର ମହାମିଳନ ଦେବଗଡ଼ର ଉତ୍ସବ ପ୍ରଧାନପାଟ। ପ୍ରାକୃତିକ ପରିବେଷ୍ଟନୀରେ ଭରପୁରହୋଇ ରହିଥିବା ଦେବଗଡ଼ ଆଜି ଓଡ଼ିଶାର ୩୦ଟି ଜିଲା ମଧ୍ୟରେ ନିଜର ନାମକୁ ପ୍ରତିପାଦିତ କରିସାରିଛି। ଇତିହାସ କହେ ଦିନେ ଉତ୍କଳର ଉଜ୍ଜୟିନୀ ନାମରେ ନାମିତ ଏହି ଅଞ୍ଚଳ ଓଡ଼ିଶାର ଏକ ଶାନ୍ତସରଳ ତଥା ଆକର୍ଷଣୀୟ ଅଞ୍ଚଳ ରୂପେ ପ୍ରତିଷ୍ଠିତ ହୋଇପାରିଥିଲା, ଯାହା ଆଜିବି ବଳବତ୍ତର ରହିଛି। ବର୍ତ୍ତମାନ ପ୍ରଧାନପାଟ ଜଳପ୍ରପାତ ଦେବଗଡର ଜୀବନରେଖା ହେବା ସହ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇ ଜିଲାର ଗର୍ବ ଓ ଗୌରବ ଭାବେ ଦଣ୍ଡାୟମାନ। ପ୍ରାକୃତିକ ବଣପାହାଡ ଘେରା ପ୍ରଧାନପାଟ ଜଳପ୍ରପାତର ନୈସର୍ଗିକ ଶୋଭା ଉପଭୋଗ ପାଇଁ ଦେବଗଡକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ବିଶେଷକରି ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ତେବେ ବର୍ତ୍ତମାନ ପ୍ରଧାନପାଟ ଜଙ୍ଗଲର ସୁରକ୍ଷାର ଅଭାବ, ପ୍ରବଳମାତ୍ରାରେ ବୃକ୍ଷଛେଦନ ଯୋଗୁ ଜଳପ୍ରପାତର ଜଳଧାରା କ୍ରମେ କ୍ରମେ ହ୍ରାସ ହେବାରେ ଲାଗିଛି। ୧୯୯୪ରେ ଅବିଭକ୍ତ ସମ୍ବଲପୁର ଜିଲାରୁ ଦେବଗଡ ଜିଲା ସୃଷ୍ଟି ହେବା ପରେ ଲୋକ ମହୋତ୍ସବ ମାଧ୍ୟମରେ ଦେବଗଡ ଜିଲାବାସୀଙ୍କୁ ସମଗ୍ର ଓଡ଼ିଶା ତଥା ଭାରତର ସଂସ୍କୃତି ସହିତ ପରିଚିତ କରାଇବା ପାଇଁ ପ୍ରୟାସ ହୋଇଥିଲା। ପ୍ରଥମେ ୧୯୯୬ରେ ସେତେବେଳର ଜିଲାପାଳ ମନୋଜ ଆହୁଜା ଏବଂ ଜିଲାର ବୁଦ୍ଧିଜୀବୀ, କଳା ସଂସ୍କୃତିପ୍ରେମୀଙ୍କ ମିଳିତ ପ୍ରଚେଷ୍ଟାରେ ପ୍ରାକୃତିକ ବଣପାହାଡ ଘେରା ପ୍ରଧାନପାଟ ଜଳପ୍ରପାତର ପାଦଦେଶରେ ମୁକ୍ତାକାଶ ରଙ୍ଗମଞ୍ଚରେ 'ଉତ୍ସବ ପ୍ରଧାନପାଟ' ଆରମ୍ଭ କରାଯାଇଥିଲା। ଅନ୍ୟପକ୍ଷେ ତିନି ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା 'ଉତ୍ସବ ପ୍ରଧାନପାଟ' ବର୍ତ୍ତମାନ ପାଞ୍ଚ ଦିନ କରାଯାଉଛି। ଏହା ମାଧ୍ୟମରେ ଜିଲାର ସାମାଜିକ, ସାଂସ୍କୃତିକ ଓ ଲୋକ ସଂସ୍କୃତିକୁ ପରିପୃଷ୍ଟ କରିବା ପାଇଁ ଓଡ଼ିଶାରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଉତ୍କୃଷ୍ଟ ଲୋକନୃତ୍ୟ ଓ ଲୋକବାଦ୍ୟ ପ୍ରଦର୍ଶିତ ହେବା ସହିତ ପ୍ରତ୍ୟେକ ବର୍ଷ ସ୍ମରଣିକା ପ୍ରକାଶ ହେଉଛି। ଏହା ସହିତ ପଲ୍ଲିଶ୍ରୀ ମେଳା ଏବଂ କବି ସମ୍ମିଳନୀ, କୃଷକ ପାଠଶାଳା,ପୁସ୍ତକ ମେଳା, ଫୁଡ ପ୍ଲାଜା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଯାହାର ପରିଣତି ସ୍ୱରୂପ ଦେବଗଡର ସାମୂହିକ ସଂସ୍କୃତି ସହିତ ଓଡ଼ିଶାର ପୁରପଲ୍ଲୀର ସଂସ୍କୃତିର ମହାମିଳନ ଏଠାରେ ଜୀବନ୍ତ ରୂପନେଇ ସାରିଛି। ଏଥିରେ ପୁଣି ଦର୍ଶକମାନଙ୍କୁ ୫ ଦିନ ଧରି ବାନ୍ଧି ରଖିଥାଏ 'ଉତ୍ସବ ପ୍ରଧାନପାଟ'।

ଉପସ୍ଥାପନା : ଶଶାଙ୍କ ଶେଖର ଝାଙ୍କର

## ଉତ୍ସବ ପ୍ରଧାନପାଟ

'ଉତ୍ସବ ପ୍ରଧାନପାଟ' କଳା ଓ ସଂସ୍କୃତିର ମହାମିଳନ ପର୍ବ। ଏହା କଳାର ଭାବ ବିନିମୟରେ ସହାୟକ ହେଉଛି। ଏହା ମଧ୍ୟ ଜିଲାର ଲୁକ୍କାୟିତ ପ୍ରତିଭାମାନଙ୍କୁ ଏକ ବଡମଞ୍ଚରେ କଳା ପ୍ରଦର୍ଶନର ସୁଯୋଗ ଦେଉଛି। ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ମାସର ପ୍ରଥମ ରବିବାର ପ୍ରଧାନପାଟ ରାସ୍ତାରେ ଆୟୋଜିତ ହେଉଥିବା 'ବାଟେଘାଟେ' କାର୍ଯ୍ୟକ୍ରମ ଜିଲାର ଅନେକ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣି ପାରିଛି। ଚଳିତବର୍ଷ ପ୍ରଥମ ଥର ପାଇଁ ଏଭଳି ପ୍ରତିଭାମାନଙ୍କୁ ପ୍ରଧାନପାଟ ଉତ୍ସବ ରଙ୍ଗମଞ୍ଚରେ କଳା ପ୍ରଦର୍ଶନ ନିମନ୍ତେ ପ୍ରୋତ୍ସାହିତ କରାଯାଇଛି। ଏହି ଅବସରରେ ସ୍ମରଣିକା ପ୍ରକାଶନ ସହିତ କବି ସମ୍ମିଳନୀ ଉତ୍ସବକୁ ଋଦ୍ଧିମନ୍ତ କରୁଛି। ଜିଲା ସଂସ୍କୃତି ପରିଷଦ ଜିଲାରେ କଳା, ସଂସ୍କୃତି ଓ ସାହିତ୍ୟର ବିକାଶ ନିମନ୍ତେ ସର୍ବଦା ପ୍ରୟାସରତ। ଏହା ବ୍ୟତୀତ ପଲ୍ଲୀଶ୍ରୀ ମେଳା, ଉନ୍ନୟନ ପ୍ରଦର୍ଶନୀ, ପୁସ୍ତକ ମେଳା ଓ ଖାଦ୍ୟ ମେଳାକୁ ଦର୍ଶକମାନେ ଭରପୁର ଉପଭୋଗ କରିବା ସହିତ ଅନେକ ପ୍ରକାର ଦ୍ରବ୍ୟ କିଣାକିଣି କରିପାରୁଛନ୍ତି।

*- ସୁଧାଂଶୁ ମୋହନ ସାମଲ, ଜିଲାପାଳ, ଦେବଗଡ଼*







ଉତ୍ସବ ପ୍ରଧାନପାଟ ୨୦୨୦ ଅବସରରେ କଳାକାରମାନଙ୍କ ସମ୍ବଲପୁରୀ ଓ ଲୋକନୃତ୍ୟ ପରିବେଷଣ।

## ୩୨ ସାଂସ୍କୃତିକ ଦଳର ଅଂଶଗ୍ରହଣ ସାଙ୍ଗକୁ ମନଛୁଆଁ ଉପସ୍ଥାପନା



କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିବା ଉଦ୍‌ଘୋଷିକା, ଉଦ୍‌ଘୋଷକ।

୧୦ ରୁ ୧୪ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ଦିନ ଧରି ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚରେ ଉତ୍ସବ ପ୍ରଧାନପାଟ -୨୦୨୦ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହି ଉତ୍ସବ ପାଳନ ପାଇଁ ୧୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଥିଲା। ୧୦ତାରିଖ ଉଦ୍‌ଘାଟନୀ ଦିବସରେ ସ୍ଥାନୀୟ କନକଦୁର୍ଗା ମନ୍ଦିର ପରିସରରୁ ଏକ ସାଂସ୍କୃତିକ ମଶାଲ ଶୋଭାଯାତ୍ରା ବାହାରି ପ୍ରଧାନପାଟ ପର୍ଯ୍ୟନ୍ତ ଯାଇ ମା' ପ୍ରଧାନପାଟେଶ୍ୱରୀଙ୍କ ପୀଠରେ ପହଞ୍ଚିଥିଲା। ସେଠାରୁ ଆଜ୍ଞାମାଳ ଅଣାଯିବା ପରେ ମୁକ୍ତାକାଶ ସାଂସ୍କୃତିକ ମଞ୍ଚରେ ମଶାଲ ସ୍ଥାପନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଉତ୍ସବରେ ରାଜ୍ୟ ବାହାରୁ ୩ଟି ଖ୍ୟାତନାମା ସାଂସ୍କୃତିକ ଦଳ, ରାଜ୍ୟର ୨୦ଟି ଓ ଜିଲାର ୯ଟି ଦଳ ସମେତ ମୋଟ ୩୨ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ କୋଲକାତାର ସୋମା କୁଣ୍ଡୁ ଓ ଗ୍ରୁପ, ଛତିଶଗଡ଼ର ସରସ୍ୱତୀ କଳା ନିକେତନ ରହିଥିବା ଜଣାପଡିଛି। ସେହିପରି ବଲାଙ୍ଗୀରର ଡାପ ନୃତ୍ୟ, ଜଟଣୀର କଥକ ଓ ମଣିପୁରୀ, ଝାରସୁଗୁଡାର ଝୁମେର ନୃତ୍ୟ, ବାଙ୍କୀର ଫ୍ୟୁଜନ, କେନ୍ଦ୍ରପଡାର ପାଟୁଆ ନାଚ, ତୁଷୁରାର ଘୁଡକା ନାଚ, କଳାହାଣ୍ଡିର ସିଙ୍ଗାରୀ ଚାଙ୍ଗୁ ଓ ଘୁମୁରା, ବରଗଡର ପରଭା ନୃତ୍ୟ, ଗଜପତି, କୁଚିଣ୍ଡା, ସମ୍ବଲପୁର ଓ ଦେବବଗଡ ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଅଂଶଗ୍ରହଣ କରି ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍‌ଘୋଷିକା, ଉଦ୍‌ଘୋଷକମାନଙ୍କ ମନଛୁଆଁ ଉପସ୍ଥାପନା ପରିବେଶକୁ ଆହୁରି ରଙ୍ଗାୟିତ କରିଥିଲା। ଏହି ଅବସରରେ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଓରମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ହୋଇଥିଲା। ଏଥିରେ ୨୩୦ଟି ଷ୍ଟଲ ଖୋଲା ଯାଇଥିଲା।



ଆଇଆରବି ୪ର୍ଥ ବାଟାଲିୟନ ବମ୍ପଡା ପକ୍ଷରୁ ଦେଶପ୍ରେମବୋଧକ ନୃତ୍ୟ।



ଫୁଡ୍ ପ୍ଲାଜାରେ ଲୋକଙ୍କ ଭିଡ଼।

Orissa State Water & Sanitation Mission

**ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା**
**ସ୍ୱଚ୍ଛ ଦେବଗଡ, ସୁନ୍ଦର ଦେବଗଡ**

स्वच्छ भारत
एक कदम स्वच्छता की ओर

୧. ବାହାରେ ମଳତ୍ୟାଗ ବନ୍ଦ କରି ସ୍ୱଚ୍ଛ ଭାରତ ମିଶନ, ଗ୍ରାମୀଣ ଯୋଜନା ତରଫରୁ ଦିଆଯାଇଥିବା ପାଇଖାନା ସଦାସର୍ବଦା ନିଜେ ବ୍ୟବହାର କରନ୍ତୁ। ତତ୍ ସହିତ ଆପଣଙ୍କ ପରିବାର ସମସ୍ତ ସଦସ୍ୟଙ୍କୁ ବ୍ୟବହାର କରିବା ପାଇଁ କୁହନ୍ତୁ।
୨. ଦୁଇଖାତ ବିଶିଷ୍ଟ ପାଇଖାନା ନିର୍ମାଣ କରି ସାରାଜୀବନ ବ୍ୟବହାର କରନ୍ତୁ।
୩. ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରି ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖନ୍ତୁ।
୪. ପ୍ଲାଷ୍ଟିକ ବଢ଼ାଏ ମୁଣ୍ଡର ବ୍ୟଥା, ତାକୁ ରୋକିବାକୁ ଚାରୋଟି କଥା ୧– ମନା କରନ୍ତୁ, ୨– କମ୍ ବ୍ୟବହାର କରନ୍ତୁ, ୩– ପୁନଃ ବ୍ୟବହାର କରନ୍ତୁ, ୪– ପୁନଃ ପ୍ରକ୍ରିୟାକରଣ କରନ୍ତୁ।
୫. ପାଣିକୁ ଫୁଟାଇ ପିଅନ୍ତୁ ଏବଂ ଡଙ୍କି ମାଧ୍ୟମରେ ବ୍ୟବହାର କରନ୍ତୁ।

ଜିଲା ଜଳ ଓ ପରିମଳ ମିଶନ, ଦେବଗଡ

**ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ, ଦେବଗଡ**
(ଶ୍ରମ ଓ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର), ମଠସାହି, ଦେବଗଡ

୧୪ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଯେ କୌଣସି କାର୍ଯ୍ୟରେ ଓ ୧୪ ରୁ ୧୮ ବର୍ଷର କିଶୋରମାନଙ୍କୁ ବିପଦସଂକୁଳ କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ। ଏଥିରେ ଖିଲାପକାରୀ ବ୍ୟକ୍ତିଙ୍କୁ ଟ. ୫୦,୦୦୦/– ପର୍ଯ୍ୟନ୍ତ ଜୋରିମାନା କିମ୍ବା/ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଭୋଗିବାକୁ ପଡିପାରେ। ଜିଲାର ବିଭିନ୍ନ ପଞ୍ଚାୟତରେ ଶିଶୁ ଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇ ଜିଲ୍ଲାରେ ଚିହ୍ନଟ ହୋଇଥିବା ୯ରୁ ୧୪ ବର୍ଷର ଶିଶୁ ଶ୍ରମିକମାନଙ୍କୁ ଉଭୟ ଶିକ୍ଷା ଓ ବୃତ୍ତିଗତ ଟ୍ରେନିଙ୍ଗ, ମାସିକ ଚାରିଶତ ଷ୍ଟାଇପେଣ୍ଡ, ମଧ୍ୟାହ୍ନଭୋଜନ, ସ୍ୱାସ୍ଥ୍ୟସେବା ଓ କ୍ରୀଡା ଏବଂ ପଠନ ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି।
ଆପଣଙ୍କ ନଜରରେ କେହି ଶିଶୁଶ୍ରମିକ ଥିଲେ ତୁରନ୍ତ ନିକଟସ୍ଥ ଶିଶୁଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରରେ ନାମଲେଖାଇ ଜିଲାକୁ ଶିଶୁ ଶ୍ରମିକ ପ୍ରଥା କବଳରୁ ମୁକ୍ତ କରିବାରେ ପ୍ରଶାସନକୁ ସହଯୋଗ କରନ୍ତୁ। ଶିଶୁ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ୧୯୯୬ ମସିହାରୁ ଜିଲ୍ଲାରେ ଆମେ ନିରନ୍ତର କାର୍ଯ୍ୟରତ।

ପ୍ରକଳ୍ପ ନିର୍ଦ୍ଦେଶକ — ଜିଲାପାଳ ଓ ଅଧ୍ୟକ୍ଷ

**ଦେବଗଡ ଜିଲ୍ଲାର କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ସୂଚନା**

କୃଷି ବିଭାଗ ଜରିଆରେ କୃଷି ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ପ୍ରୋତ୍ସାହନର ସୁଯୋଗ ନେବାପାଇଁ ପ୍ରତ୍ୟେକ ଚାଷୀ ପରିବାର ନିଜ ନିଜର ଚାଷୀ ପରିଚୟ ନମ୍ବର (Farmer ID), ବ୍ଲକର ସହକାରୀ କୃଷି ଅଧିକାରୀଙ୍କଠାରେ ଆବଶ୍ୟକ ଦସ୍ତାବିଜ ଦାଖଲ କରି ଆବେଦନ କରିପାରିବେ। ଏହି ପରିଚୟ ନମ୍ବର ପଞ୍ଜୀକରଣ ପାଇଁ ନିଜ ଗ୍ରାମ ପଞ୍ଚାୟତର କୃଷି କର୍ମଚାରୀ କିମ୍ବା କୃଷକ ସାଥିଙ୍କର ସହାୟତା ନେଇ ପାରିବେ। ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନାରେ ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ଆବଶ୍ୟକୀୟ କୃଷି ସାମଗ୍ରୀ ଯଥା– ଅଣୁସାର, ଜୀବାଣୁସାର, ଘାସମରା ଔଷଧ, ରୋଗପୋକ ଔଷଧ ଇତ୍ୟାଦି ଶତକଡା ୫୦ ଭାଗ ରିହାତି ମୂଲ୍ୟରେ ବ୍ଲକର ଲାଇସେନ୍ସପ୍ରାପ୍ତ ଡିଲରଙ୍କ ପାଖରୁ ସ୍ଥାନୀୟ କୃଷି କର୍ମଚାରୀଙ୍କ ଅନୁମୋଦନ କ୍ରମେ ପାଇ ପାରିବେ। ଏହାବ୍ୟତୀତ ଗଭୀର ନଳକୂପ ଖନନ, ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି, ସୌରଜଳନିଧି, ସମନ୍ୱିତ କୃଷି ପାଇଁ ସରକାରୀ ରିହାତିର ମଧ୍ୟ ବ୍ୟବସ୍ଥା ରହିଛି। ସମସ୍ତ ପ୍ରକାର ସୂଚନା ପାଇଁ ସ୍ଥାନୀୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀ କିମ୍ବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ।

ସ୍ୱା./– ଜିଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା, ଦେବଗଡ

**ଅଭିନନ୍ଦନ**

ଉତ୍ସ୍ୱବ ପ୍ରଧାନପାଟ–୨୦୨୦ ଉପଲକ୍ଷେ ଦେବଗଡ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ପ୍ରକାଶ କୁମାର ଆଚାର୍ଯ୍ୟ (ଟିଟୁ ଭାଇ)
ସେବା ସମବାୟ ସମିତି,ଟାବଡା, ସାନଡଙ୍ଗାଘାଟ,ଦେବଗଡ

**ଅଭିନନ୍ଦନ**

ଉତ୍ସ୍ୱବ ପ୍ରଧାନପାଟ–୨୦୨୦ ଉପଲକ୍ଷେ ଦେବଗଡ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଇଂ.ସୁଜିତ କୁମାର ପ୍ରଧାନ
ଘରୋଇ ବସ ମାଲିକ ସଂଘ ସଭାପତି,ତଥା ଜିଲା କ୍ରିକେଟ ସଂଘ ସଂପାଦକ, ଦେବଗଡ

**ଅଭିନନ୍ଦନ**

ଉତ୍ସ୍ୱବ ପ୍ରଧାନପାଟ–୨୦୨୦ ଉପଲକ୍ଷେ ଦେବଗଡ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ସୁଧୀର କୁମାର ବ୍ରହ୍ମା (ନିଲୁ ଭାଇ)
ଯୁବ ନେତା,ବିଜେପି, ଦେବଗଡ

**ଅଭିନନ୍ଦନ**

ଉତ୍ସ୍ୱବ ପ୍ରଧାନପାଟ–୨୦୨୦ ଉପଲକ୍ଷେ ଦେବଗଡ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଇଂ. ବିଷ୍ଣୁ ପ୍ରସାଦ ଅମାତ୍ୟ
ଜିଲ୍ଲା,ସାଧାରଣ ସଂପାଦକ ବିଜେଡି, ଦେବଗଡ

**ଅଭିନନ୍ଦନ**

ଉତ୍ସ୍ୱବ ପ୍ରଧାନପାଟ–୨୦୨୦ ଉପଲକ୍ଷେ ଦେବଗଡ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ସୁଧାମୟୀ ପଟେଲ
ଜିଲା ପରିଷଦ ଅଧ୍ୟକ୍ଷା,ଦେବଗଡ

**ଅଭିନନ୍ଦନ**

ଉତ୍ସ୍ୱବ ପ୍ରଧାନପାଟ–୨୦୨୦ ଉପଲକ୍ଷେ ଦେବଗଡ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ପ୍ରସନ୍ନ କୁମାର ବେହେରା
ସାମାଜିକ କର୍ମୀ, ମ୍ୟାନେଜିଙ୍ଗ ପାର୍ଟନର, ତୁଳସୀ କନ୍‌ଷ୍ଟ୍ରକ୍‌ସନ୍,ଦେବଗଡ

**ଅଭିନନ୍ଦନ**

ଉତ୍ସ୍ୱବ ପ୍ରଧାନପାଟ–୨୦୨୦ ଉପଲକ୍ଷେ ଦେବଗଡ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଅରୁଣ କୁମାର ସାହୁ
ପୂର୍ବତନ ଭାଜପା ଜିଲା ସଭାପତି, ଦେବଗଡ

**ଅଭିନନ୍ଦନ**

ଉତ୍ସ୍ୱବ ପ୍ରଧାନପାଟ–୨୦୨୦ ଉପଲକ୍ଷେ ଦେବଗଡ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ସୁବାସିନୀ ସାହୁ
ବାରକୋଟ ବ୍ଲକ ଅଧ୍ୟକ୍ଷା, ଦେବଗଡ ଜିଲା

**ଅଭିନନ୍ଦନ**

ଉତ୍ସ୍ୱବ ପ୍ରଧାନପାଟ–୨୦୨୦ ଉପଲକ୍ଷେ ଦେବଗଡ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ସୁବାସ ଚନ୍ଦ୍ର ପାଣିଗ୍ରାହୀ
ବିଧାୟକ, ଦେବଗଡ

**ଅଭିନନ୍ଦନ**
ଉତ୍ସ୍ୱବ ପ୍ରଧାନପାଟ–୨୦୨୦ ଉପଲକ୍ଷେ ଦେବଗଡ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ରାଜା ନିତେଶ ଗଙ୍ଗଦେବ,
ସାଂସଦ ,ସମ୍ବଲପୁର

**ଅଭିନନ୍ଦନ**

ଉତ୍ସ୍ୱବ ପ୍ରଧାନପାଟ–୨୦୨୦ ଉପଲକ୍ଷେ ଦେବଗଡ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସମସ୍ତ କଳାକାର ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଡକ୍ଟର.ଉଇଲିୟମ ହେଣ୍ଡେଜ୍ – ସେକ୍ରେଟାରୀ
ଜେନେରାଲ ଏସିଆନ୍ ପେସିଫିକ୍ ହେବିଟେଟ୍ ସୋସାଇଟି

# ନାଚ, ଗୀତରେ ଝୁମିଲେ ଦର୍ଶକ



## ଟଙ୍କା ଭର୍ତ୍ତି ଭ୍ୟାନିଟି ବ୍ୟାଗ୍ ଫେରାଇଦେଲେ

**କୁଚିଣ୍ଡା, ୧୪।୨ (ଡି.ଏନ.ଏ.)**

କୁଚିଣ୍ଡାର ଜଣେ ଜଳଖିଆ ଦୋକାନୀ ପାଇଥିବା ଏକ ଟଙ୍କା ଭର୍ତ୍ତି ଭ୍ୟାନିଟି ଥାନାରେ ଦେଇଛନ୍ତି। ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଡାକି ତାହା ହସ୍ତାନ୍ତର କରିଛି। ବ୍ରହ୍ମା ବାଘ ନାମକ ଏହି ବ୍ୟକ୍ତି ଜଣକ କଲେଜ ରୋଡରୁ ଏହି ଭ୍ୟାନିଟି ପାଇଥିଲେ। ଥାନାରେ ବ୍ୟାଗ ଖୋଲି ଦେଖିଲା ବେଳକୁ ୧୦ ହଜାର ଟଙ୍କା, ଗୋଟିଏ ମୋବାଇଲ ଫୋନ୍, ୨ଟି ଏଟିଏମ କାର୍ଡ, ଗୋଟିଏ ପେନ୍ ଡ୍ରାଇଭ ମିଳିଥିଲା। ଏହା ମହୁଲଡିହିର ବିରଞ୍ଚି ସାହୁଙ୍କ ଭଉଣୀ ସୌଦାମିନୀ ସାହୁଙ୍କର ବୋଲି ଜଣା ପଡିବା ପରେ ପୋଲିସ ତାଙ୍କୁ ଥାନାକୁ ଡାକି ଏ ସବୁ ଫେରାଇଛି। ଭୋଜପୁର ରେଞ୍ଜ ଅଧୀନରେ ଫରେଷ୍ଟର ଥିବା ସୌଦାମିନୀ ଜଳଖିଆ ଦୋକାନୀ ବ୍ରହ୍ମାଙ୍କ ମାନବିକତାକୁ ପ୍ରଶଂସା କରି ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବାଲି ବୋଝେଇ ଟ୍ରକ୍ ଓଲଟିଲା

**ଜମନକିରା, ୧୪।୨(ଡି.ଏନ୍.ଏ.)**

ଜମନକିରା ଥାନା କଟଙ୍ଗପାଣି ପଞ୍ଚାୟତ ଫୁଲକୁସମ ରାସ୍ତାରେ ଶୁକ୍ରବାର ଅପରାହ୍ନ ସାଢ଼େ ୩ଟା ସମୟରେ ଭାରସାମ୍ୟ ହରାଇ ଏକ ବାଲି ବୋଝେଇ ହାଇୱା ଦୁର୍ଘଟଣାଗ୍ରସ୍ତ ହୋଇଛି। ଚାଳକ ଶରତ ବାଘ ରକ୍ଷା ପାଇଛନ୍ତି। ଝାରସୁଗୁଡ଼ାର ଏହି ହାଇୱା (ଓଡ଼ି ୨୩ ଏନ୍‌୭୯୦) ବାଲି ବୋଝେଇ କରି ଜମନକିରା ଅଭିମୁଖେ ଆସୁଥିଲା।





'ଉତ୍ସବ ପ୍ରଧାନପାଟ-୨୦୨୦'ର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚରେ ଉପସ୍ଥିତ ଅତିଥି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନଙ୍କ ନୃତ୍ୟ ପରିବେଷଣ।

## 'ଉତ୍ସବ ପ୍ରଧାନପାଟ-୨୦୨୦'ର ଅନ୍ତିମସନ୍ଧ୍ୟା

**ଦେବଗଡ଼, ୧୪।୨(ଡି.ଏନ.ଏ)**

ସ୍ଥାନୀୟ ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ୫ଦିନ ଧରି ଚାଲିଥିବା 'ଉତ୍ସବ ପ୍ରଧାନପାଟ-୨୦୨୦'ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ସନ୍ଧ୍ୟାରେ ଦର୍ଶକଙ୍କ ପ୍ରବଳ ଭିଡ ଜମିଥିଲା। ରାଜ୍ୟ ଓ ରାଜ୍ୟ ବାହାର କଳାକାରମାନଙ୍କ ନାଚଗୀତରେ ଦର୍ଶକ ଝୁମିଉଠିଥିଲେ। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଲୋକସଭା ସଦସ୍ୟ ରାଜା ନିତେଶ ଗଙ୍ଗଦେବ, ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ, ଏସ୍‌ପି ରାହୁଲ ଜୈନ, ବାରକୋଟ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସାହୁ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ସୁବାସିନୀ ଦେହୁରୀ, ରିଆମାଳ ଅଧ୍ୟକ୍ଷା ରୀତାଞ୍ଜଳି ହାତୀ, ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୀନସେଣ୍ଟ ପୁନମକାନ୍ତ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନପାଟ ପର୍ଯ୍ୟଟନସ୍ଥଳର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ତିମ ସନ୍ଧ୍ୟାରେ କୋଲକତାର ବେଙ୍ଗଲି ଫୋକ୍, ପୁରୀର ସାହିଜାତ ନାଚ, ଆଇଆରବି ବଙ୍ଗପଡାର ଜୁମ୍ବ ଡ୍ୟାନ୍ସ, ସମ୍ବଲପୁରର କାହାର ନାଚ, ଛତିଶଗଡ଼ର ଲୋକନୃତ୍ୟ, କଳାହାଣ୍ଡିର ଘୁମୁରା ନାଚ, ବରଗଡ଼ର ପ୍ରଭା ନାଚ ଆଦି ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘୋଷିକା, ଉଦ୍‌ଘୋଷକ ଭାବେ ବଂଶୀଧର ସାହୁ, ଜନ୍ମେଜୟ





ନାୟକ, ମିନାକ୍ଷୀ ଧର, ବିଦେଶୀ ସାହୁ, ପ୍ରିତମପ୍ରିୟ ବେହେରା, ସୁନିଶ୍ଚିତା ପାଢ଼ୀ, ସ୍ୱସ୍ତି ସୌମ୍ୟା ଦାଶ, ସୁମନ ମହାକୁଳ, ସ୍ୱପ୍ନା ପୁରୋହିତ, ଜୟଶ୍ରୀ ଗଙ୍ଗଦେବ, ଖୁସି ସାହୁ, ଅଭୟ କୁମାର, ସୌମ୍ୟବ୍ରତା ଦଳବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବ ଅବସରରେ ଓରମାସ୍ ପକ୍ଷରୁ ଆକର୍ଷଣୀୟ ପଲ୍ଲିଶ୍ରୀ ମେଳା ଆୟୋଜିତ ହୋଇଥିବାବେଳେ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ମଧ୍ୟ ଦର୍ଶକ ଏବଂ ଜନସାଧାରଣଙ୍କ ପାଇଁ ବେଶ ଉପଭୋଗ୍ୟ ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଘୋଷଣା ମୁତାବକ ହେଉନି କାମ

**ବଲାଙ୍ଗୀର ଅଫିସ, ୧୪।୨**

ଗତବର୍ଷ ଜାନୁୟାରୀ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଆସି ବଲାଙ୍ଗୀର-ବିଚ୍ଛୁପାଲି ରେଲଲାଇନ୍ ଓ ପାସେଞ୍ଜର ଟ୍ରେନର ଲୋକାର୍ପଣ କରିବା ସହ ପଶ୍ଚିମ ଓଡ଼ିଶାର ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ଘୋଷଣା କରିଥିଲେ। ବଲାଙ୍ଗୀର ଜିଲାର ରାଣୀପୁର-ଝରିଏଲସ୍ଥିତ ଚୌଷଠି ଯୋଗିନୀ ପୀଠ, ବୌଦ୍ଧ ଜିଲା ଗନ୍ଧରାଡି ମନ୍ଦିର ଏବଂ କଳାହାଣ୍ଡି ଜିଲା ଅସୁରଗଡ ଦୁର୍ଗ ପୁନରୁଦ୍ଧାର ପର୍ଯ୍ୟଟନର ବିକାଶ ଦିଗରେ ସହାୟକ ହେବ ବୋଲି କହିଥିଲେ। ଏସବୁ କୀର୍ତ୍ତିରାଜିର ବିକାଶ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଉଥିବା ପ୍ରଧାନମନ୍ତ୍ରୀ ମୋଦି ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ। ଏହାର ଏକବର୍ଷ ପରେ ସୂଚନା ଅଧିକାର ଆଇନ ଜରିଆରେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ଅନ୍ତର୍ଗତ ଭୁବନେଶ୍ୱର ସର୍କଲ ଅଫିସ ପକ୍ଷରୁ ମିଳିଥିବା ତଥ୍ୟ ବାସ୍ତବତାଠାରୁ ବହୁ ଦୂରରେ ବୋଲି ଜଣାପଡିଛି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ଦିଆଯାଇଥିବା ତଥ୍ୟରେ ବିଗତ ୩ବର୍ଷ ମଧ୍ୟରେ ବଲାଙ୍ଗୀର ଜିଲା ରାଣୀପୁର-ଝରିଏଲ, ବୌଦ୍ଧ ଜିଲା ଗନ୍ଧରାଡି ସ୍ଥିତ ମନ୍ଦିରରେ ଟେଲିକମ୍ୟୁନିକେଶନ କନ୍‌ସଲଟାଣ୍ଟ ଇଣ୍ଡିଆ ପକ୍ଷରୁ ଶୌଚାଳୟ ସମୂହ ନିର୍ମାଣ କରାଯାଇଥିବା ଓ ଗନ୍ଧରାଡି ମନ୍ଦିର ଏବଂ ଅସୁରଗଡ଼ରେ ପାଚେରୀ ନିର୍ମାଣ କରାଯାଇଥିବା ଜଣାପଡିଛି। ରାଣୀପୁର-ଝରିଏଲରେ କୀର୍ତ୍ତିରାଜି ସୁରକ୍ଷା ପାଇଁ ଏକ ନୋଟିସ ବୋର୍ଡ ଲଗାଯାଇଥିବା ବେଳେ ଗନ୍ଧରାଡି ମନ୍ଦିରରେ କାଠ କବାଟ ଏବଂ ରଙ୍ଗ ଦିଆଯାଇଥିବା ତଥ୍ୟରୁ ଜଣାପଡିଛି। ଅସୁରଗଡ଼ ଖନନ ପାଇଁ ୨୦୧୮-୧୯ରେ ୩୧ ଲକ୍ଷ ୮୦ ହଜାର ୭୫ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୨୦୧୯-୨୦ ବର୍ଷରେ ମାତ୍ର ୧୪ ଲକ୍ଷ ୩୩ ହଜାର ୨୯୭ ଟଙ୍କା ଖର୍ଚ୍ଚ କରାଯାଇଛି। ପ୍ରଧାନମନ୍ତ୍ରୀ ପୀଠଗୁଡିକର ବିକାଶ ପାଇଁ ଯେଭଳି ଆଗ୍ରହ ପ୍ରକାଶ କରି ବକ୍ତବ୍ୟ ଦେଇଥିଲେ ବାସ୍ତବତାରେ ସେଭଳି କରାଯାଉ ନ ଥିବା ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି। ପଶ୍ଚିମ ଓଡ଼ିଶାର ପ୍ରାଚୀନ ପୀଠଗୁଡିକର ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଏହି ଅବହେଳିତ ପୀଠଗୁଡିକର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆନ୍ତରିକତାର ସହ କାର୍ଯ୍ୟ କଲେ ଏହାର ସୁରକ୍ଷା ହୋଇପାରିବ ବୋଲି ପଣ୍ଡା କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଭାଷଣ ବାସ୍ତବତାରେ ପରିଣତ ହେଲେ ରାଜ୍ୟର ଜନସାଧାରଣ ଉପକୃତ ହୁଅନ୍ତେ ବୋଲି ପଣ୍ଡା କହିଛନ୍ତି। ରାଜ୍ୟ ସରକାର ରାଜ୍ୟବ୍ୟାପୀ ବିଭିନ୍ନ ମନ୍ଦିରର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରିଥିବାବେଳେ ଗତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ହରିଶଙ୍କର ପୀଠର ବିକାଶ ପାଇଁ କୌଣସି ବ୍ୟବସ୍ଥା ନ କରିବା ବଲାଙ୍ଗୀର ଜିଲାବାସୀଙ୍କୁ ମର୍ମାହତ କରିଛି ବୋଲି ପଣ୍ଡା କହିବା ସହ ତୁରନ୍ତ ମୁଖ୍ୟମନ୍ତ୍ରୀ ହରିଶଙ୍କର ସମେତ ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ନିର୍ଦ୍ଦେଶ ଦେବାକୁ ସୂଚନା କର୍ମୀ ପଣ୍ଡା ଦାବି କରିଛନ୍ତି।

## ଏସ୍‌ୟୁରେ ପାଠ୍ୟକ୍ରମ ବନ୍ଦ: ଧାରଣା ଦେଲେ ଛାତ୍ରୀଛାତ୍ର

**ସମ୍ବଲପୁର, ୧୪।୨(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ରେ ମେଡିକାଲ ଫିଜିକ୍ସ ପାଠ୍ୟକ୍ରମ ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରା ନ ଯାଇ କେବଳ ଫିଜିକ୍ସ ସ୍ନାତକୋତ୍ତର ପାଠ୍ୟକ୍ରମ ବ୍ୟବସ୍ଥା କରାଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ଅସନ୍ତୋଷ ଉଗ୍ର ରୂପ ନେଇଛି। ଶୁକ୍ରବାର ପ୍ରଥମେ ଏମ୍‌ବିଏ ବିଭାଗ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣାରେ ବସିଥିଲେ। ପରେ ପ୍ରଶାସନିକ କୋଠାରେ ସେମାନେ ନିଜକୁ ଭିତରପଟୁ ବନ୍ଦ କରି ଦେଇ ଧାରଣାରେ ବସି ଆନ୍ଦୋଳନ କରୁଛନ୍ତି। ଅପରାହ୍ନରୁ ରାତି ୮ ପର୍ଯ୍ୟନ୍ତ ତୁହାକୁତୁହା ଆଲୋଚନା କଲେ ମଧ୍ୟ ଏହାର ସମାଧାନ ହୋଇ ପାରି ନ ଥିଲା। ରେଜିଷ୍ଟ୍ରାର ସଞ୍ଜିତ ସାହୁ ଓ ଅନ୍ୟ ଅଧିକାରୀମାନେ ଆସି ଆଲୋଚନା କରିଥିଲେ। ହେଲେ ବିଫଳ ହୋଇଥିଲେ। କୁଳପତି ଆସି ଆଲୋଚନା କରିବାକୁ ଛାତ୍ରୀଛାତ୍ର ଦାବି କରିଥିଲେ। ଅଭିଯୋଗ କ୍ରମେ ଅନୁମତି ବିନା ଏହି ପାଠ୍ୟକ୍ରମ ଆରମ୍ଭ ହୋଇଥିଲା। ତୃତୀୟ ବର୍ଷ ଛାତ୍ରୀଛାତ୍ର ଇଣ୍ଟର୍ନସିପର ଅନୁମତି ନ ପାଇବାରୁ ସମସ୍ୟା ବିଷୟରେ ଜାଣିବାକୁ ପାଇଥିଲେ। ଏହାର ସମାଧାନ ପାଇଁ ଡିସେମ୍ବର ୨ ତାରିଖଠାରୁ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଥିଲେ। ସମାଧାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇ ଏବେ ଚୁପ୍। ତେବେ ଏ ସମ୍ପର୍କରେ ଭାରପ୍ରାପ୍ତ କୁଳପତି ଅର୍କ କେଶରୀ ଦାସ କହିଛନ୍ତି ଯେ, ଛାତ୍ରୀଛାତ୍ରଙ୍କୁ ନେଇ କର୍ତ୍ତୃପକ୍ଷ ଚିନ୍ତିତ। ପାଠପଢା ପାଇଁ ସୁବିଧା କରାଯାଉଛି। ହେଲେ ଭିତ୍ତିଭୂମି ଅଭାବ ଯୋଗୁ ଅନୁମତି ମିଳିବାରେ ସମସ୍ୟା ହେଉଛି। ସମୟ ଲାଗିପାରେ। ହେଲେ ସମାଧାନ ହୋଇଯିବ ବୋଲି କହିଛନ୍ତି।



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ଭିତରେ ନିଜକୁ ତାଲା ମାରି ଛାତ୍ରୀଛାତ୍ର ଆନ୍ଦୋଳନରେ ବସିଛନ୍ତି।



ଟିକିଲିପଡ଼ାରେ ଜଙ୍ଘାଲିଙ୍ଘା ପୂଜାରେ ସାମିଲ ଶ୍ରଦ୍ଧାଳୁ।

## ଟିକିଲିପଡ଼ାରେ ଜଙ୍ଘାଲିଙ୍ଘା ପୂଜା

**ଜମନକିରା, ୧୪।୨(ଡି.ଏନ୍.ଏ)**

ଜମନକିରା ବ୍ଲକ୍ ଟିକିଲିପଡ଼ା ଆଞ୍ଚଳିକ କମିଟି ଗୁଡ଼ି ଆନୁକୂଲ୍ୟରେ ଆଦିମ ଅଧିବାସୀ ଗଣ୍ଡ ସମାଜର ଶୁକ୍ରବାର ୩୨ତମ ବଡ଼ଦେଓଙ୍କ ଜଙ୍ଘାଲିଙ୍ଘା ପୂଜା ଅନୁଷ୍ଠିତ ହୋଇଯାଇଛି। ବଡ଼ଗାଁ, ଭୋଇପାଲି ଗୁଡ଼ିରୁ ୧୦ ତାରିଖରୁ ୨ ଦିନ ପଦଯାତ୍ରା କରି ଟିକିଲିପଡ଼ା ଆଞ୍ଚଳିକ କମିଟିର କଣ୍ଡେଶ୍ୱରବେର୍ଣ୍ଣା ଗ୍ରାମକୁ ଆଣି ସ୍ଥାପନା କରି ପୂଜାର୍ଚ୍ଚନା କରାଯାଇଥିଲା। ଆଞ୍ଚଳିକ ଗୁଡ଼ି କମିଟି ସଭାପତି ଉପେନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ପୂଜକ ଭାବେ ଗୁରଚରଣ ମାଝୀ ପୌରୋହିତ କାର୍ଯ୍ୟ କରିଥିବା ବେଳେ କର୍ତ୍ତାଭାବେ ଡିଲେଶ୍ୱର ନାଏକ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଏଥିରେ ବହୁ ସାମାଜିକ ମହିଳା, ପୁରୁଷ, ଯୁବତୀ, ଯୁବକ ସାମିଲ ଥିଲେ।

## ଭାଲେଣ୍ଟାଇନ୍ସ ଡେରେ ମାତୃପିତୃ ପୂଜନ

**ବାରକୋଟ, ୧୪।୨(ଡି.ଏନ.ଏ.)**

ଭାଲେଣ୍ଟାଇନ୍ସ ଡେରେ ପାଳନ ଅବସରରେ ଦେବଗଡ଼ ଜିଲା ବାରକୋଟ ବ୍ଲକ ଅଧୀନ ମଣ୍ଡାଶିଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ସମସ୍ତ ଛାତ୍ରୀଛାତ୍ରମାନେ ନିଜ ମାତାପିତାଙ୍କୁ ପୂଜା କରିଥିଲେ। ଏଥିରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ସିଆର୍‌ସିସି ନିତ୍ୟାନନ୍ଦ ଗଡନାୟକ, ପ୍ରଧାନ ଶିକ୍ଷକ ଲିଙ୍ଗରାଜ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁଲୱାମା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶିକ୍ଷକ ହିଂମାଂଶୁ କୁମାର ନାୟକ ଭାଲେଣ୍ଟାଇନ୍ସ ଡେ ଦିବସର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ନିଜ ମାତାପିତାଙ୍କୁ ପୂଜା କରି ଏକ ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିବାକୁ ମତପ୍ରକାଶ କରିଥିଲେ। କ୍ରୀଡ଼ା ଶିକ୍ଷକ ଦିଲୀପ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



ନାକଟିଦେଉଳ କଲେଜରେ ବୃତ୍ତି ପରାମର୍ଶ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

## ନାକଟିଦେଉଳ କଲେଜରେ ବୃତ୍ତି ପରାମର୍ଶ କାର୍ଯ୍ୟକ୍ରମ

**ନାକଟିଦେଉଳ, ୧୪।୨ (ଡି.ଏନ.ଏ.)**

ନାକଟିଦେଉଳ କନିଷ୍ଠ ମହାବିଦ୍ୟାଳୟରେ ବୃତ୍ତି ପରାମର୍ଶ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କନ୍ଦର୍ପ ରାଉଳ ସଭାପତିତ୍ୱ କରିଥିଲେ। ପ୍ରଥମ ବର୍ଷ କଳା ବିଭାଗର ସମୁଦାୟ ୧୨୪ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସୌମ୍ୟଶ୍ରୀ ଦେହୁରୀ, ଅମିତା ଧଳ ଏବଂ ଶୁଭଜିତ ଦେହୁରୀ ପ୍ରମୁଖ ଛାତ୍ରଛାତ୍ରୀ ସହଯୋଗ କରିଥିବାବେଳେ ଶେଷରେ ଅଧ୍ୟାପକ ସରୋଜ କୁମାର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର







ଶୁକ୍ରବାର ସମ୍ବଲପୁର ଜିଲା ହୁମା ପଞ୍ଚାୟତ ଗ୍ରୀଣ୍ଡୁଲାପାଲି ଜନସାଧାରଣ ପକ୍କା ଘର ଦାବିରେ ଲୋକେ ଜିଲାପାଳଙ୍କ ଅଫିସକୁ ଅଭିଯୋଗ କରିବାକୁ ଆସିଛନ୍ତି (ବାମ)। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଫାଟକରେ ଛାତ୍ରୀଛାତ୍ର ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ସମବେତ ହୋଇଛନ୍ତି (ମଝି)। ସମ୍ବଲପୁର ଗାୟତ୍ରୀ କଲେଜ ଅଫ୍ ଫାର୍ମାସି ପରିସରରେ ପୁଲୱାମା ଶହୀଦଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ଅନୁପ ସାଏଙ୍କ କୁଶପୁତ୍ତଳିକା ଦାହ କଲେ ଭାଜପା ଯୁବମୋର୍ଚ୍ଚା

**ବ୍ରଜରାଜନଗର,୧୪।୨(ଡି.ଏନ.ଏ.):** ସ୍ଥାନୀୟ ରେଳ ଷ୍ଟେଶନଠାରେ ବ୍ରଜରାଜନଗର ଭାଜପା ମଣ୍ଡଳ ପକ୍ଷରୁ ସଭାପତି ରିଙ୍କୁଣ ଧୁରୁଆଙ୍କ ନେତୃତ୍ୱରେ ଅନୁପ ସାଏଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ଅନୁପଙ୍କ ବିରୋଧରେ ଭାଜପା କର୍ମୀମାନେ ବିଶୋଷଗାର କରିବା ସହ ନାରାବାଜୀ ମଧ କରିଥିଲେ । କାର୍ଯ୍ୟକ୍ରମରେ ଅନୁପଙ୍କ ରାଜନୈତିକ ପ୍ରତିଦ୍ୱନ୍ଦି ବିରୋଧମାନେ ମଧ ସାମିଲ ଥିଲେ ।

### ରାଜପୁର ମଦଭାଟି ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ

**ବ୍ରଜରାଜନଗର,୧୪।୨(ଡି.ଏନ.ଏ.):** ରାଜପୁର ଗ୍ରାମରେ ଥିବା ମଦଭାଟି ବିରୋଧରେ ଦିନକୁ ଦିନ ଅଭିଯୋଗମାନ ବଢ଼ିବାରେ ଲାଗିଛି । ମଦଭାଟି ଦୈନିକ କେତେ ସମୟ ଖୋଲାଯିବ ସେ ସମ୍ବନ୍ଧରେ ସର୍ବଶେଷ ତଥ୍ୟ ଆରଟିଆଇରେ ମାଗିଛନ୍ତି ସ୍ଥାନୀୟ ସମିତି ସଭ୍ୟ ଗଣେଷରାମ ବାଗ। ଚଳିତ ମାସ ୧୧ ତାରିଖରେ ଆରଟିଆଇ ମାଗି ଜିଲାପାଳଙ୍କ ନିକଟରେ ଅଭିଯୋଗ ମଧ କରିଛନ୍ତି । ଆଗକୁ ଭାଟି ବିରୋଧରେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ।

ନାବାଳିକା ଅପହରଣ, ବଳାତ୍କାର ଅଭିଯୋଗ

### ଯୁବକ ଗିରଫ, କୋର୍ଟ ଚାଲାଣ

**ବ୍ରଜରାଜନଗର,୧୪।୨(ଡି.ଏନ.ଏ.):** ବ୍ରଜରାଜନଗର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ଓ ପରେ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ମାମଲା ରୁଜୁ କରି ଥାନା ପ୍ରଭାରୀ ଘଟଣା ତଦନ୍ତ କରି ଅଭିଯୁକ୍ତ ଯୁବକ ତେଲେନପାଲି ଗ୍ରାମର ସୁମିତ ପଟ୍ଟନାୟକ (୧୮)ଙ୍କୁ ସମ୍ବଲପୁର ରେଲଷ୍ଟେଶନରୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତଙ୍କ ସହିତ ନାବାଳିକାର ପ୍ରେମ ସମ୍ପର୍କ ଥିବା ପୋଲିସ ଆଗରେ ସ୍ୱୀକାର କରିଛି ।

### ମହୁମାଛି ଆକ୍ରମଣରେ ଜଣେ ମୃତ

**ବ୍ରଜରାଜନଗର,୧୪।୨(ଡି.ଏନ.ଏ.):** ଗାନ୍ଧୀଛକ ପାଣ୍ଠି ଅନ୍ତର୍ଗତ କଣ୍ଟାପାଲି ଗ୍ରାମରେ ବରଗଡ ଜିଲାର ମଙ୍ଗଳ ଦାଶ (୫୮) ଗତ କିଛି ବର୍ଷ ହେବ ଭଡାରେ ରହୁଥିଲେ । ଗତ ୧୧ ତାରିଖ ସନ୍ଧ୍ୟାରେ ସେ ଗାନ୍ଧିଛକଠାରୁ ନିଜ ଘରକୁ ଫେରୁଥିଲେ । କଣ୍ଟାପାଲି ଫୁଟବଲ ପଡିଆ ପାଖ ଆମ୍ବ ଗଛରେ ଥିବା ମହୁମାଛି ମାନେ ହଠାତ ତାଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣ ପରେ ତୁରନ୍ତ ତାଙ୍କୁ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ଶୁକ୍ରବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି ।

# ଟୋକନ୍ ଦେବାରେ ବିଳମ୍ବ, ଧାନ ବିକ୍ରିରୁ ବଞ୍ଚିତ ଚାଷୀ

**ଲଖନପୁର, ୧୪।୨ (ଡି.ଏନ.ଏ.)**



ସରଣ୍ଡାମାଲ ପ୍ୟାକ୍ସ ଅଧୀନ କୃଷକ ସଙ୍ଗଠନ କର୍ମକର୍ତ୍ତା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

**ସରଣ୍ଡାମାଲ ପ୍ୟାକ୍ସ**

- ଚାଷୀ ସଙ୍ଗଠନର ଆନ୍ଦୋଳନ ଚେତାବନୀ

ଚଳିତବର୍ଷ ଧାନ ବିକ୍ରି ପାଇଁ ଝାରସୁଗୁଡା ଜିଲାରେ ପ୍ରଥମ ପର୍ଯ୍ୟାୟ ୧୧ ହଜାର ଚାଷୀଙ୍କୁ ଟୋକନ୍ ପ୍ରଦାନ କରାଯାଇଛି। ଟୋକନ୍ ପାଇଥିବା କେତେକ ଚାଷୀମାନେ ପ୍ରଥମ ପର୍ଯ୍ୟାୟରେ କିଛି ଧାନ ବିକ୍ରି କରିଥିବାବେଳେ ବାକି ଧାନ ବିକ୍ରି କରିପାରିନାହାନ୍ତି । ଆଉ କେତେକ ଚାଷୀ ଟୋକାନ୍ ପାଇବାରୁ ଅଦ୍ୟାବଧି ବଞ୍ଚିତ ରହିଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀମାନେ ଟୋକନ୍ ଆଜି କାଲି ଦିଆଯିବ କହି ଦିନ ଗଡାଇ ଚାଲିଛନ୍ତି । ଫଳରେ ଚାଷୀମାନେ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀମାନେ ଅଭାବୀ ବିକ୍ରିର ଶିକାର ହୋଇ ବାହାରେ ବ୍ୟବସାୟୀମାନଙ୍କୁ କମ୍ ମୂଲ୍ୟରେ ଧାନ ବିକ୍ରି ପାଇଁ ବାଧ୍ୟ ହେଉଛନ୍ତି । ଏ ସମ୍ପର୍କରେ ଜିଲା ପ୍ରଶାସନ, ଜିଲା ଯୋଗାଣ ବିଭାଗ ଓ ଏଆର୍‌ସିଏସ୍‌ଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଫଳରେ ଜିଲାର ବିଭିନ୍ନ ଚାଷୀ ସଙ୍ଗଠନ ମିଳିତ ହୋଇ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି । ଏଭଳି ସ୍ଥିତିରେ ସରଣ୍ଡାମାଲ ପ୍ୟାକ୍ସ ଅଧୀନ ବନ୍ଧବାହାଲ, ସରଣ୍ଡାମାଲ ଓ ଦଲଗାଁ ପଞ୍ଚାୟତ ଚାଷୀ ସଙ୍ଗଠନ ଗତ ଗୁରୁବାର ଜିଲାପାଳ, ଜିଲା ଯୋଗାଣ ବିଭାଗ ଓ ଏଆର୍‌ସିଏସ୍ ଆଦିଙ୍କୁ ଭେଟି ଟୋକନ୍ ପ୍ରଦାନ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ସଙ୍ଗଠନ ସଭାପତି ସାଲେଗ୍ରାମ ନାୟକ, ସମ୍ପାଦକ କାମଦେବ ପାଢ଼ୀ, ଯୁଗ୍ମସମ୍ପାଦକ ବସନ୍ତ ପାଢ଼ୀ, ସୂର୍ଯ୍ୟ କୁମାର ପାଢ଼ୀ, ଲବଣୀ ଉର୍ମା ପ୍ରମୁଖ କର୍ମକର୍ତ୍ତା ସାମିଲ ଥିଲେ। ତୁରନ୍ତ ଏହାର ସମାଧାନ ନ ହେଲେ ସଙ୍ଗଠନ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛି। ଝାରସୁଗୁଡା ଜିଲାରେ ଗତବର୍ଷ ୧୨ ହଜାର ୫୫୬ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିଲେ। ଚଳିତବର୍ଷ ୧୪ ହଜାର ୪୪୧ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ୧୧ ହଜାର ଚାଷୀଙ୍କୁ ଟୋକନ୍ ପ୍ରଦାନ କରାଯାଇଛି । ୫ ଲକ୍ଷ ୩୭ ହଜାର ୭ ଶହ କୁଇଣ୍ଟାଲ ଧାନ କିଣା ହେଲାଣି । ଆଗାମୀ ଦିନରେ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ୍ ପ୍ରଦାନ କରାଯିବ। ସାଢେ ୬ ଲକ୍ଷ କୁଇଣ୍ଟାଲ ଧାନ କିଣିବାର ଲକ୍ଷ୍ୟ ରଖାଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ଉଦିତ ପଟ୍ଟନାୟକ କହିଛନ୍ତି। ଏଭଳି ସ୍ଥିତିରେ ସରଣ୍ଡାମାଲ ପ୍ୟାକ୍ସ ଅଧୀନରେ ସମୁଦାୟ ୩୫୦ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଛନ୍ତି । ଏଥିମଧ୍ୟରୁ ୩୨୫ଜଣ ଚାଷୀଙ୍କୁ ଟୋକନ୍ ପ୍ରଦାନ କରାଯାଇଛି । ବାକି ୨୫ ଜଣ ଚାଷୀଙ୍କ ମଧ୍ୟରେ ୧୧ ଜଣ ଚାଷୀଙ୍କ ଜମି ପରିମାଣ ଆକଳନରେ ତ୍ରୁଟି ଦେଖାଦେଇଛି। ବାକି ୧୪ ଜଣ ଚାଷୀଙ୍କୁ ଟୋକନ୍ ମିଳିନାହିଁ। ଟୋକନ୍ ମିଳିଥିବା ଚାଷୀଙ୍କ ମଧ୍ୟରୁ କେତେକ ଚାଷୀ ପ୍ରଥମ ପର୍ଯ୍ୟାୟରେ ଧାନ ବିକ୍ରି କରିଛନ୍ତି । ବାକି ଧାନ ବିକ୍ରି କରିପାରିନାହାନ୍ତି। ଏଥିମଧ୍ୟରୁ ଧାନ ବିକ୍ରି କରିଥିବା କେତେକ ଚାଷୀଙ୍କ ଆଖିପରୀକ୍ଷା ସମୟରେ ସମସ୍ୟା ଦେଖାଦେବାରୁ ଧାନର ମୂଲ୍ୟ ପାଇପାରୁନାହାନ୍ତି । ଯୋଗାଣ ବିଭାଗ ପକ୍ଷରୁ ସରଣ୍ଡାମାଲ ପ୍ୟାକ୍ସକୁ ପ୍ରଥମ ପର୍ଯ୍ୟାୟରେ ୨୦ ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟାର୍ଗେଟ୍ ଦିଆଯାଇଛି। ଏଥିମଧ୍ୟରେ ୧୯ ହଜାର ୧୬୧ କୁଇଣ୍ଟାଲ ଧାନ ଚାଷୀଙ୍କ ନିକଟରୁ କିଣାଯାଇଛି। ବାକି ୩୪୦ କୁଇଣ୍ଟାଲ ଧାନ ଟୋକନ୍ ଅଭାବ ପାଇଁ କିଣା ଯାଇପାରିନାହିଁ। ଏଭଳି ସ୍ଥିତିରେ ଋଣଗ୍ରସ୍ତ ଚାଷୀମାନେ ଋଣ ପରିଶୋଧ କରି ନ ପାରି ମୁଣ୍ଡରେ ହାତଦେଇ ବସିଛନ୍ତି । ଏ ନେଇ ଜିଲା ଯୋଗାଣ ଅଧିକାରୀ ଉଦିତ ପଟ୍ଟନାୟକ କହିଛନ୍ତି ଜିଲାକୁ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ୨୮ ହଜାର ୬ ଶହ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଛି। ଏହି ଟାର୍ଗେଟ୍‌ରେ ଜିଲାର ବିଭିନ୍ନ ପ୍ୟାକ୍ସରୁ ଦ୍ୱିତୀୟ ପର୍ଯ୍ୟାୟରେ ଧାନ କିଣାଯିବ ବୋଲି ସେ କହିଛନ୍ତି । ଏ ନେଇ ସରଣ୍ଡାମାଲ ପ୍ୟାକ୍ସ ସମ୍ପାଦକ ଗଜାନନ ପ୍ରଧାନ କହିଛନ୍ତି ଯେ, ଜିଲାକୁ ଆସିଥିବା ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ୍ ତାଲିକାରେ ସରଣ୍ଡାମାଲ ପ୍ୟାକ୍ସକୁ ଟାର୍ଗେଟ୍ ଦିଆଯାଇନାହିଁ । ଏ ନେଇ ଏଆରସିସି ସ୍ମୃତିଲତା ବେହେରା କହିଛନ୍ତି ସରଣ୍ଡାମାଲ ପ୍ୟାକ୍ସକୁ ଧାନ କିଣିବା ପାଇଁ ଦ୍ୱିତୀୟ ଟାର୍ଗେଟ୍ ଦିଆଯିବ।

## ଲଇକେରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ

**ଲଇକେରା, ୧୪।୨(ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନଭିତ୍ତିକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ପରମାଣୁ ଶକ୍ତି ବିଭାଗ ଦ୍ୱାରା ଖୋଦନ କରାଯାଉଥିବା ପଣ୍ଡକିମାଲସ୍ଥିତ ୟୁରାନିୟମ ଖଣିକୁ ପରିଦର୍ଶନ ପାଇଁ ଛାତ୍ରୀଛାତ୍ର ଯାଇଥିଲେ। ଏହି ଅବସରରେ ବିଭାଗୀୟ ବରିଷ୍ଠ ବୈଜ୍ଞାନିକ ବି. ପ୍ରିୟତମ କୁମାର, ବାଗିରଞ୍ଜନ ନାୟକ ଓ ଟିମ ପ୍ରୋଜେକ୍ଟର ମାଧ୍ୟମରେ ପରମାଣୁ ଶକ୍ତି ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ଉତ୍ତୋଳନ ବ୍ୟବହାର ସମ୍ପର୍କରେ ଶିକ୍ଷା ଦେଇଥିଲେ। ଅଧ୍ୟକ୍ଷ ପ୍ରଫେସର ଦିଲୀପ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ରୁଦ୍ରାକ୍ଷ ପ୍ରଧାନ, ପ୍ରସନ୍ନ କୁମାର ଷଣ୍ଢ, କୁନା ବାଗ, ଅଧ୍ୟାପିକା ସୁପ୍ରଭା ନାଏକ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଜଙ୍ଘା ବଡଦେଓଙ୍କ ମନ୍ଦିର ପରିସରରେ ଶୁକ୍ରବାର ଷଡବଂଶୀୟ ଅଉଟ ଘର ଗୋଁଣ୍ଡ ଜାତି ସମାଜ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

## ଜୟପୁର ଇଷ୍ଟେଟ ଗୋଁଣ୍ଡ ଜାତି ସମାଜ ବୈଠକ

**ଲଇକେରା,୧୪।୨ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଇକେରା ବ୍ଲକ ମୟୁରଗଡ ଜଙ୍ଘା ବଡଦେଓଙ୍କ ମନ୍ଦିର ପରିସରରେ ଷଡବଂଶୀୟ ଅଉଟ ଘର ଗୋଁଣ୍ଡ ଜାତି ସମାଜ ଜୟପୁର ଇଷ୍ଟେଟର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ନୂତନ କମିଟି ଗଠନ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ତୁଳାରାମ ନାଏକ, ଆଞ୍ଚଳିକ ଉପ ସଭାପତି ଭାବେ କୁକେରମା ଆଞ୍ଚଳିକର ଲିଳାସାଗର ଧୁରୁଆ, ଲଇକେରା ଆଞ୍ଚଳିକର ହେମନ୍ତ ସାଗର କୁମୁରା, କିର୍ମିରା ଆଞ୍ଚଳିକ ହରେନ୍ଦ୍ର ନାଏକ ଓ କୋଲାବିରା ଆଞ୍ଚଳିକର ରଞ୍ଜନ ସିଂ ନାଏକ ପ୍ରମୁଖ ମନୋନୀତ ହୋଇଛନ୍ତି। ଅନ୍ୟ ପଟେ କୁକେରମା ଆଞ୍ଚଳିକ ସଭାପତି ଭାବେ କିଶୋର ନାଏକ ମନୋନୀତ ହୋଇଛନ୍ତି। ସେହିପରି ମିଡିଆ ସେଲରେ ପିଣ୍ଟୁ ନାଏକ, ତପି ମରେହୀ, ରମାକାନ୍ତ ନାଏକ ମନୋନୀତ ହୋଇଛନ୍ତି। ବୈଠକରେ ଜୟପୁର ଇଷ୍ଟେଟ କମିଟିର ପୂର୍ବତନ ସଭାପତି ଯୋଗୀନ୍ଦ୍ର କୁମାର ନାଏକ, ପୂର୍ବତନ କାର୍ଯ୍ୟନିର୍ବାହୀ ସଭାପତି ନୀଳାମ୍ବର ନାଏକ, ଜୟପୁର ଇଷ୍ଟେଟ କମିଟି ଉପସଭାପତି ନବୀନ ଚନ୍ଦ୍ର ନାଏକ, ଜିଲା କମିଟି ଉପସଭାପତି ଟଙ୍କଧର ନାଏକ, ମେଘନାଦ ନେଟୀ, ପଦ୍ମ ଲୋଚନ ନାଏକଙ୍କ ସମେତ ଶତାଧିକ ଜାତି ଭାଇ ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ ଜଙ୍ଘା ବଡଦେଓଙ୍କ ପୂଜା ଉତ୍ସବର ଆୟ ବ୍ୟୟ ହିସାବ କରାଯାଇଥିଲା।

## ଲଇକେରା ଶିଶୁ ବିଦ୍ୟା ମନ୍ଦିରରେ ମାତୃପିତୃ ପୂଜନ

**ଲଇକେରା,୧୪।୨ (ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ମାତୃପିତୃ ପୂଜନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁ ଓ ଅଭିଭାବକ ଗ୍ରାମ ପରିକ୍ରମା କରିଥିଲେ। ପରେ ଶିଶୁମାନେ ଶିଶୁବିଦ୍ୟା ମନ୍ଦିରରେ ପିତାମାତାଙ୍କ ପୂଜା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗଣ୍ଡାରାମ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ପ୍ରଧାନ ଆଚାର୍ଯ୍ୟ କେଦାର ମହାନନ୍ଦଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ ପ୍ରେମସାଗର ବେହେରା, ଗୁପ୍ତ କୁମାର ବେହେରା, ଦିବାକର ନାଏକ, ଏମପି ପ୍ରତିନିଧୀ ବାଞ୍ଛାନିଧୀ ସାହୁ, ଗ୍ରାମର ବିଜୟ କୁମାର ମିଶ୍ର, ପରିଚାଳନା କମିଟି ସହସମ୍ପାଦକ ରୁଦ୍ର ଧୁରୁଆ, କୋଷାଧକ୍ଷ ପ୍ରସନ୍ନ କୁମାର ସରାଫ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାତୃପିତୃ ପୂଜନର ଅଭିମୁଖ୍ୟ ବଖାଣିଥିଲେ। ହରିବୋଲ ହୁଳହୁଳି ସାଙ୍ଗକୁ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଥିବାବେଳେ ଶିଶୁମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ସୁଷମା ଗୁରୁମା ଓ ଗୋଲାପ ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କମିଟି ସଭାପତି ସଚିନ୍ଦ୍ର ସରାଫ ଓ ସମ୍ପାଦକ ସଞ୍ଜୀବ ବେହେରାଙ୍କ ସମେତ ସମସ୍ତ ଗୁରୁମା ଓ ଗୁରୁଜୀ ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ

**ଝାରସୁଗୁଡ଼ା ଅଫିସ,୧୪।୨**

ଝାରସୁଗୁଡ଼ା ସହର ମଙ୍ଗଳବଜାରସ୍ଥିତ ଟାଉନ ହାଇସ୍କୁଲ ଠାରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଦ୍ୱାରା ବେଦାନ୍ତ ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ତ୍ରିପାଠୀ, ବେଦାନ୍ତ ଲିଃ ସିଏସଆର ଓ ଜନ ସମ୍ପର୍କ ବିଭାଗର କର୍ମଚାରୀ, ଜିଲାର ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍କୁଲ ସମେତ ଝାରସୁଗୁଡ଼ାର ଅନ୍ୟ ୪ ସ୍କୁଲ ଯଥା ପୁରୁଣାବସ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ, ଦେବଡିହି ଉଚ୍ଚ ବିଦ୍ୟାଳୟ, କୋଲାବିରା ପିଏସ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଶ୍ରୀପୁରାସ୍ଥିତ ବାପୁଜୀ ନୋଡାଲ ହାଇସ୍କୁଲରେ ମଧ ବେଦାନ୍ତ ମିନି ସାଇନ୍ସ ସେଣ୍ଟର ନିର୍ମାଣ କରାଯାଇଛି। ଯାହା ଦ୍ୱାରା ୧୩ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ।



ମିନି ସାଇନ୍ସ ସେଣ୍ଟରକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ଷ୍ଟେମ ଲର୍ନିଙ୍ଗ ସହଯୋଗରେ ନିର୍ମିତ ଏହି ମିନି ସାଇନ୍ସ ସେଣ୍ଟର ଦ୍ୱାରା ବିଜ୍ଞାନ ଏବଂ ଗଣିତରେ ଛାତ୍ରୀଛାତ୍ରମାନଙ୍କ ବିକାଶ ହୋଇ ପାରିବ। ପ୍ରତ୍ୟେକଟି ସେଣ୍ଟରରେ ୭୫ଟି ଲେଖାଏଁ ମଡେଲ ରଖାଯାଇଛି। ଯାହା ଓଡିଶା ବୋର୍ଡର ପାଠ୍ୟକ୍ରମ ସହିତ ଜଡିତ। ଏହି ସେଣ୍ଟର ଦ୍ୱାରା ଛାତ୍ରୀଛାତ୍ରଙ୍କ ବୈଜ୍ଞାନିକ ସ୍ୱଭାବ ବୃଦ୍ଧି ସହ ପୃଥିବୀ ବିଷୟରେ ଅଧିକ ଜ୍ଞାନ ଆହରଣ କରିପାରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ବେଦାନ୍ତ ସିଇଓ ସିଏନ ସି ମତପୋଷଣ କରିଛନ୍ତି। ବେଦାନ୍ତର ବିଦ୍ୟାର୍ଥି ବିକାଶ ଯୋଜନା ମାଧମରେ ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହୋଇସାରିଛନ୍ତି ।

## ଅନନ୍ୟ ପଛୁଆ ବର୍ଗ ସମିତିର ବୈଠକ

**ବ୍ରଜରାଜନଗର,୧୪।୨ (ଡି.ଏନ.ଏ.)**

ସ୍ଥାନୀୟ ଇବ୍ ନଦୀ ବରଘାଟ ଶିବ ମନ୍ଦିରଠାରେ ଅନନ୍ୟା ପଛୁଆ ବର୍ଗ କଲ୍ୟାଣ ସମିତିର ଅଧକ୍ଷା ଶୈଳବାଳା ପ୍ରଧାନଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଓବିସିମାନଙ୍କ ପାଇଁ ୨୭ ଭାଗ ସଂରକ୍ଷଣ କରିବା ସହିତ କେନ୍ଦ୍ର ସରକାର ଦେଇଥିବା ୮୫ ହଜାର କୋଟି ଟଙ୍କା ଅନୁଦାନ ରାଶିରୁ ଝାରସୁଗୁଡା ଜିଲାରେ ପଛୁଆ ବର୍ଗଙ୍କ ପାଇଁ ଖର୍ଚ୍ଚ କରିବାକୁ ଦାବି ହୋଇଥିଲା । ଏ ନେଇ ଆସନ୍ତା ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ନିଷ୍ପତ୍ତି ହୋଇଥିଲା । ଏଥିରେ ସାଧାରଣ ସମ୍ପାଦକ ସୁଧାଂଶୁ ନାୟକ, ଉପସଭାପତି ଗୋପାଳ ମେହେର ଯୋଗଦେଇଥିଲେ ।

## ଠୁଙ୍ଗିଆଡ଼େରାକୁ ହରାଇ କୁଚିଣ୍ଡା ଚାମ୍ପିୟନ

**ବେଲପାହାଡ଼,୧୪।୨ (ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳ ଯୁରାବଗାସ୍ଥିତ ବୀର ବଜରଙ୍ଗ କ୍ଲବ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟରେ କୁଚିଣ୍ଡା ଦଳ ଠୁଙ୍ଗିଆଡ଼େରା ଦଳକୁ ୫-୪ ଗୋଲରେ ପରାଜିତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି । କୁଚିଣ୍ଡା ଓ ଠୁଙ୍ଗିଆଡ଼େରା ଦଳ ମଧ୍ୟରେ ଶୁକ୍ରବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହାଇଥିଲା । ଫାଇନାଲ ମ୍ୟାଚ୍‌ରେ ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଚାମ୍ପିୟନ କୁଚିଣ୍ଡା ଦଳକୁ ଟ୍ରଫି ସହିତ ପୁରସ୍କାର ସ୍ୱରୂପ ୨୦ ହଜାର ଟଙ୍କା ରାଶି ପ୍ରଦାନ କରିଥିଲେ। ପୌର ପରିଷଦ କାଉନସିଲର ଦିଲୀପ ଧୁରୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସଅପ ଠୁଙ୍ଗିଆଡ଼େରା ଦଳକୁ ଟ୍ରଫି ସହିତ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ହେମନ୍ତ ଦାଶ, ଆଶୋକ ପାଣ୍ଡବ, ନିତ୍ୟାନନ୍ଦ ମେହେର, ହୃଦାନନ୍ଦ ଭୋଇ ଓ ରମେଶ ସାହୁ ରେଫରି ଭାବରେ ମ୍ୟାଚ୍ ଗୁଡ଼ିକୁ ପରିଚାଳନା କରିଥିଲେ। ଉକ୍ତ ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।



ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, ମହମବତି ଶୋଭାଯାତ୍ରା

**ଝାରସୁଗୁଡ଼ା ଅଫିସ/କୋଲାବିରା, ୧୪।୨ (ଡି.ଏନ.ଏ.)**





ଝାରସୁଗୁଡା ଟାଉନ ଥାନା ନିକଟରେ ଏଇତ ଜୀବନ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

ଝାରସୁଗୁଡା ଟାଉନ ଥାନା ନିକଟରେ ଏଇତ ଜୀବନ ପକ୍ଷରୁ ପୁଲୱାମା ସହୀଦଙ୍କୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଶହୀଦ ଦିବସ ପାଳନ କରାଯାଇଛି। ସଂଗଠନର ସଭାପତି ମାନସୀ ପଣ୍ଡା, ପୋଲିସ ଅଧିକାରୀ ଅକ୍ଷୟ ପତି, ଲଳିତମୋହନ ଦାଶ, ନିର୍ଦ୍ଦେଶିକା ସୁଜାତା ମିଶ୍ର, ରେଣୁ ତିୱାରି, କବିତା ପଣ୍ଡା, ମିରାଲ ପଣ୍ଡା, ପୁଷ୍ପା ତନ୍ତି, ପୁଷ୍ପିତା ଜେନା, ଉମା କେଡିଆ, ମୁଲା ବେହେରା, ପ୍ୟାରେଲାଲ ଶ୍ରୀବାସ୍ତବ, ଗୋଲାପି ଦାଶ, ଆଲୋକ ପାଣିଗ୍ରାହୀ, ସୁରେନ୍ଦ୍ର ମହାନନ୍ଦ, ଦେବାଶିଷ ଦାଶ, ରମେଶ ଗାନ୍ଧୀ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସେହିପରି କୋଲାବିରା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶହୀଦ ଯବାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କୋଲାବିରାସ୍ଥିତ ସମଲେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଏକ ଶୋକ ସଭାର ଆୟୋଜନ କରାଯାଇ ଏକବର୍ଷ ପୂର୍ବେ ଯବାନମାନେ ଜମ୍ମୁରୁ ଶ୍ରୀନଗର ଅଭିମୁଖେ ଯାଉଥିବା ବେଳେ ପୁଲୱାମା ଜିଲା ଅବନ୍ତିପୋରାଠାରେ ଜଶ-ଇ-ମୋହମ୍ମଦ ଆତଙ୍କବାଦି ସଙ୍ଗଠନ ପକ୍ଷରୁ ବିସ୍ଫୋରକ ବୋଝେଇ କାରରେ ଆତ୍ମଘାତି ଆକ୍ରମଣ ଘଟାଇଥିଲେ। ଏଥିରେ ଓଡିଶାର ୨ଜଣ ସମେତ ମୋଟ ୪୦ଜଣ ସିଆରପିଏଫ ଶହୀଦ ଯବାନଙ୍କ ପାଇଁ ଗଭୀର ଶୋକ ବ୍ୟକ୍ତ କରିଥିଲେ। ଶହୀଦ ହୋଇଥିବା ଯବାନମାନଙ୍କ ସ୍ମୃତି ଚାରଣ କରିବା ସହିତ ଆତ୍ମାର ସଦ୍‌ଗତିପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଂସଦର ସଭାପତି ଶୋଭାଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପଣ୍ଡିତ ତ୍ରିଲୋକ୍ୟନାଥ ମହାପାତ୍ର, ଶଚିନ୍ଦ୍ର ପଟେଲ, ପିଙ୍କୁ ଦାସ, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ବରିଷ୍ଠ ନାଗରିକ ବୀରେନ୍ଦ୍ର କୁମାର ମହାପାତ୍ର, ବିରଞ୍ଚି କୁମାର ପଟେଲ, ସରୋଜ କୁମାର ତଣକାର, ଚିତ୍ରସେନ ସମର୍ଥ, ଆକା ପୁରୋହିତ, ଦିବେନ୍ଦୁ ଦାସ, ସୁରେନ୍ଦ୍ର ତଣକାରଙ୍କ ସମେତ ବହୁସଂଖ୍ୟକ ଗ୍ରାମବାସୀ ମହିଳାପୁରୁଷ ଯୋଗଦେଇଥିଲେ । ଶହୀଦ ଯବାନଙ୍କ ଶ୍ରଦ୍ଧା ସୁମନ ଅର୍ପଣ କରିବା ମହମବତୀ ଏବଂ ବୀର ଜବାନ ଅମର ରହେ, ସଲାମ ଶହୀଦ, ପାକିସ୍ଥାନ ମୁର୍ଦ୍ଦାବାଦ, ସିଆରପିଏଫ ଲଙ୍ଗଲିଭ ଆଦି ପ୍ଲା କାର୍ଡନେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମ କରିଥିଲେ। ସେହିପରି ବୀର ଜବାନ ଅମର ରହେ, ଭାରତମାତା କି ଜୟ, ଜୟଜବାନ ଜୟକିଷାନ, ବୀର ଜବାନଙ୍କୁ ସ୍ୟାଲୁଟ ଆଦି ନାରା ଦେଇ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ ।

–ଫ୍ରାନ୍‌ସିସ୍ ବାକନ

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ, ୩ ଗୁରୁତର

**ଭବାନୀପାଟଣା,୧୪।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୟପାଟଣା ଥାନା ଖଲିଆଭଟା ଛକ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ୩ଜଣଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଜୟପାଟଣା ଥାନା ପୋଲିସ ପହଞ୍ଚି ଶବ ସହ ୨ ବାଇକ ଜବତ କରି ତଦନ୍ତ ଜାରି ରଖିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, କାଦୋପଦର ଗାଁର ବିଶ୍ୱପ୍ରତାପ ଠାକୁର (୫୦) ଓ ରାଜାରାମ ନାଗ (୩୫) ଏକ ବାଇକ୍‌ରେ ଯାଉଥିଲେ। ଏହିହ ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ଜୁନାଗଡ ଥାନା ଦାସୀଗାଁ ସିର୍ଲିପଡାର କୁମନ ବେମାଲ (୫୦) ଓ କଲମପୁର ବ୍ଲକ ପାତରବସା ଗାଁର ଶମ୍ଭୁଶ୍ୱର ଲୋହରା (୪୦)ଙ୍କ ସହିତ ଧକ୍କା ହୋଇଥିଲା।

# ହସ୍ପିଟାଲ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ

**ରାଉରକେଲା, ୧୪। ୨**

ହିନ୍ଦ ମଜଦୁର ସଭା ସହବନ୍ଧିତ ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ଆହ୍ୱାନ କ୍ରମେ ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ରାଉରକେଲା ଠାରେ ରହିଥିବା ଇଏସଆଇସି ମଡ଼େଲ ହସ୍ପିଟାଲ ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଏକ ପ୍ରତିନିଧି ଦଳ ଇଏସ୍‌ଆଇସି ମଡେଲ ହସ୍ପିଟାଲ ଅଧୀକ୍ଷକ ଜୟନ୍ତୀ ବେହେରାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୨୭ଜାନୁୟାରୀରେ ଇଏସଆଇସି ଡାଇରେକ୍ଟର ଜେନେରାଲଙ୍କ କାର୍ଯ୍ୟାଳୟରୁ ମିଳିଥିବା ଚିଠି ଅନୁସାରେ ଇଏସଆଇସି ମଡେଲ ହସ୍‌ପିଟାଲ କର୍ତ୍ତୃପକ୍ଷ ସେକେଣ୍ଡାରୀ କେୟାର ସ୍ୱାସ୍ଥ୍ୟ ସମ୍ପର୍କିତ ରେଫରାଲ ବ୍ୟବସ୍ଥାକୁ ଗତ ଫେବୃୟାରୀରୁ ଉଚ୍ଛେଦ କରିଥିଲେ। ରେଫରାଲ ହସପିଟାଲ ସହିତ କରାଯାଇ ଥିବା ସ୍ୱାସ୍ଥ୍ୟ




ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭାର କର୍ମକର୍ତ୍ତା ଇଏସ୍‌ଆଇସି ମଡେଲ ହସ୍ପିଟାଲ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି।

### ଇଏସ୍‌ଆଇସି ମଡେଲ ହସ୍ପିଟାଲରେ ରୋଗୀ ସେବା ବ୍ୟାହତ

ସମ୍ବନ୍ଧୀୟ ଚିକିତ୍ସା ସେବା ବିନା ଦେୟରେ କରାଯାଉଥିଲା। ଏହାକୁ ଗତ ୧ ଫେବୃୟାରୀଠାରୁ ବନ୍ଦ କରାଯାଇଥିଲା। ତାହାକୁ ପୁନର୍ବାର ଚାଲୁ କରିବା ପାଇଁ ଶୁକ୍ରବାର ଆଲୋଚନା କରାଯାଇଥିଲା। ଏଥିରେ ଇଏସଆଇସି ମଡେଲ ହସ୍‌ପିଟାଲ କର୍ତ୍ତୃପକ୍ଷ ଚାଲୁ ରଖିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏଥି ସହ ଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟରୁ ତୁରନ୍ତ ନିର୍ଦ୍ଦେଶ ଆସିବା ନେଇ ଆଶା ପୋଷଣ କରିଛନ୍ତି । ତାହା ଆସନ୍ତା ତା୧୭।୨।୨୦୨୦ ପର ଠାରୁ କାର୍ଯ୍ୟକାରୀ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ମିଳିଥିବାରୁ ସଙ୍ଗଠନ ତରଫରୁ ସନ୍ତୋଷ ବ୍ୟକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ହରେକୃଷ୍ଣ ପାଢ଼ି, କାର୍ଯ୍ୟକାରୀ ସଭାପତି, ଦେବେନ୍ଦ୍ରନାଥ ଆଚାର୍ଯ୍ୟ, ମହେଶ୍ୱର ମହାପାତ୍ର ଉପସଭାପତି, ସଞ୍ଜିତଲାଲ୍ ମୁଖୀ, ହରିହର ସାହୁ, ରଞ୍ଜିତ ପାତ୍ର, ପ୍ରତାପ ଦାସ ଓ ଠିକାଦାର ସଂଘର ପକ୍ଷରୁ ଇନ୍ଦ୍ରମଣି ବେହେରା ଓ ଅନୁପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଙ୍କଜ ଶର୍ମା ସୁକାନ୍ତ ଦାସ, ଜୟଦେବ ମହାନ୍ତି, ପ୍ରଦୀପ ରାଉତ, ମାନସ ମାଳୀ ଦାବିପତ୍ର ପ୍ରଦନା ବେଳେ ଉପସ୍ଥିତ ଥିଲେ ବୋଲି ସଙ୍ଗଠନ ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି ଜଣାଇଛନ୍ତି ।

# ଆଇଜିଏଚ୍‌କୁ ଏମ୍ସ ନିୟନ୍ତ୍ରଣରେ ରଖିବାକୁ ଆମ୍ ଆଦମୀ ପାର୍ଟିର ଦାବି

**ରାଉରକେଲା,୧୪।୨**

ଇସ୍ପାତ ଜେନରାଲ ହସ୍ପିଟାଲ (ଆଇଜିଏଚ)କୁ ସୁପର ସ୍ପେସିଆଲିଟି ହସ୍ପିଟାଲରେ ପରିଣତ କରିବା ପାଇଁ ବହୁ ଦିନରୁ ରାଉରକେଲାବାସୀ ଦାବି କରି ଆସୁଥିଲେ। କିନ୍ତୁ ୨୦୧୪ ମସିହାରେ ଦେଶର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଘୋଷଣା ପରେ ଆଇଜିଏଚ ପରିସର ମଧ୍ୟରେ ସୁନ୍ଦରଗଡର ପ୍ରଥମ ସୁପର ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ତରଫରୁ ନିଆ ଯାଇଥିବା ଏଭଳି ପଦକ୍ଷେପକୁ ଆମ ଆଦମୀ ପାର୍ଟି ନେତା ତଥା ରାଜ୍ୟସଭା ସଦସ୍ୟ ସଂଜୟ ସିଂହ ସ୍ୱାଗତ କରିଛନ୍ତି। ଏହା ସମଗ୍ର ସୁନ୍ଦରଗଡ ଜିଲା ଓ ଏହାର ଆଖପାଖ ଛତିଶଗଡ଼ ଓ ଝାଡ଼ଖଣ୍ଡ ଅଞ୍ଚଳବାସୀଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସମ୍ପ୍ରତି ସୁନ୍ଦରଗଡ ଜିଲାର ଦୁରାରୋଗ୍ୟ ପୀଡ଼ିତଙ୍କୁ ଚିକିତ୍ସା ସେବା ପାଇଁ କଟକ ଯିବାକୁ ପଡୁଛି। ଯାହା ଅତ୍ୟନ୍ତ କଷ୍ଟସାଧ୍ୟ। ଯେହେତୁ ଏହା ଏକ ବୃହତ ହସ୍ପିଟାଲ ହେବାକୁ ଯାଉଛି। ଏଣୁ ଜିଲା ଓ ଆଖପାଖ ଅଞ୍ଚଳର ଲକ୍ଷାଧିକ ଲୋକ ଏହା ଉପରେ ନିର୍ଭର କରିବେ। ଏମିତି ଅବସ୍ଥାରେ କେନ୍ଦ୍ର ସରକାର ଏହାକୁ ନିଜ ନିୟନ୍ତ୍ରଣରେ ରଖିବା ଉଚିତ। ଏହାର ନିରୀକ୍ଷଣ ସର୍ବଭାରତୀୟ ସ୍ତରରେ ଏମ୍ସ ଅଧିନରେ ରଖାଯାଉ ବୋଲି ସଂଜୟ ସିଂହ ଦେଶର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରୀୟ ଇସ୍ପାତ ମନ୍ତ୍ରୀଙ୍କ ନିକଟରେ ଚିଠି ମାଧ୍ୟମରେ ନିବେଦନ କରିଛନ୍ତି। ସଂଜୟଙ୍କ ଏହି ପଦକ୍ଷେପକୁ ଆମ ଆଦମୀ ପାର୍ଟିର ରାଜ୍ୟ ସମ୍ପାଦକ ତଥା ଆମ ମଜଦୁର ସଙ୍ଗଠନ ସାଧାରଣ ସମ୍ପାଦକ ବିନୟ ତିୱାରୀ, ପାର୍ଟି ତଥା ୟୁନିୟନର ସମସ୍ତ କର୍ମକର୍ତ୍ତା ସ୍ୱାଗତ ଜଣାଇଛନ୍ତି।

# ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାଉରକେଲା,୧୪। ୨**

ପରିବର୍ତ୍ତିତ ପରିସ୍ଥିତିରେ ଛାତ୍ରୀଛାତ୍ର ନିଜକୁ ସକ୍ଷମ କରିବାକୁ ଉଦ୍ୟମ କରନ୍ତୁ ବୋଲି ମଡର୍ଣ୍ଣଇଣ୍ଡିଆ ଠାରେ ଥିବା ଗାନ୍ଧି ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହାର ୪୮ତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଏଭଳି ମତ ପରାମର୍ଶ ପ୍ରଦାନ କରିଛନ୍ତି। ଏହି ଅବସରରେ କୁହାଯାଇଥିଲା ଯେ, ସମୟକୁ ନିଜ ହାତ ମୁଠିରେ ରଖି ନିଷ୍ଠା ପ୍ରଦର୍ଶନ କଲେ ପ୍ରତି କ୍ଷେତ୍ରରେ ସଫଳତା ହାସଲ କରାଯାଇ ପାରିବ। ମନରୁ ହୀନମନ୍ୟତା ତ୍ୟାଗ କରି ଶିକ୍ଷା ଅନୁରାଗୀ ହୋଇ ପାରିଲେ ଛାତ୍ର ଜୀବନ ସାର୍ଥକ ହେବ ବୋଲି ମଞ୍ଚାସୀନ ଅତିଥି ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଶିକ୍ଷାର ସ୍ୱରୂପ ତଥା ପ୍ରତିଦ୍ୱନ୍ଦିତା ବଡ ଆହ୍ୱାନ ସୃଷ୍ଟି କରିବାକୁ ଯାଉଛି। ପ୍ରତିଯୋଗିତା ଭିତିରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ନିଜକୁ ଯୋଗ୍ୟ କରିବା ହେଉଛି ସବୁଠୁ ବଡ କଥା। ଏଣୁ ଦୈନିକ ଛାତ୍ରୀଛାତ୍ର ଅଧ୍ୟୟନ ପ୍ରତି ମନ ନିବେଶ କରିବାକୁ ଏଥିରେ ପରାମର୍ଶ ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ସୁବାଶ ଜ୍ୟୋତିଷ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଏସବିଆଇ ଅଧିକାରୀ ସପନ ମହାତୋ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାରୂପେ ରୁକ୍ମିଣୀ ସାହୁ, ସମ୍ମାନିତ ଅତିଥି ରୂପେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମହାପାତ୍ର ଓ ଅତିଥି ରୂପେ ସାମାଜିକ କର୍ମୀ ଶ୍ରୀଚରଣ ସାମଲ ମଞ୍ଚାସୀନ ଥିଲେ। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିବାକର ଜେନାଙ୍କ ସମେତ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।




ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ବାରାଣସୀରେ ଫସିଥିବା ଓଡ଼ିଆଙ୍କୁ ସହାୟତାର ହାତ

**ରାଉରକେଲା,୧୪।୨**

ଦାଦନ ଖଟିବାକୁ ବାରଣାସୀ ଯାଇଥିବା ୧୪ଜଣ ଓଡ଼ିଆଙ୍କୁ ଉଦ୍ଧାର କରିବା ନେଇ ମୋ ପରିବାର ପକ୍ଷରୁ ସହାୟାତାର ହାତ ବଢା ଯାଇଛି। ପୋଲିସ ହସ୍ତକ୍ଷେପ ଯୋଗୁ ଏମାନେ ଶୁକ୍ରବାର ରାଉରକେଲାରେ ପହଞ୍ଚିଛନ୍ତି ବୋଲି ସାମାଜିକ କର୍ମୀ ପ୍ରକାଶ ପାଶ୍ୱୱାନ ସୂଚନା ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରୁ ଗତ ୫ରେ ଜିତୁ ଓରାମ ନାମକ ଯୁବକ ସେଠୁ ଖସି ଆସିଥିଲେ। ଏହା ପରେ ସମାଜିକ କର୍ମୀ ସୁନୀତା ବିଶ୍ୱାଳଙ୍କ ସହାୟତାରେ ଓଡିଆ ମୋ ପରିବାର ଆବାହକ ଅରୂପ ପଟ୍ଟନାୟକଙ୍କୁ ଏ ନେଇ ସୂଚନା ପ୍ରଦାନ କରାଯାଇଥିଲା। ପରେ ଘଟଣା ନେଇ ସୁନ୍ଦରଗଡ ଜିଲାପାଳ ଓ ରାଉରକେଲା ମହାନଗର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଏଥିସହ ରାଉରକେଲା ଶ୍ରମ ବିଭାଗକୁ ମଧ୍ୟ ଅବଗତ କରାଯାଇଥିଲା। ଏହା ପରେ ଗତ ୭ରେ ସମୁଦାୟ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ସଙ୍ଗଠନ ପକ୍ଷରୁ ଜଣାଇ ଦିଆଯାଇ ଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଜିଲା ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଏ ବାବଦରେ ନିର୍ଦ୍ଦେଶ ଜାରି କରାଯାଇ ଥିଲା। ସଙ୍ଗଠନ ଆବାହକ ଅରୂପ ପଟ୍ଟନାୟକ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାଙ୍କୁ ସହ ସମ୍ପର୍କ ସ୍ଥାପନ କରି ଏ ଦିଗରେ ସହଯୋଗ ପାଇଁ ନିବେଦନ କରିଥିଲେ। ଫଳରେ ରାଉରକେଲାରୁ ଏକ ପୋଲିସ ଟିମ ବାରଣାସୀ ଯାଇ ସେଠାରେ ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରିଥିବା ଜଣା ଯାଇଛି। ଏହି ମର୍ମରେ ଓଡିଶା ମୋ ପରିବାର ସଙ୍ଗଠନର ଆଇନ ପରାମର୍ଶଦାତା ତଥା ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଅବନୀ ସାହୁ ଉତ୍ତର ପ୍ରଦେଶ ପୋଲିସ ଏଡିଜି ସତ୍ୟଜିତ ସାବତଙ୍କ ସହଯୋଗ ଲୋଡିଥିଲେ। ଆଜମଗଡ ଏସପି ତାଙ୍କୁ ଏଥିରେ ସମ୍ପୂର୍ଣ୍ଣ ସହାୟତା କରିଥିଲେ। ଫଳରେ ସେଠି ଫସି ରହିଥିବା ଶ୍ରମିକଙ୍କୁ ସହଜରେ ମୁକୁଳା ଯାଇଥିବା କୁହାଯାଇଛି।



ବାରାଣସୀରୁ ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ।

# ଭାଜପା ମିଡ୍‌ଟାଉନ ମଣ୍ଡଳ ସାଙ୍ଗଠନିକ ବୈଠକ

**ରାଉରକେଲା ଅଫିସ,୧୪। ୨**

ଭାଜପା ମିଡ ଟାଉନ ମଣ୍ଡଳ ବୁଥ ସଭାପତି ଓ ପ୍ରମୁଖ କର୍ମକର୍ତ୍ତାଙ୍କୁ ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ହରବିନ୍ଦର ସିଂ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଏହି ଅବସରରେ ବୈଠକର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସଭାନେତ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ। ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ ଦିଗରେ କର୍ମୀମାନେ ନିଷ୍ଠାପର ଉଦ୍ୟମ କରିବାକୁ ଏଥିରେ କୁହାଯାଇ ଥିଲା। ନାଗରିକ ସଂଶୋଧନ ଆଇନ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ କାଳନ୍ଦି ବଡଜେନା, ଭଗବାନ ରାଉତ, ଗଙ୍ଗାଧର ଦାସ, ରାଜେନ୍ଦ୍ର ସାହୁ, ଆଶା ରାୟ, ଦୀପକ କର୍ମକାର, ଜଗବନ୍ଧୁ ଜେନା, ସଂଦୀପ ଅଗ୍ରୱାଲ, ରାମ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।




ଭାଜପା ମିଡ ଟାଉନ ମଣ୍ଡଳ ବୁଥ ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ।

# ମୃତଦେହ ରଖି ରାଉରକେଲା–ଜରେଇକେଲା ମୁଖ୍ୟରାସ୍ତା ଅବରୋଧ

**ବିଶ୍ରା, ୧୪।୨ (ଡି.ଏନ.ଏ)**

ବିଶ୍ରା ଥାନା ଅନ୍ତର୍ଗତ ଡରେଇକେଲା ଚୌକଠାରେ ଶୁକ୍ରବାର ସନ୍ଧ୍ୟା ୬ଟାରୁ ଗ୍ରାମବାସୀ ରାଉରକେଲାରୁ ଜରେଇକେଲା ଯିବା ମୁଖ୍ୟରାସ୍ତାକୁ ମୃତଦେହ ରଖି ଅବରୋଧ କରିଛନ୍ତି। ପ୍ରକାଶଥାଉକି ଯେ, ଗତ ୬ ଫେବୃୟାରୀ, ୨୦୨୦ରେ ଏକ କାର ଦୁର୍ଘଟଣା ହୋଇଥିଲା। ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତ ଗ୍ରାମ ପଞ୍ଚପହଆ ଗ୍ରାମରେ ଉକ୍ତ କାର ଓଡି ୧୪– ୭୬୫୭ରେ ଚାରି ଜଣ ଯୁବକ ଆୟୁଷ୍ମ ସାହା, ଯୋଗେଶ ରାଜୁକା, ଶିବମ ଅଗ୍ରୱାଲ, ବିନାୟକ ସାହ ମନୋହରପୁର ଯିବା ବାଟରେ ଗୁରୁତ୍ୱର ଦୁର୍ଘଟଣା ହୋଇଥିଲା । ତାଙ୍କ ସହିତ କପଣ୍ଡା ଗ୍ରାମର ଗାବ୍ରେଆଏ ଏକ୍କା (୫୦) ବର୍ଷ ଡ୍ରାଇଭର ଭାବରେ ରହିଥିଲେ ସୁଦ୍ଧା ତାକୁ କାର ଚଳେଇବାକୁ ଦିଆଯାଇ ନ ଥିଲା ଏବଂ ପଛରେ ବସେଇ ଦିଆଯାଇଥିଲା। ଦୁର୍ଘଟଣାରେ ଆହତମାନଙ୍କୁ ଉଦ୍ଧାର କରି ରାଉରକେଲାରେ ଚିକିତ୍ସା କରାଯାଇଥିଲା । ପରେ ଭୁବନେଶ୍ୱରକୁ ପଠେଇ ଦିଆଯାଇଥିଲା । କିନ୍ତୁ ଚାଳକ ଗାବ୍ରେଆଲକୁ ବୁର୍ଲା ମେଡିକାଲକୁ ପଠେଇ ଦିଆଯାଇ ସେଠାରେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗ୍ରାମବାସୀ କ୍ଷତିପୂରଣ ଦାବିନେଇ ସନ୍ଧ୍ୟାରୁ ମୁଖ୍ୟ ରାସ୍ତା ଅବରୋଧ କରିଅଛନ୍ତି । ବିଶ୍ରା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛି ।

# ଜେଜେମା'ଜେଜେବାପା ପୂଜନୋତ୍ସବ

**ଝାରସୁଗୁଡା ଅଫିସ,୧୪।୨**

ଝାରସୁଗୁଡା ପଞ୍ଚପଡାସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରଠାରେ ଜେଜେମା' ଜେଜେବାପା ପୂଜନ ଉତ୍ସବ ପାଳିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ଶ୍ରୀକୃଷ୍ଣ ମୋହନ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଦେବାଡିହି ନୋଡାଲ ବିଦ୍ୟାଳୟର ଶିକ୍ଷକ ତାପସ ମିଶ୍ର ଓ ଜିଲା ପ୍ରକଳ୍ପ ଅଧିକାରୀ ଜନ୍ମେଜୟ ସା, ପଞ୍ଚପଡା ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟଶଙ୍କର ପଟେଲ ଓ ପଣ୍ଡିତ ଗିରିଧାରୀ ଝା ସମ୍ମାନିତ ଅତିଥୀ ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ଦିଗାମ୍ବର ମାଝି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଫେବୃୟାରୀ ୧୪ ରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କୁନି କୁନି ଶିଶୁମାନଙ୍କୁ ସଂସ୍କାର ପ୍ରଦାନ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଜେଜେମା'ଜେଜେବାପାମାନେ ଯୋଗ ଦେଇଥିଲେ। ସେମାନଙ୍କୁ ଛାତ୍ରୀଛାତ୍ରମାନେ ପୂଜନ କରିଥିଲେ। କୋଷାଧ୍ୟକ୍ଷା ପ୍ରିୟଙ୍କା ସାହୁ,ଝରଣା ସୁନାନୀ, ଆର୍ଯ୍ୟ ପଟେଲ, ପଲ୍ଲୀଶ୍ରୀ ପଟେଲ, ଅରୁଣ ପଟେଲ, ପ୍ରତାପ ମହାରଣା, ତୋଷମତି ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମମତା ସିଂ ଧନ୍ୟବାଦ ଦେଇଥିଲେ।



ଛାତ୍ରୀଛାତ୍ର ତାଙ୍କ ଜେଜେମାଙ୍କୁ ପୂଜା କରୁଛନ୍ତି ।

# ସିଏଏ ଆଦିବାସୀ ବନବାସୀଙ୍କୁ କ୍ଷତିରେ ପକାଇବ

**ରାଉରକେଲା, ୧୪।୨**

କେନ୍ଦ୍ର ସରକାରଙ୍କ ସଂଶୋଧିତ ନାଗରିକତା ଆଇନ (ସିଏଏ) ଦ୍ୱାରା ଆଦିବାସୀ, ମୂଳବାସୀ ଓ ଭୂମିହୀନ ବନବାସୀ ସମ୍ପ୍ରଦାୟ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ। ତେଣୁ କେନ୍ଦ୍ର ସରକାରଙ୍କ ଏହି କଳା ଆଇନ ଓ ପ୍ରସ୍ତାବିତ ଏନଆରପି ଓ ଏନପିଆରକୁ ଆଦିବାସୀ ସଙ୍ଗଠିତ ହୋଇ ଜୋରଦାର ବିରୋଧ କରିବାକୁ ବିଶିଷ୍ଟ ପରିବେଶବିତ ତଥା ଲୋକଶକ୍ତି ଅଭିଯାନ ରାଜ୍ୟ ସଭାପତି ପ୍ରଫୁଲ୍ଲ ସାମନ୍ତରାୟ ଆହ୍ୱାନ ଜଣାଇଛନ୍ତି । ଗତ ୧୨ରେ ଗୁରୁଣ୍ଡିଆ ବ୍ଲକ ସୋଲ ପଞ୍ଚାୟତ ଠାକୁରପାଲ୍ଲୀ ଠାରେ ପେସା ଗ୍ରାମ ସଭାର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମନ୍ତରାୟ କେନ୍ଦ୍ର ସରକାରଙ୍କ ଦ୍ୱାରା ସଂଶୋଧିତ ନାଗରିକତା ଆଇନ ଓ ପ୍ରସ୍ତାବିତ ଏନଆରପି ଏବଂ ଏନପିଆର ଲାଗୁ କରିବାର ଉଦ୍ଦେଶ୍ୟ ସମ୍ପର୍କରେ ସେ ବିଶଦ ଭାବେ ଆଲୋଚନା କରିଥିଲେ । ଜଙ୍ଗଲ ଜମି ଅଧିକାର ଆଇନ୍‌କୁ ଏ ପର୍ଯ୍ୟନ୍ତ ଓଡିଶା ସରକାର ଠିକ ଭାବେ କାର୍ଯ୍ୟକାରୀ କରିନାହାଁନ୍ତି। କେନ୍ଦ୍ର ସରକାର ଏହି ଆଇନକୁ ଅକାମୀ କରିବାକୁ ଚକ୍ରାନ୍ତ କରୁଛନ୍ତି । ଏମିତି ପରିସ୍ଥିତିରେ ଦେଶର ନାଗରିକତା ପାଇବା ପାଇଁ ଭୂମିହୀନ ଆଦିବାସୀ ଓ ବନବାସୀ ପରିବାର ଜାଗା ଜମି ରେକର୍ଡ କେଉଁଠାରୁ ପାଇବେ ବୋଲି ସାମନ୍ତରାୟ ପ୍ରଶ୍ନ ଉଠାଇ ଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ପେସା ଆଇନର କର୍ଣ୍ଣଧାର ଜର୍ଜ ତିର୍କୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଜଙ୍ଗଲ ଜମି ଅଧିକାର ଓ ପେସା ଆଇନ କାର୍ଯ୍ୟକାରୀ ପାଇଁ ଆଦିବାସୀ, ମୂଳବାସୀ ତଥା ବନବାସୀ ସଂଗ୍ରାମ କରୁଥିବା କହିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସେଥିପ୍ରତି ଦୃଷ୍ଟି ନ ଦେଇ ସିଏଏ, ଏନଆରପି ଓ ଏନପିଆର ଲାଗୁ ପାଇଁ ତତ୍ପର ହେବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ । ଆଦିବାସୀ ବନବାସୀ ସମ୍ପ୍ରଦାୟ ନିକଟରେ ଆବଶ୍ୟକୀୟ କାଗଜପତ୍ର ନ ଥିବା ବେଳେ କେନ୍ଦ୍ର ସରକାରଙ୍କ ନାଗରିକତା ପାଇବା ପାଇଁ ତିନି ପିଢିର କାଗଜପତ୍ର ସେମାନେ କେଉଁଠୁ ପାଇବେ ବୋଲି ତିର୍କୀ ପ୍ରଶ୍ନ କରିଥିଲେ। ସଙ୍ଗଠିତ ହୋଇ ଏହି କଳା ଆଇ୍ର ବିରୋଧ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ବୀରେନ ସେନାପତି, ଯୁବନେତା ରୋହିତ ଯୋଶେଫ ତିର୍କୀ, ସାମାଜିକ କର୍ମୀ ଅନନ୍ତ ପଣ୍ଡା, ଦିଲ୍ଲୀପ ଲାହିରି ଓ ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଆଦିବାସୀ ଓ ବନବାସୀଙ୍କ ସ୍ୱାର୍ଥ ପ୍ରତି ନକାରାତ୍ମକ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ପେସା ଗ୍ରାମ ସଭାର ପଂଚାୟତ ସଭାପତି ରାକେଶ କାଣ୍ଡୁଲୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ସେମାନଙ୍କ ପାରମ୍ପରିକ ନୃତ୍ୟଗୀତର ତାଳେ ତାଳେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେମାନେ ଅଞ୍ଚଳର ସମସ୍ୟା ବର୍ଣ୍ଣନା କରି ଜନସଚେତନତା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପେସା ଗ୍ରାମ ସଭା ସମ୍ପାଦକ ପଲିସର କୁଲୁ, କୋଷାଧ୍ୟକ୍ଷ ମୋନିକା ଯୋଯୋ, ସଭ୍ୟ ଦାଉଦ କୁଜୁର, ନୋଏଲ ଡାଙ୍ଗ, ପାଲିମ ଯୋଯୋ ଓ ଇସ୍ରାଏଲ ପ୍ରମୁଖ ପରିଚାଳନା କରିଥିବା ବେଳେ ଏଥିରେ ପ୍ରାୟ ୨ ହଜାରରୁ ଅଧିକ ଲୋକ ଉପସ୍ଥିତ ଥିଲେ।




ପେସା ଗ୍ରାମ ସଭାର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।



"କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ

## ସଂକ୍ଷେପରେ

### ଭିମ୍‌ସାରରେ ରୋଗୀ ସମ୍ପର୍କୀୟଙ୍କୁ ଟଙ୍କା ମାଗିଲେ ନର୍ସ ଆଟେଣ୍ଡାଣ୍ଟ

**ସମ୍ବଲପୁର,୧୪।୨(ବ୍ୟୁରୋ):** ବୁର୍ଲା ଭିମ୍‌ସାର ମେଡିସିନ ବିଭାଗରେ ଜଣେ ରୋଗୀ ସମ୍ପର୍କୀୟଙ୍କଠାରୁ ଟଙ୍କା ମାଗି ଜଣେ ନର୍ସ ଓ ଜଣେ ଆଟେଣ୍ଡାଣ୍ଟ ଅଡୁଆରେ ପଡିଛନ୍ତି। ଅଭିଯୋଗ ହେବା ପରେ କଲେଜ ପ୍ରଶାସନିକ ଅଧିକାରୀ ସୁବ୍ରତ ନାଏକଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ତଦନ୍ତ କରିଛନ୍ତି। ପ୍ରଥମେ ରୋଗୀ ସମ୍ପର୍କୀୟଙ୍କୁ ପଚରାଉଚୁରା କରାଯାଇଛି। ହେଲେ ଏହି ଟଙ୍କାରେ କିଛି ଆବଶ୍ୟକ ଚିକିତ୍ସା ସାମଗ୍ରୀ କିଣାଯାଇଛି ବୋଲି ନର୍ସ ଓ ଆଟେଣ୍ଡାଣ୍ଟ ସ୍ପଷ୍ଟୀକରଣ ଦେଇଥିଲେ ବି ସେମାନଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି। କାହିଁକି ଚିକିତ୍ସା ପାଇଁ ଆବଶ୍ୟକ ସାମଗ୍ରୀ ବାହାରୁ କିଣିବା ପାଇଁ କୁହାଯାଇଥିଲା, ଯଦି ବିଭାଗରେ ନ ଥିଲା ତେବେ ଷ୍ଟୋର ରୁମ୍‌କୁ ଜଣା ଗଲା ନାହିଁ କାହିଁକି ବୋଲି ପ୍ରଶ୍ନ କରାଯାଇଛି। ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

### ସ୍ତ୍ରୀଙ୍କୁ ମାଡ଼ମାରି ଜେଲ ଗଲେ ସ୍ୱାମୀ

**ସମ୍ବଲପୁର,୧୪।୨(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ପୋଲିସ ସୋନପୁର ଜିଲା ସୁବଲୟାର ଶ୍ୟାମ ମୁଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସ୍ତ୍ରୀ ପଦ୍ମିନୀଙ୍କୁ ମାଡପିଟ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଛି। ପଦ୍ମିନୀଙ୍କ ଅଭିଯୋଗ କ୍ରମେ ଜାନୁୟାରୀ ୧୩ ତାରିଖ ରାତିରେ ସେ ନିଶାଦ୍ରବ୍ୟ ସେବନ କରି ମାଡପିଟ କରିଥିଲେ। ଫଳରେ ପଦ୍ମିନୀଙ୍କ ହାତ ଓ ମୁଣ୍ଡରେ ଆଘାତ ଲାଗିଥିଲା । ପରିବାର ବର୍ଗ ଖବର ପାଇ ପରଦିନ ଆହତ ଅବସ୍ଥାରେ ଆଣି ତାଙ୍କୁ ଚିକିତ୍ସା କରାଇ ଥିଲେ।

### ଫାର୍ମାସିଷ୍ଟ ବଦଳିକୁ ବିରୋଧ

**ସମ୍ବଲପୁର,୧୪।୨(ବ୍ୟୁରୋ):** ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ଷ୍ଟୋର ଇନଚାର୍ଜଭାବେ କାର୍ଯ୍ୟରତ ଫାର୍ମାସିଷ୍ଟଙ୍କ ଆକ୍ରୋଶ ମୂଳକ ଭାବେ ବଦଳି କରାଯାଇଛି ବୋଲି ଅଭିଯୋଗ ହେଉଛି। ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଭେଟି ନିଳାଚକ୍ର ଅନୁଷ୍ଠାନ ସଭାପତି ବଂଶୀଧର କର ଅଭିଯୋଗ କରିବା ସହ ଏହା ଉପରେ ବିଚାର କରାଯାଉ ବୋଲି ଦାବି କରିଛନ୍ତି।

### ହାଇୱା-ମିନିଟ୍ରକ୍ ଧକ୍କାରେ ରାସ୍ତା ଜାମ୍

**ସମ୍ବଲପୁର,୧୪।୨(ବ୍ୟୁରୋ):** ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥର ଜାମଟାଲଠାରେ ଏକ ହାଇୱା ଓ ମିନିଟ୍ରକ (୪୦୭) ମଧ୍ୟରେ ଧକ୍କା ହୋଇ ଦୁର୍ଘଟଣା ଘଟିଛି। ଅଳ୍ପକେ ୨ ଗାଡିର ଡ୍ରାଇଭର ବର୍ତ୍ତିଯାଇଛନ୍ତି। ହେଲେ ମଝି ରାସ୍ତାରେ ଦୁଘଟଣାଗ୍ରସ୍ତ ଗାଡି ଅଟକି ରହିଥିବାରୁ ଯାତାୟତ ଠପ୍ ହୋଇଯାଇଥିଲା । ପରେ ସ୍ଥାନୀୟ ଲୋକ ଓ ପୋଲିସ ପହଞ୍ଚି ହାଇଡ୍ରା ସହଯ୍ୟରେ ଗାଡିକୁ ହଟାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା । ଘଟଣା ସ୍ଥଳରୁ ହାଇୱା ଡ୍ରାଇଭର ଫେରାର ହୋଇଯାଇଥିଲେ।

### ଜଗବନ୍ଧୁ ବେହେରା ନୂଆ ଆଇପିଇ

**ସମ୍ବଲପୁର, ୧୪।୨ (ବ୍ୟୁରୋ):** ସମ୍ବଲପୁର ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ (ଆଇପିଇ) ଭାବେ ଜଗବନ୍ଧୁ ବେହେରା ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ସମ୍ବଲପୁର ନୃସିଂହଗୁରୁ ଟାଉନ ହାଇସ୍କୁଲ ଖେଳ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୬ ମସିହାରେ ଗୋଶାଳା ପଞ୍ଚାୟତ ହାଇସ୍କୁଲଠାରେ ସେ ପ୍ରଥମେ ଖେଳ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ଝାରସୁଗୁଡା ଓ ସମ୍ବଲପୁର ଜିଲାର ବିଭିନ୍ନ ସ୍କୁଲରେ ଖେଳ ଶିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି। କବାଡି, ଭଲିବଲ, ଖୋଖୋ, ଫୁଟବଲ ପ୍ରଭୃତି ଖେଳରେ ସେ ସଫଳ ଅଫିସିଆଲ ଭାବେ କାର୍ଯ୍ୟ କରିଛନ୍ତି। ସମ୍ବଲପୁର ଜିଲା ସ୍କୁଲସ୍ତରରେ କିପରି କ୍ରୀଡାରେ ସଫଳ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି । ତେବେ ୨୦୦୫ରୁ ସମ୍ବଲପୁର ଜିଲା ଆଇପିଇ ଭାବେ କାର୍ଯ୍ୟ କରୁଥିବା ସତ୍ୟନାରାୟଣ ରାୟଗୁରୁଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି।



ଜଗବନ୍ଧୁ ବେହେରା ।





ଶୁକ୍ରବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ କବାଡି ପଡିଆଠାରେ ଅତିଥିଙ୍କ ସହ ମୁମ୍ବାଇ ଓ ଢ଼େଙ୍କାନାଳ ଦଳ ଖେଳାଳିମାନେ(ବାମ)। କବାଡି ପଡିଆଠାରେ ଆସିକା ଓ ଜାମସେଦପୁର ମ୍ୟାଚର ଏକ ଦୃଶ୍ୟ।

# ଢେଙ୍କାନାଳ, ଆସିକା, କଟକ ବିଜୟୀ

**ସର୍ବଭାରତୀୟ ଓପନ୍ କବାଡି ଟୁର୍ନାମେଣ୍ଟ ଉଦ୍‌ଘାଟିତ**

**ସମ୍ବଲପୁର, ୧୪।୨ (ବ୍ୟୁରୋ)**

ସ୍ଥାନୀୟ ଭିଏସଏସ ଟାଉନ ହଲ୍ ପଡିଆଠାରେ ୩ ଦିନିଆ ସୁରେଶ ସେଠ ଓ ଅଶୋକ ଶର୍ମା ସ୍ମାରକୀ ସର୍ବଭାରତୀୟ ଓପନ୍ ମହିଳା ପୁରୁଷ କବାଡି ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଢ଼େଙ୍କାନାଳ ସାଇ ବନାମ ମୁମ୍ବାଇ ମଧ୍ୟରେ ହୋଇଥିଲା। ଢ଼େଙ୍କାନାଳ ୪୬-୮ ପଏଣ୍ଟରେ ବିଜୟୀ ହୋଇଛି। ସେହିପରି ମହିଳା ବର୍ଗ ମ୍ୟାଚ ଆସିକା ବନାମ ଜାମସେଦପୁର ମଧ୍ୟରେ ହୋଇଥିଲା। ଆସକା ୫୧-୨୭ ପଏଣ୍ଟରେ ଜାମସେଦପୁରକୁ ପରାସ୍ତ କରିଥିଲା । ପୁରୁଷ ବର୍ଗ ଦ୍ୱିତୀୟ ମ୍ୟାଚରେ କଟକ ୩୧-୧୧ ପଏଣ୍ଟରେ ଆସିକାକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ସିଦ୍ଧାର୍ଥ ସାହାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍‌ସେନା, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଏସପି କନୱର ବିଶାଳ ସିଂ, ଭୀମ ବରାଡ ଓ ଏ. ଜୟକୁମାର, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ, ସୁନୀଲ କୁମାର ସାହୁ, ପୋଲିସ ଅଧିକାରୀ ଧବଳେଶ୍ୱର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଡ. ବିଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରାମଦାସ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ। ଦୀପକ କୁମାର ଗଡନାୟକ, ବିରଞ୍ଚି କୁମାର ବେଉରା, ଦେବୀପ୍ରସାଦ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ସରସ୍ୱତୀ ସେଠୀ, ରମେଶ କୁମାର ବେରିହା, ସନ୍ତୋଷିନୀ ଭୁୟାଁ, ନାରାୟଣ ଜେନା, ପ୍ରତାପ ମହାନ୍ତି, ସାହେବ ଖମାରୀ, ଜଗବନ୍ଧୁ ବେହେରା, ଦୀପକ ବରାଡ, ପ୍ରଶାନ୍ତ ସେଠ ପ୍ରମୁଖ ସ୍କୋରର ଓ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଉମାପତି ତ୍ରିପାଠୀ ସୂଚନା ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ମୁମ୍ବାଇ, କୋଲକତା, ଗୋନ୍ଦିଆ, ଟାଟା ଜାମସେଦପୁର, ଭୁବନେଶ୍ୱର, କଟକ, ଆସକା, ଯାଜପୁର, ଦେବଗଡ, ରାଉରକେଲା, ଝାରସୁଗୁଡା, ସାଇ ସ୍ପୋର୍ଟ୍ସ ହଷ୍ଟେଲ, ବରଗଡ, ନୂଆପଡା, କୁଆଖିଆ ଓ ସମ୍ବଲପୁରର ୨୭ଟି ମହିଳା ଏବଂ ପୁରୁଷ ଦଳ ଭାଗ ନେଇଛନ୍ତି । ବିନୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସମଲେଶ୍ୱରୀ ମନ୍ଦିରରୁ ଖେଳାଳିମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଟୁର୍ନାମେଣ୍ଟ ସ୍ଥଳରେ ପହଞ୍ଚିଥିଲେ।

## ସବୁ ପଞ୍ଚାୟତ ଅଫିସରୁ ତାଲା ଖୋଲିଲେ ଚାଷୀ

**ବାମରା, ୧୪।୨ (ଡି.ଏନ.ଏ.)**

୨୦୧୮ ମସିହା ଫସଲ ବୀମା ଦାବି ନେଇ ଚାଷୀମାନେ ସବୁ ପଞ୍ଚାୟତ ଅଫିସରେ ତାଲା ମାରିବା ଘଟଣାର ସମାଧାନ ହୋଇଛି। ସାଧାରଣ ରାଶନ ବଣ୍ଟନକୁ ଦୃଷ୍ଟିରେ ରଖି ଚାଷୀମାନେ ଶେଷରେ ପଞ୍ଚାୟତ କାର୍ଯ୍ୟାଳୟରୁ ତାଲା ଖୋଲି ଦେଇଛନ୍ତି। ପ୍ରଶାସନର ପ୍ରତିଶ୍ରୁତି ପରେ ଏହା ସାମୟିକ ସ୍ଥଗିତ ହେଉଥିଲା । ହେଲେ ପୁଣି ଆନ୍ଦୋଳନ ଜାରି ରହୁଥିଲା । ଅବଶ୍ୟ ଏ ପର୍ଯ୍ୟନ୍ତ ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ ହୋଇନି। ଜାନୁୟାରୀ ୨୫ ତାରିଖ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀ ତାଲା ପକାଇଦେଇଥିଲେ । ଚଳିତ ମାସରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରାଶନ ସାମଗ୍ରୀ ବଣ୍ଟନ ହେବାକୁ ଥିବାରୁ ସାମୂହିକ ହିତ ଦୃଷ୍ଟିରୁ ଚାଷୀମାନେ ପଞ୍ଚାୟତ କାର୍ଯ୍ୟାଳୟ ଗୁଡିକରୁ ତାଲା ଖୋଲି ଦେଇଛନ୍ତି। ବାମରା ଯୋଗାଣ ଅଧିକାରୀ ସୂର୍ଯ୍ୟକାନ୍ତ ପ୍ରଧାନ କହିଛନ୍ତି ଯେ, ଏବେ ସାଧାରଣ ବଣ୍ଟନ ବ୍ୟବସ୍ଥା ସୁଚାରୁ ରୂପେ ଚାଲିବ। ଅନ୍ୟପଟେ ସାମୂହିକ ହିତ ଦୃଷ୍ଟିରୁ ପଞ୍ଚାୟତ ଗୁଡିକରୁ ତାଲା ଖୋଲାଯାଇଛି। ମାତ୍ର ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ ନେତା ପୀତବାସ ପଟେଲ କହିଛନ୍ତି ।

## ଟାଲଚେରକୁ ହରାଇ ଆତଙ୍କ କ୍ଲବ୍ ଚାମ୍ପିୟନ

**ରେଢାଖୋଲ,୧୪।୨(ଡି.ଏନ.ଏ.)**

ସ୍ଥାନୀୟ କଲେଜ ପଡିଆଠାରେ ଚାଲିଥିବା ୨୬ ତମ ଆତଙ୍କ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଆୟୋଜକ ଆତଙ୍କ କ୍ରିକେଟ କ୍ଲବ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ତାଲଚେର ଦଳକୁ ହରାଇ ଚାମ୍ପିୟନ ହୋଇଛି। ଆତଙ୍କ କ୍ଲବ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୪୦ ରନ୍ ସଂଗ୍ରହ କରିଥିଲା। ଜବାବରେ ତାଲଚେର ଦଳ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୭୨ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ବାପି ବିଶ୍ୱାଳ ଓ କୁନା ପ୍ରଧାନ ଖେଳ ପରିଚାଳନା କରିଥିବା ବେଳେ ଦେବାଶିଷ ମହାନ୍ତି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ ସମାରୋହରେ ଗୋବିନ୍ଦ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଶିବରାମ ସାହୁ, ପ୍ରଶାନ୍ତ ସାହୁ ଓ ଲୁଲୁ ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

**ଆତଙ୍କ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**



ଖେଳାଳିଙ୍କୁ ଟ୍ରଫି ଦେଇ ଅତିଥି ପୁରସ୍କୃତ କରୁଛନ୍ତି।

## କାଜୁ ଗଛ କାଟି ନେଲେ ଦୁର୍ବୃତ୍ତ

**ରେଙ୍ଗାଲି,୧୪।୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବନ ବିଭାଗ ନାକ ତଳୁ ବିନା ଅନୁମତି ଏବଂ ବେଆଇନ ଭାବରେ ଦିନ ଦି ପହରରେ କାଜୁ ଗଛ କାଟି ପଳାଇଲେ ଦୁର୍ବୃତ୍ତ। ଖବର ପାଇ ବନ ବିଭାଗ କେବଳ ଏକ ମାମଲା କରିଛି। ହେଲେ ତଦନ୍ତ ଜାରି ରଖି ଚୁପ୍ ହୋଇ ବସିଛି । ସାଧାରଣ ନିଜ ଘରେ ଥିବା ଗଛଟିଏ କାଟିବାକୁ ବନ ବିଭାଗର ଅନୁମତି ଲାଗଛି। ହେଲେ ରେଙ୍ଗାଲି ରେଞ୍ଜରୁ ମାତ୍ର ୨ରୁ ୩ କି.ମି. ଦୂରରେ ତଥା ବିଜୁ ଏକ୍ସପ୍ରେସୱେରୁ ୫୦୦ ମିଟର ଦୂରରେ ଥିବା ରାମାପଡା ରାସ୍ତା ପାର୍ଶ୍ୱରୁ ପ୍ରାୟ ୩୦ରୁ ୪୦ଟି କାଜୁ ଗଛ କେମିତି କଟିଲା, କିଏ କାଟିଲା ଏବଂ ଗଛ କୁଆଡେ ଗଲା ତାହା ପ୍ରଶ୍ନ ସୃଷ୍ଟି କରିଛି। ଏ ବିଷୟରେ ରେଙ୍ଗାଲି ରେଞ୍ଜର ହରିହର ପାତ୍ରଙ୍କୁ ପଚାରିବାରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଖୁବ ଶୀଘ୍ର ଦୋଷୀଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ବିଭିନ୍ନ ଦାବି ନେଇ ଆଶାକର୍ମୀଙ୍କ ବିକ୍ଷୋଭ





ସମ୍ବଲପୁରରେ ଆଶାକର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ସମ୍ବଲପୁର,୧୪।୨(ବ୍ୟୁରୋ)**

ସମ୍ବଲପୁର ଜିଲା ଆଶାକର୍ମୀ ସମ୍ମୁଖ୍ୟ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଛି। ସର୍ବନିମ୍ନ ବେତନ ୨୧ ହଜାର ଟଙ୍କା କରିବା, ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା, ଅନ୍ୟ ବିଭାଗରେ ଚାକିରି ଦେବା ଭଳି ଦାବି କରାଯାଇଛି। ଆବାହକ ପ୍ରଶାନ୍ତ ପାଢୀ, ମମତା ଖଣ୍ଡାୟତ, ଲକ୍ଷ୍ମୀ ମହାରଣା, ସୁକାନ୍ତି ମହାନ୍ତି, ବିଜୟଲକ୍ଷ୍ମୀ ଖେରୁଆଲ, ବିଦେଶିନୀ ସାହୁ, ସୀତା ପାଣ୍ଡେ, ସନ୍ତୋଷିନୀ ନାଏକ, ପଦ୍ମିନୀ ପାଣିଗ୍ରାହୀଙ୍କ ସମେତ ଶାତଧିକ କର୍ମୀ ଉପସ୍ଥିତ ଥିଲେ।

## ବାଳିକା ଶିକ୍ଷାକୁ ଅଭିଭାବକମାନେ ଅଗ୍ରାଧିକାର ଦିଅନ୍ତୁ

**ନାକଟିଦେଉଳ,୧୪।୨(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଭୀମସେନ ବେହେରା ସଭାପତିତ୍ୱ କରିଥିଲେ। ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କନ୍ଦର୍ପ ରାଉଳ, ପ୍ରାଧ୍ୟାପକ ଡ଼. ଦୀପେନ ପଟ୍ଟନାୟକ, ବାଳିକା ଶିକ୍ଷା ପ୍ରକଳ୍ପର ସଂଯୋଜକ ଅବିନାଶ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ଧଳ, ସରାପାଲି ନୋଡ଼ାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଲୋକନାଥ ପ୍ରଧାନ, ଶିକ୍ଷା କମିଟି ସଭାପତି ରସ୍ମିତା ସାହୁ ଓ ସିଆରସିସି ରଣଜିତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବାଳିକା ଶିକ୍ଷାର ଆବଶ୍ୟକତା, ସମସ୍ୟା ଏବଂ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବାଳିକା ଶିକ୍ଷାକୁ ଅଗ୍ରାଧିକାର ଦେବା ଦିଗରେ ଅଭିଭାବକମାନେ ଯତ୍ନବାନ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସିଆରସିସି ମହେଶ୍ୱର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କେଜିବିଭିର ପ୍ରଧାନ ଶିକ୍ଷୟିତ୍ରୀ ରମ୍ଭା ସ୍ୱାଇଁ ବିବରଣୀ ପାଠ କରିଥିଲେ। ତପନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦିବ୍ୟକାନ୍ତ ପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।





ସରାପାଲି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଗୋଟିଏ ଘର ପାଇଁ ରାସ୍ତା

**କୁଚିଣ୍ଡା,୧୪।୨(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ବାଉରିଗୋଡ ପଞ୍ଚାୟତ ଅନ୍ତର୍ଗତ କୁର୍ମୀମୁଣ୍ଡା ଗ୍ରାମର ଯାତ୍ରା ମଣ୍ଡପ ପାଖରେ ଥିବା ମାତ୍ର ଜଣେ ବ୍ୟକ୍ତିଙ୍କ ଘରକୁ ରାସ୍ତା ତିଆରି ହେଉଛି। ପଞ୍ଚାୟତ ପକ୍ଷରୁ ଏଥିପାଇଁ ୩ ଲକ୍ଷ ଟଙ୍କା ବ୍ୟୟ ହେବ। ହେଲେ ଏହି କାମର ସବିଶେଷ ତଥ୍ୟ ନେଇ ସୂଚନା ଫଳକ ଲାଗିନି। ଜଣେ ବ୍ୟକ୍ତିଙ୍କ ଘରକୁ ରାସ୍ତା ନିର୍ମାଣ କରିବା ନେଇ ଗାଁ ଲୋକେ ସହଜେ ଗ୍ରହଣ କରି ପାରୁ ନାହାନ୍ତି। ଅବଶ୍ୟ ଏ ନେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟକୃଷ୍ଣ ବଲୁଆ କହିଛନ୍ତି ଯେ, ସେ କାମ ଦେଖିବେ। ଗ୍ରାମବାସୀଙ୍କ ସହ ଆଲୋଚନା ହେବ। ଗ୍ରାମବାସୀ ଯାହା କହିବେ ସେ ଉପରେ କାର୍ଯ୍ୟ କରାଯିବ।

## ଭିମ୍‌ସାରରେ ବ୍ୟାଟେରି ଚାଳିତ ଗାଡ଼ି ପହଞ୍ଚିଲା

**ସମ୍ବଲପୁର,୧୪।୨(ବ୍ୟୁରୋ)**

ଭିମ୍‌ସାରରେ ଶୁକ୍ରବାର ୨ଟି ବ୍ୟାଟାରୀ ଚାଳିତ ଗାଡି ପହଞ୍ଚିଛି। ଏହା ରୋଗୀମାନଙ୍କୁ ନେବା ଆଣିବ କରିବ। ଉନ୍ନୟନ କମିଶନର ସୁରେଶ ମହାପାତ୍ର ଭିମ୍‌ସାର ଆସିଥିବା ସମୟରେ କନିଷ୍ଠ ଡାକ୍ତର ସଂଘ ସଭାପତି ଡାକ୍ତର ସଞ୍ଜୀବ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଏ ନେଇ ଦାବି କରିଥିଲେ। ଏହା ଉପରେ ପଦକ୍ଷେପ ନେବାକୁ କମିଶନର ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ କହିଥିଲେ। ଶେଷରେ ଏହି ଦାବି ପୂରଣ ହୋଇଛି। ପ୍ରକାଶଯୋଗ୍ୟ, ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ପ୍ରାୟ ୩ ବର୍ଷ ହେବ ବ୍ୟାଟାରି ଗାଡି କିଣିବା ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା । ହେଲ ଅଟୋର ଦାମ୍ ୧୧ ଲକ୍ଷ ୭ ହଜାର ଟଙ୍କା ଥିବାରୁ କିଣା ଯାଇ ପାରୁ ନ ଥିଲା।



ସମ୍ବଲପୁର ବୁର୍ଲା ଭିମସାରରେ ବ୍ୟାଟେରୀ ଚାଳିତ ଅଟୋ।





ଭାଜପା କାର୍ଯ୍ୟାଳୟରେ ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି(ବାମ)। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ତ୍ରିରଙ୍ଗା ଯାତ୍ରାର ବାହାରିଛି।

## ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୧୪।୨ (ବ୍ୟୁରୋ)**

ପୁଲଓ୍ୱାମାରେ ଶହୀଦ ଯବାନଙ୍କ ପାଇଁ ଶୁକ୍ରବାର ସମ୍ବଲପୁର ସହରରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଚେରୀ ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଜିଲା ସଭାପତି ଗିରିଶ ପଟେଲଙ୍କ ତତ୍ତ୍ୱାବଧାନରେ କର୍ମୀ ନେତାମାନେ ଯୋଗ ଦେଇଥିଲେ। ସେହିପରି ମଧ୍ୟାହ୍ନ ୧୨ଟାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ହୋଇଥିଲା। ରାଜା ଦଳପତ, ଜିତୁ ରାଜ ଚାନ୍ଦ, ସୌମ୍ୟରଞ୍ଜନ ବଡପଣ୍ଡା, ଜତିନ ତିୱାରୀ, ରତନ ବିଶ୍ୱାଳ, ଶ୍ୱେତାଂଶୁ ବରେଇ, ଅଭିଳାଷ ମେହେର, କ୍ରିତିକୃଷ୍ଣ ସାହୁ, ସୁଗମ ମିଶ୍ର, ରୋଶନ ଅଗ୍ରୱାଲ, ଦୀପକ ମିର୍ଦ୍ଧା, ସୁଶାନ୍ତ ଭୋଇ, ସ୍ୱରାଜ ମିଶ୍ର, ମୀରା ପଟ୍ଟନାୟକ, ଦୀପକ କୁଲୁ, ମାନସ ମିର୍ଦ୍ଧା, ସ୍ୱରୂପା ବାଗ ପ୍ରମୁଖ ନେତୃତ୍ୱ ନେଇଥିଲେ। ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରୁ ବାହାରି ସହର ପରିକ୍ରମା କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୌରଭ ସିହ୍ନା, ଚୁମନ ପ୍ରଧାନ, ଆଦିତ୍ୟ ଭଞ୍ଜଦେଓ, ଅଭିଷେକ ନାୟକ, ଶୁଭ୍ରାଂଶୁ ସୁଭ୍ରଜିତ ସେଲମା, ପ୍ରିୟଙ୍କା ପ୍ରିୟଦର୍ଶନୀ ବାବୁ, ମିଲି ସାହୁ, ଶୁଭଶ୍ରୀ ତ୍ରିପାଠୀ, ଆଶୁତୋଷ ବାରିକ, ବିପ୍ଳବ ନାଥ ତ୍ରିରଙ୍ଗା ଯାତ୍ରା ପରିଚାଳନା କରିଥିଲେ। ସନ୍ଧ୍ୟା ୭ଟାରେ ବୁଡ୍‌ଢ଼ାହିଲ୍ ରାମ ମନ୍ଦିର ପରିସରରେ ହନୁମାନ ଚାଳିଶା ପାଠ କରାଯାଇ ଦୀପ ଦାନ କରାଯାଇଥିଲା। ସୁଧୀର ବହିଦାର, ବିଶ୍ୱହିନ୍ଦୁ ପରିଷଦର ରାଜୀବ କୁମାର ଶତପଥୀ, ସଞ୍ଜୟ ପଟ୍ଟନାୟକ, ଗଣେଶ ପାଲିୱାଲ, ବୁଲୁ ପ୍ରଧାନ, ବିଶାଳ କୁମାର, ଦୀପକ ନାୟକ, ଶେଖର ସୋନି ପ୍ରମୁଖ ସାମିଲ ଥିଲେ। ଶେଷରେ ସତ୍ୟ ଥନାପତି ଶାନ୍ତିପାଠ କରିଥିଲେ। ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ପକ୍ଷରୁ ଗୋଲବଜାର ଛକଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମୀରରଞ୍ଜନ ବାବୁ, ବଷ୍ଟି ପୁରୋହିତ, ଅନ୍ନପୂର୍ଣ୍ଣ ବାରିକ, ପ୍ରଦୀପ ବେହେରା ପ୍ରମୁଖ ଏଥିରେ ସାମିଲ ଥିଲେ।



“ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଫୁଟବଲ ଟୁର୍ଣ୍ଣାମେଣ୍ଟ: ପାଟଣାଗଡ଼, ଫଟାମୁଣ୍ଡା ସେମିରେ

ଟିକ୍ରାପଡ଼ା,୧୪।୨(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡ଼ାସ୍ଥିତ ହାଇସ୍କୁଲ ପଡ଼ିଆରେ ଲାନ୍ତେଶ୍ୱର ଯୁବକ ସଂଘ ଅନୁକୂଲ୍ୟରେ ୧୦ମ ଜୟଲାନ୍ତ ବୁଢ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଭାରତୀ ରାଜପଲିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କମିଟି ସଭାପତି ଆଇନଜୀବୀ ଟୁନୁ ରାଜପଲିଆଙ୍କ ଅଧକ୍ଷତା ଓ ସମ୍ପାଦକ ସୁରଜ କାଲସାଏଙ୍କ ସଂଯୋଜନାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳ ଅମିମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ପାଟଣାଗଡ଼ ଦଳ ୪-୩ରେ ଗୋଲରେ ଇଚ୍ଛାପଡ଼ା ଦଳକୁ ହରାଇ ସେମିରେ ପ୍ରବେଶ କରିଥିଲା। ସେହିପରି ଫଟାମୁଣ୍ଡା ଏବଂ ଘୁଣୁରାମୁଣ୍ଡା ମଧରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳ ମଧ ଅମିମାଂସିତ ରହିଥିଲା। ଏଥିରେ ଫଟାମୁଣ୍ଡା ଦଳ ୪-୩ଗୋଲରେ ଘୁଣୁରାମୁଣ୍ଡା ଦଳକୁ ହରାଇ ସେମିରେ ପ୍ରବେଶ କରିଛି। ଦୀପକ ରାଜହଂସ ଖେଳ ପରିଚାଳନା କରିଥିଲେ।

### ବାସନ୍ତୀକ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଲୋଇସିଂହା,୧୪।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଶାରଳା ଶକ୍ତିପୀଠରେ ବାସନ୍ତୀକ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା କଲ୍ୟାଣ ମଣ୍ଡପ ନିକଟରେ ମାର୍ଚ୍ଚ ୨୪ତାରିଖରୁ ଏପ୍ରିଲ ୨ତାରିଖ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ। ଏହି ଅବସରରେ ତୁଳସୀ ରାମାୟଣ ପାରାୟଣ, ଚଣ୍ଡୀ ହବନ ଯଜ୍ଞ, ନାମଯଜ୍ଞ, ପ୍ରବଚନ ସାଙ୍ଗକୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଛି। ଆୟୋଜିତ ବୈଠକରେ ମୁରଲୀ ଭୋଇ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୂଜା କର୍ମକର୍ତ୍ତା ଚୟନ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଭାବେ ମୋହିତ ମିଶ୍ର, ସଭାପତି କୁନା ଭୋଇ, ଉପସଭାପତି ବନୀତା ଭୋଇ, ସମ୍ପାଦକ ରବୀନ୍ଦ୍ର ପୁଟେଲ, ସହସମ୍ପାଦକ ପ୍ରକାଶ ମହାରଣା, କୋଷାଧ୍ୟକ୍ଷ ଭାବେ ନଜରୁଲ୍ଲା ଖାଁଙ୍କୁ ମନୋନୀତ କରାଯାଇଛି। ମଞ୍ଜୁବାଳା ମେହେର, ରମେଶ ମେହେର, ନିମାଇଁଚରଣ ପଧାନ, ତ୍ର୍ୟମ୍ବକେଶ୍ୱର ସିଂ ରାଏ, ଉପେନ୍ଦ୍ର ସାହୁ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି।

# ଆଜି କିସ୍ ବଲାଙ୍ଗୀର ଶାଖାକୁ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ବଲାଙ୍ଗୀର ଅଫିସ,୧୪।୨

- ୨୦ ଏକର ଜମିରେ ମୋତିଲାଲ ଓସ୍ୱାଲ-କିସ୍ ଆବାସିକ ବିଦ୍ୟାଳୟ
- ବଲାଙ୍ଗୀର ଜିଲାର ଜନଜାତି ଛାତ୍ରୀଛାତ୍ର ପାଠ ପଢ଼ିବେ

ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍(କିସ୍)ର ବଲାଙ୍ଗୀର ଶାଖାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କିଟ୍-କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ମୋତିଲାଲ ଓସ୍ୱାଲ ଗ୍ରୁପ୍ ଅଧକ୍ଷ ମୋତିଲାଲ ଓସ୍ୱାଲ ଉପସ୍ଥିତ ରହିବେ। ଭୁବନେଶ୍ୱର କିସ୍ ଅନୁଷ୍ଠାନର ପ୍ରଥମ ଶାଖା ଭାବେ ବଲାଙ୍ଗୀରରେ ଶନିବାର ଉଦ୍‌ଘାଟିତ ହେବ । ଭୁବନେଶ୍ୱରରୁ ପୂର୍ବାହ୍ନ ୧୦ଟା ୩୦ରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଉଡାଜାହାଜ ଯୋଗେ ବାହାରି ତୁଷରା ଉଡାଜାହାଜ ପଡ଼ିଆରେ ୧୧ଟା ୧୦ ମିନିଟ୍ ସମୟରେ ପହଞ୍ଚିବେ। ସେଠାରୁ ଏକ ହେଲିକପ୍ଟର ଯୋଗେ ବଲାଙ୍ଗୀର ଅଭିମୁଖେ ଆସି ମୋତିଲାଲ ଓସ୍ୱାଲ-କିସ୍ ଆବାସିକ ସ୍କୁଲ ନିକଟସ୍ଥ ହେଲିପ୍ୟାଡରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଓହ୍ଲାଇବେ । ପରେ ୧୧ଟା ୩୫ ମିନିଟରେ ମୋତିଲାଲ ଓସ୍ୱାଲ-କିସ୍ ଆବାସିକ ସ୍କୁଲକୁ ପହଞ୍ଚି ବିଧିବଦ୍ଧ ଭାବେ ଏହାକୁ ଉଦ୍‌ଘାଟନ କରିବେ। ପରେ ବଲାଙ୍ଗୀର କିସ୍ କ୍ୟାମ୍ପସ ପରିଦର୍ଶନ କରି ସେଠାରେ ଆୟୋଜିତ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ମଧ୍ୟାହ୍ନ ୧୨ଟା ୨୦ ମିନିଟ୍‌ରେ ବଲାଙ୍ଗୀର ଛାଡି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ତୁଷରା ଦେଇ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ରହିଛି । କିସ୍ ବଲାଙ୍ଗୀର ଶାଖା ଉଦ୍‌ଘାଟନୀ ସକାଶେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ଶୁକ୍ରବାର କିସ୍ ବଲାଙ୍ଗୀର କ୍ୟାମ୍ପସ, ସଭା ଆୟୋଜନ ସ୍ଥଳୀ, ହେଲିପ୍ୟାଡ ପରିଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ନେଇ ପ୍ରିୟରଞ୍ଜନ ସାହୁ, ପ୍ରମୋଦ ସାହୁ, ଦିଲୀପ ନାଏକ, ବସନ୍ତ ରାଉତ୍, ଶୈଳେଶ ସାହୁ, ରାଜକିଶୋର ପୂଜାରୀ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି।

୨୦ ଏକର ଜମିରେ ପ୍ରତିଷ୍ଠା ହୋଇଥିବା ମୋତିଲାଲ ଓସ୍ୱାଲ କିସ୍ ଆବାସିକ ଜନଜାତି ବିଦ୍ୟାଳୟରେ ପ୍ରଥମ ବର୍ଷ ୧୫୦୦ ଜନଜାତି ଛାତ୍ରୀଛାତ୍ର ବିଦ୍ୟାରମ୍ଭ କରିବେ। ଏଥିସକାଶେ ଅତ୍ୟାଧୁନିକ ଶୈଳୀରେ ସୁରମ୍ୟ ଅଟ୍ଟାଳିକା ନିର୍ମାଣ ସରିଛି। କ୍ୟାମ୍ପସ ପରିସରରେ ଆକାଡେମିକ ବ୍ଲକ୍, ଆଡମିନିଷ୍ଟ୍ରେଟିଭ ବ୍ଲକ୍, ବାଳକ ଓ ବାଳିକା ଛାତ୍ରାବାସ, ୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ରହିଛି। ଛାତ୍ରୀଛାତ୍ରଙ୍କ ସକାଶେ ସମସ୍ତ ବ୍ୟବସ୍ଥା କରାଯାଇଛି । ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ସଂଘ ମହାସଚିବ ନିରଞ୍ଜନ ବିଶି ଶୁକ୍ରବାର ବଲାଙ୍ଗୀର କିସ୍ ଶାଖା ଉଦ୍‌ଘାଟନ ନେଇ ସୂଚନା ଦେଇ ଏହା ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି। ଏପରି କି ଜନଜାତି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇବା ଦିଗରେ ଅଭୂତପୂର୍ବ ପ୍ରୟାସ କରିଥିବାରୁ କିସ୍ ପ୍ରତିଷ୍ଠାତା ଅଚ୍ୟୁତ୍ ସାମନ୍ତ ଓ ମୋତିଲାଲ ଓସ୍ୱାଲ ଗ୍ରୁପ୍‌କୁ କୃତଜ୍ଞତା ଜଣାଇଥିଲେ। ତାଙ୍କ ସହ ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜକିଶୋର ସିଂଭୋଇ, ଉପଦେଷ୍ଟା ସତ୍ୟ ନାରାୟଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନ ଅପେକ୍ଷାରେ କିସ୍ ବଲାଙ୍ଗୀର ଶାଖା ।

### ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କୁ ଘେରିଲେ ଷ୍ଟାଫନର୍ସ

ବଲାଙ୍ଗୀର ଅଫିସ, ୧୪।୨

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଗୁରୁବାର ରାତିରେ କାର୍ଯ୍ୟରତା ଷ୍ଟାଫନର୍ସ ପ୍ରତିମା ପ୍ରଧାନଙ୍କୁ ଦୁଇଜଣ ବ୍ୟକ୍ତି ଆକ୍ରମଣ କରି ନିସ୍ଥୁକ ମାଡମାରି ଫେରାର ହୋଇଯାଇଥିଲେ । ଏ ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ ଟାଉନ ଥାନା ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। ଏହାର ପ୍ରତିବାଦ କରି ଶୁକ୍ରବାର ହସ୍ପିଟାଲର ଷ୍ଟାଫନର୍ସମାନେ ମେଡିକାଲ କଲେଜ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସ ଘେରାଓ କରିଥିଲେ । ସୁପରିଣ୍ଟେଣ୍ଡେଣ୍ଟ ଡା.ମହେନ୍ଦ୍ର କୁମାର ନାୟକ ଷ୍ଟାଫନର୍ସମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଓ ଟାଉନ୍ ଥାନା ଆଇଆଇସିଙ୍କୁ ଡାକି ଆଲୋଚନା କରିଥିଲେ। ପୋଲିସ ପକ୍ଷରୁ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ଷ୍ଟାଫନର୍ସମାନେ ସେଠାରୁ ଫେରି କାର୍ଯ୍ୟରେ ଯୋଗଦେଇଥିବା ଜଣାପଡିଛି।

## ଯଜ୍ଞ ସରିଲା, ହେଉନି ଅଳିଆ ସଫା

ଲୋଇସିଂହା,୧୪।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ରୁଗୁଡିଖାଲ ମାନସ ବିହାରଠାରେ ଅନୁଷ୍ଠିତ ମାନସଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଇତି ମଧ୍ୟରେ ଯଜ୍ଞ ଶେଷ ହେବାର ୧୨ ଦିନ ବିତିଯାଇଥିଲେ ସୁଦ୍ଧା ସେଠାରେ ପଡିରହିଥିବା ଅଳିଆ ଆବର୍ଜନା ସଫେଇ ହୋଇପାରିନାହିଁ। ଫଳରେ ଶୁକ୍ରବାର ସାପ୍ତାହିକ ହାଟ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ବସିଥିଲା। ଏନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରୁଗୁଡିଖାଲ ମାନସ ବିହାରରେ ଜାନୁୟାରୀ ୨୫ତାରିଖରୁ ଫେବୃୟାରୀ ୨ତାରିଖ ପର୍ଯ୍ୟନ୍ତ ୨୩ତମ ମାନସ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏନେଇ କମିଟି ସଭ୍ୟ ଗଜେନ୍ଦ୍ର ଦଣ୍ଡସେନାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ସଫେଇ କରାଯିବ ବୋଲି କହିଥିଲେ।



ରୁଗୁଡିଖାଲ ମାନସ ବିହାରଠାରେ ପଡି ରହିଥିବା ଅଳିଆ।

## ଅମରପାଲି କ୍ରିକେଟ କପ୍: ଏମ୍ ସ୍ପୋର୍ଟିଂ ମୁର୍ଷୁଣ୍ଡୀ ଚାମ୍ପିୟନ

ଅମରପାଲି, ୧୪।୨ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଓ ଜେମଷ୍ଟାର କ୍ଲବର ମିଳିତ ଆନୁକୂଲ୍ୟରେ ୨୭ତମ ଅମରପାଲି କ୍ରିକେଟ କପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଡମାଳ(ରେଢ଼ାଖୋଲ)କୁ ହରାଇ ଏମ୍ ସ୍ପୋର୍ଟିଂ ମୁର୍ଷୁଣ୍ଡୀ ଚାମ୍ପିୟନ ହୋଇଛି । ଫାଇନାଲ ଖେଳ ଫର୍ମାଟ ବିଶିଷ୍ଟ ହୋଇଥିଲା। ପ୍ରଥମେ ଖେଳାଯାଇଥିବା ୮ ଓଭର ମ୍ୟାଚରେ ମୁର୍ଷୁଣ୍ଡୀ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୮୯ ରନ୍ କରିଥିଲା। ଦଳର ଅଭୟ ୧୯ ବଲ୍‌ରୁ ୪୧ ରନ୍ କରିଥିଲେ। ବଡମାଳର ଅନୁ ୩ଟି ଉଇକେଟ ନେଇଥିଲେ । ଜବାବରେ ବଡମାଳ ଦଳ ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୬୧ ରନ୍ କରି ପରାସ୍ତ ହୋଇଥିଲା। ଦଳର ଅଜୁ ୧୨ ରନ୍ କରିଥିବା ବେଳେ ମୁର୍ଷୁଣ୍ଡୀର ହରି ୩ଟି ଉଇକେଟ ନେଇଥିଲେ। ପରେ ଖେଳାଯାଇଥିବା ୫ ଓଭର ମ୍ୟାଚରେ ମୁର୍ଷୁଣ୍ଡୀ ନିର୍ଦ୍ଧାରିତ ୫ ଓଭରରେ ୫ ଉଇକେଟ ହରାଇ ୫୧ ରନ୍ କରିଥିଲା। ଦଳର ହରି ୧୬ବଲରୁ ୩୨ ରନ୍ କରିଥିଲେ । ଜବାବରେ ବଡମାଳ ଦଳ ନିର୍ଦ୍ଧାରିତ ୫ ଓଭରରେ ୨ ଉଇକେଟ ହରାଇ ୩୭ ରନ୍ କରିଥିଲା। ଦଳର ନରେନ୍ଦ୍ର ୧୯ ରନ୍ କରିଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ମୁର୍ଷୁଣ୍ଡୀ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବହଳପଦର ସରପଞ୍ଚ ଚନ୍ଦ୍ରକାନ୍ତି ଦନ୍ତା ମୁଖ୍ୟଅତିଥି, ଦୁର୍ଜନତୈଳା ସରପଞ୍ଚ ରଞ୍ଜିତ ଖେତୀ, ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ଲୁଡୁରପଙ୍କ ସରପଞ୍ଚଙ୍କ ପ୍ରତିନିଧି ରାଧାମାଧବ ବେହେରା, ପୂର୍ବତନ ସରପଞ୍ଚ ସୁପ୍ରଭା ଖେତୀ, ପ୍ରୟାସର ସଭାପତି ରାଧେଶ୍ୟାମ ମିଶ୍ର, ଶିକ୍ଷକ ବସନ୍ତ ସାହୁ, କ୍ରୀଡ଼ାବିତ ବିଦ୍ୟାଧର ସାହୁ, ଦୁଃଶାସନ ସାହୁ, ନିର୍ମଳ ସାହୁ, କହ୍ନେଇଚରଣ ପଧାନ, ଚନ୍ଦ୍ରଶେଖର ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମୁର୍ଷୁଣ୍ଡୀର ଅଭୟଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ, ହରିଙ୍କୁ ମ୍ୟାନ ଅଫ୍ ଦି ସିରିଜ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଶ୍ରେଷ୍ଠ ସିକ୍ସର ବବୁଲୁ ମାଝି ଓ ପିପୁଲ ଚଏସ୍ ପୁରସ୍କାର ମୁକେଶ ସେଠଙ୍କୁ ଶ୍ରେଷ୍ଠ ବୋଲର, ରେଙ୍ଗାଲିର ସୁଜିତ ସେଠୀଙ୍କୁ ଶ୍ରେଷ୍ଠ କ୍ୟାଚର ଭାବେ ପୁରସ୍କୃତ କରାଯାଇଥିଲା । ବଡମାଳ ଦଳକୁ ତ୍ରିଲୋଚନ ସାହୁ ସ୍ମାରକୀ ରନର୍ସଅପ୍ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ଓ ଚାମ୍ପିୟନ ମୁର୍ଷୁଣ୍ଡୀ ଦଳକୁ ନବୀନ ସ୍ମାରକୀ ଟ୍ରଫି ସହିତ ନଗଦ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳକୁ ସୁରେଶ ବିଶି, ନାରାୟଣ କମ୍ପିଲ ପରିଚାଳନା କରିଥିଲେ। ନିତମରଞ୍ଜନ ପଧାନ ଓ ବନମାଳୀ ଗୌନ୍ତିଆ ସ୍କୋରର, ରିମନ ସାହୁ ଓ ଶୁଭେନ୍ଦୁ ଶେଖର ସାହୁ ଅନଲାଇନ ସ୍କୋରର ଏବଂ ନିହାର ରଞ୍ଜନ ସାହୁ ଓ ବରୁଣ ନାଏକ ଧାରାବିବରଣୀ ପ୍ରଦାନ କରିଥିଲେ ।



ଅତିଥିମାନେ ଚାମ୍ପିୟନ ଦଳ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ବସ୍ତି ଜବରଦଖଲ ଉଚ୍ଛେଦ ଦାବିରେ ସ୍ମାରକପତ୍ର ପ୍ରଦାନ

ଲୋଇସିଂହା,୧୪।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜବରଦଖଲ ଉଚ୍ଛେଦ ନେଇ ନୋଟିସ ଜାରି କରାଯାଇଛି। ଏହାକୁ ବିରୋଧ କରି ସମ୍ପୃକ୍ତ ବ୍ୟକ୍ତି ବିଶେଷ ସରକାରୀ ଜମି ଜବରଦଖଲ କରି ପକ୍କାଘର ନିର୍ମାଣ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଶୁକ୍ରବାର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଯୋଗୀସର୍ଡା ଆର୍‌ଆଇ ସର୍କଲ ଯୋଗୀସର୍ଡା ସଦର ଗାଁ ପ୍ରାଥମିକ ସ୍କୁଲ ଓ ପୋଖରୀ ରାସ୍ତାରେ ସରକାରୀ ଜମି ଜବରଦଖଲ କରି ୪୦ ପରିବାର ଗୃହ ନିର୍ମାଣ କରିଛନ୍ତି। ସେମାନଙ୍କୁ ଉଚ୍ଛେଦ କରିବା ନେଇ ତହସିଲ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଛି। ନୋଟିସ ପାଇଲା ପରେ ସମ୍ପୃକ୍ତ ପରିବାର ଭୟଭୀତ ହୋଇପଡିଛନ୍ତି। ଅନ୍ୟପକ୍ଷେ କିଛି ଲୋକେ ଗ୍ରାମର ରାସ୍ତା ଉପରେ ବେଆଇନ ଭାବେ ଜବରଦଖଲ କରି ଘର ନିର୍ମାଣ କରିଛନ୍ତି। ଫଳରେ ଲୋକଙ୍କୁ ଯାତାୟାତରେ ଅସୁବିଧା ହେଉଛି । ସେମାନଙ୍କୁ କାହିଁକି ତହସିଲ ପକ୍ଷରୁ ଅନୁକମ୍ପା କରାଯାଇଛି ବୋଲି ଅଭିଯୋଗ ହୋଇଛି। ସରକାରୀ ନିୟମ ମୁତାବକ ସେମାନଙ୍କ ବିରୋଧରେ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଗୁରୁବାରି ଦନ୍ତା, ବାସନ୍ତୀ ପୋଡ, ଅହଲ୍ୟା ବଗର୍ତ୍ତୀ, ଶତ୍ରୁଘ୍ନ କମ୍ପ, ଶାନ୍ତିଲତା ମହାକୁର, ସଦାନନ୍ଦ ପଧାନ, ଦୈତାରୀ ଦନ୍ତା, ପାଞ୍ଚିଳି ଭୂଏ ପ୍ରମୁଖ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜବରଦଖଲକାରୀଙ୍କ ସୂଚନା ଦିଆଗଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଆରତୀ ଭୋଇ ଅଭିଯୋଗକାରୀଙ୍କୁ କହିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଘୋଷଣା ମୁତାବକ ହେଉନି କାମ

ବଲାଙ୍ଗୀର ଅଫିସ, ୧୪।୨

ଗତବର୍ଷ ଜାନୁୟାରୀ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଆସି ବଲାଙ୍ଗୀର-ବିଚ୍ଛୁପାଲି ରେଳଲାଇନ୍ ଓ ପାସେଞ୍ଜର ଟ୍ରେନର ଲୋକାର୍ପଣ କରିବା ସହ ପଶ୍ଚିମ ଓଡ଼ିଶାର ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ଘୋଷଣା କରିଥିଲେ । ବଲାଙ୍ଗୀର ଜିଲାର ରାଣୀପୁର-ଝରିଏଲସ୍ଥିତ ଚୌଷଠି ଯୋଗିନୀ ପୀଠ, ବୌଦ୍ଧ ଜିଲା ଗନ୍ଧରାଡି ମନ୍ଦିର ଏବଂ କଳାହାଣ୍ଡି ଜିଲା ଅସୁରଗଡ ଦୁର୍ଗ ପୁନରୁଦ୍ଧାର ପର୍ଯ୍ୟଟନର ବିକାଶ ଦିଗରେ ସହାୟକ ହେବ ବୋଲି କହିଥିଲେ। ଏସବୁ କୀର୍ତ୍ତିରାଜିର ବିକାଶ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଉଥିବା ପ୍ରଧାନମନ୍ତ୍ରୀ ମୋଦି ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ। ଏହାର ଏକବର୍ଷ ପରେ ସୂଚନା ଅଧିକାର ଆଇନ ଜରିଆରେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ଅନ୍ତର୍ଗତ ଭୁବନେଶ୍ୱର ସର୍କଲ ଅଫିସ ପକ୍ଷରୁ ମିଳିଥିବା ତଥ୍ୟ ବାସ୍ତବତାଠାରୁ ବହୁ ଦୂରରେ ବୋଲି ଜଣାପଡିଛି । ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ଦିଆଯାଇଥିବା ତଥ୍ୟରେ ବିଗତ ୩ବର୍ଷ ମଧ୍ୟରେ ବଲାଙ୍ଗୀର ଜିଲା ରାଣୀପୁର-ଝରିଏଲ, ବୌଦ୍ଧ ଜିଲା ଗନ୍ଧରାଡି ସ୍ଥିତ ମନ୍ଦିରରେ ଟେଲିକମ୍ୟୁନିକେଶନ କନ୍‌ସଲଟାଣ୍ଟ ଇଣ୍ଡିଆ ପକ୍ଷରୁ ଶୌଚାଳୟ ସମୂହ ନିର୍ମାଣ କରାଯାଇଥିବା ଓ ଗନ୍ଧରାଡି ମନ୍ଦିର ଏବଂ ଅସୁରଗଡ଼ରେ ପାଚେରୀ ନିର୍ମାଣ କରାଯାଇଥିବା ଜଣାପଡିଛି। ରାଣୀପୁର-ଝରିଏଲରେ କୀର୍ତ୍ତିରାଜି ସୁରକ୍ଷା ପାଇଁ ଏକ ନୋଟିସ ବୋର୍ଡ ଲଗାଯାଇଥିବା ବେଳେ ଗନ୍ଧରାଡି ମନ୍ଦିରରେ କାଠ କବାଟ ଏବଂ ରଙ୍ଗ ଦିଆଯାଇଥିବା ତଥ୍ୟରୁ ଜଣାପଡିଛି। ଅସୁରଗଡ଼ ଖନନ ପାଇଁ ୨୦୧୮-୧୯ରେ ୩୧ ଲକ୍ଷ ୮୦ ହଜାର ୭୫ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୨୦୧୯-୨୦ ବର୍ଷରେ ମାତ୍ର ୧୪ ଲକ୍ଷ ୩୩ ହଜାର ୨୯୭ ଟଙ୍କା ଖର୍ଚ୍ଚ କରାଯାଇଛି ପ୍ରଧାନମନ୍ତ୍ରୀ ପୀଠଗୁଡିକର ବିକାଶ ପାଇଁ ଯେଭଳି ଆଗ୍ରହ ପ୍ରକାଶ କରି ବକ୍ତବ୍ୟ ଦେଇଥିଲେ ବାସ୍ତବତାରେ ସେଭଳି କରାଯାଉ ନ ଥିବା ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି । ପଶ୍ଚିମ ଓଡ଼ିଶାର ପ୍ରାଚୀନ ପୀଠଗୁଡିକର ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ । ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ଏହି ଅବହେଳିତ ପୀଠଗୁଡିକର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆନ୍ତରିକତାର ସହ କାର୍ଯ୍ୟ କଲେ ଏହାର ସୁରକ୍ଷା ହୋଇପାରିବ ବୋଲି ପଣ୍ଡା କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଭାଷଣ ବାସ୍ତବତାରେ ପରିଣତ ହେଲେ ରାଜ୍ୟର ଜନସାଧାରଣ ଉପକୃତ ହୁଅନ୍ତେ ବୋଲି ପଣ୍ଡା କହିଛନ୍ତି। ରାଜ୍ୟ ସରକାର ରାଜ୍ୟବ୍ୟାପୀ ବିଭିନ୍ନ ମନ୍ଦିରର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରିଥିବାବେଳେ ଗତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ହରିଶଙ୍କର ପୀଠର ବିକାଶ ପାଇଁ କୌଣସି ବ୍ୟବସ୍ଥା ନ କରିବା ବଲାଙ୍ଗୀର ଜିଲାବାସୀଙ୍କୁ ମର୍ମାହତ କରିଛି ବୋଲି ପଣ୍ଡା କହିବା ସହ ତୁରନ୍ତ ମୁଖ୍ୟମନ୍ତ୍ରୀ ହରିଶଙ୍କର ସମେତ ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ନିର୍ଦ୍ଦେଶ ଦେବାକୁ ସୂଚନା କର୍ମୀ ପଣ୍ଡା ଦାବି କରିଛନ୍ତି।




ରାଣୀପୁର-ଝରିଆଲର ପ୍ରାଚୀନ କୀର୍ତ୍ତିରାଜି।

### ରନ୍ଧନଗ୍ୟାସ ମୂଲ୍ୟବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ବଲାଙ୍ଗୀର ଅଫିସ,୧୪।୨

ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ପିଛା ୧୪୪ ଟଙ୍କା ମୂଲ୍ୟବୃଦ୍ଧିକୁ ବିରୋଧ କରି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ବଲାଙ୍ଗୀର ପକ୍ଷରୁ ଶୁକ୍ରବାର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିଭିନ୍ନ ସାମଗ୍ରୀରେ ଅହେତୁକ ଦରଦାମ ବୃଦ୍ଧି ଯୋଗୁ ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡ ଭୁଶୁଡି ପଡିଥିବାବେଳେ କେନ୍ଦ୍ର ସରକାର ରନ୍ଧନ ଗ୍ୟାସରେ ଅହେତୁକ ମୂଲ୍ୟବୃଦ୍ଧି କରି ଏକ ଜନବିରୋଧୀ ସରକାର ଭାବେ ନିଜକୁ ପ୍ରତିପାଦିତ କରିଥିବା ଅଭିଯୋଗ କରାଯାଇଛି । ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବର୍ଦ୍ଧିତ ଦର ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଦାବି ଜଣାଇଥିଲେ । ବିକ୍ଷୋଭରେ ଏସ୍‌ୟୁସିଆଇର ବଲାଙ୍ଗୀର ଜିଲା ସାଙ୍ଗଠନିକ କମିଟି ସମ୍ପାଦକ ସୁନୀଲ ଭୋଇଙ୍କ ସମେତ ଲକ୍ଷ୍ମୀଧର ସାମଲ, ରାଜେନ୍ଦ୍ର ରଣା, କୁଶପୃଷ୍ଟି ବାଗ, ବିକାଶ ଜେନା, ଯୋଗେଶ୍ୱର ରଣା, ତ୍ରିଲୋଚନ ସାହୁ ବକ୍ତବ୍ୟ ରଖି ଦରବୃଦ୍ଧିକୁ ବିରୋଧ କରିଥିଲେ।

## ଫଟୋରେ ଖବର








ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟର ୨୦୨୦-୨୧ ଶିକ୍ଷାବର୍ଷର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ)। ପୁଲୱାମା ଆତଙ୍କବାଦୀ ଆକ୍ରମଣର ଏକବର୍ଷ ପୂର୍ତ୍ତି ଅବସରରେ ବଲାଙ୍ଗୀର ସଚେତନ ମହିଳା ମଞ୍ଚ ଓ ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି (ମଝି)। ବଲାଙ୍ଗୀର ଦେଓଗାଁ ବ୍ଲକ ସାଲେପାଲିସ୍ଥିତ ବାର୍ଦ୍ଧକ୍ୟ ଆବାସରେ ମାହେଶ୍ୱରୀ ମହିଳା ସଙ୍ଗଠନ ପକ୍ଷରୁ ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ କରାଯାଉଛି। (ଫଟୋ- ସୁନୀଲ)



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସିଏ ହିଁ ସବୁଠାରୁ ବଳି ବିପଜ୍ଜନକ ଲୋକ।
- ଶିଶେରୋ



**ସଂକ୍ଷେପରେ...**

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

ବରଗଡ଼ ଅଫିସ୍,୧୪।୨- ବରଗଡ଼ର ବରିଷ୍ଠ ଆଇନ୍‌ଜୀବୀ ମଧୁସୂଦନ ପ୍ରଧାନଙ୍କ ଗୁରୁବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି। ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକ ଏକ ଘରୋଇ ଡାକ୍ତରଖାନାକୁ ନେବା ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ପ୍ରଧାନଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ପ୍ରଧାନଙ୍କ ପୈତୃକ ଗ୍ରାମ ବରପାଲି ବ୍ଲକ ଅନ୍ତର୍ଗତ ବିଶିପାଲିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବରଗଡ଼ ଜିଲା ଓକିଲ ସଂଘ, ଜିଲା କ୍ରିକେଟ ଆସୋସିଏଶନ, ରଣେଶ୍ୱର ରାମଚଣ୍ଡୀ ଯୁବ ସଂଗଠନ, ଜିଲା କୁଲତା ସମାଜ ଏବଂ ଅଞ୍ଚଳବାସୀ ସ୍ୱର୍ଗତ ପ୍ରଧାନଙ୍କ ଅନ୍ତିମ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ବରଗଡ଼ ଜିଲା ଓକିଲ ସଂଘ ପରିସରରେ ସ୍ୱର୍ଗତ ପ୍ରଧାନଙ୍କ ପରଲୋକରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

## ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପାଇକମାଲ, ୧୪।୨(ଡି.ଏନ୍.ଏ.)- ପାଇକମାଲ ବ୍ଲକ ମାଣ୍ଡୋସିଲ ହାଇସ୍କୁଲରେ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ତନସନାଙ୍କ ସଭାପତିତ୍ୱରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଗଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଶିକ୍ଷକ ଗୋବିନ୍ଦ ମାଝି, ଅରୁଣ କୁମାର ପାତ୍ର, ନୀଳମଣି ବରିହା ପ୍ରମୁଖ ବିଦାୟକାଳୀନ ଛାତ୍ରୀଛାତ୍ରମାନଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶିକ୍ଷକ ଅମରସିଂ ଧରୁଆ, ମୀନତସ୍ ଟେଟେ, ସୁମିତ୍ରା କନ୍ଧେର, ପଦ୍ମଲୋଚନ ମାଝି, କୃଷ୍ଣ ବାଗ, ନୀଳମଣି ପୁଟା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନୀଳମଣି ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ର ଗଠନରେ ସାମିଲ ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ



ବିକାଶ ଅନୁଷ୍ଠାନରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି।





ଏବିଭିପି ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି।

ବରଗଡ଼ ଅଫିସ୍,୧୪।୨

ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ୍ ହୋଇଥିବା ବୀର ଯବାନଙ୍କ ସ୍ମୃତିରେ ଶୁକ୍ରବାର ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା, ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚକରକେନ୍ଦସ୍ଥିତ କୋଶଲ ସଂଗ୍ରାମୀ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବଜ୍ୟୋତି ହାଇସ୍କୁଲ, ନବଜ୍ୟୋତି କଲେଜର ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ନାଗରିକମାନେ ଶୋଭାଯାତ୍ରାରେ ବାହାରି ଶହୀଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନର ସୁଶାନ୍ତ ମେହେରଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡଃ ବୀରେନ୍ଦ୍ର କୁମାର ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଶହୀଦ ଯବାନମାନଙ୍କର ରାଷ୍ଟ୍ରପ୍ରେମ ଅନନ୍ୟ, ଅତୁଳନୀୟ ବୋଲି କହିଥିଲେ। ଛାତ୍ରୀଛାତ୍ର ରାଷ୍ଟ୍ର ଗଠନରେ ନିଜକୁ ସାମିଲ କଲେ ତାହା ହିଁ ଶହୀଦଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି କାର୍ତ୍ତିକେୟ ସାଥୁଆ, ଦିଲୀପ ସାହୁ ଅତିଥିଭାବେ ଯୋଗଦେଇଥିବାବେଳେ ଅନ୍ତର୍ଯ୍ୟାମୀ ପ୍ରଧାନ, ଅରୁଣା ସାହୁ, କିଶୋର ବାଗ, ସୁଦର୍ଶନ ହାତୀ, ଆଶିଷ ସାହୁ, ଜଗତ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ଚକରକେନ୍ଦରୁ ଏକ ବାଇକ୍ ରାଲି ବାହାରି ମା' ବୈଷ୍ଣୋଦେବୀ ମନ୍ଦିରକୁ ପହଞ୍ଚିଥିଲା ଏବଂ ସେଠାରେ ବୀର ଯବାନଙ୍କ ମଙ୍ଗଳ କାମନା କରାଯାଇଥିଲା।

ଅନୁରୂପ ଭାବେ ବିକାଶ ଡିଗ୍ରୀ କଲେଜରେ ମଧ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ଦେଶାତ୍ମବୋଧକ ଫଟୋଚିତ୍ର ଅଙ୍କନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସବ୍-ମେଜର କେ.ସି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ବିକାଶର ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା, ଉପାଧକ୍ଷା ପୁଷ୍ପିତା ପଣ୍ଡା, ଅଧ୍ୟାପକ ମନ୍ଦରଧର ନାୟକ, ଛାତ୍ରୀ ପ୍ରଜ୍ଞା ପରମିତା ବିଶ୍ୱାଳ ପ୍ରମୁଖ ଶହୀଦଙ୍କ ସ୍ମୃତିରେ ବକ୍ତବ୍ୟ ରଖିଥିଲେ। ବିକାଶ ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା କଲେଜରେ ମଧ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ସ୍ଥାନୀୟ ଏସପି ଅଫିସ ଛକରେ ଦୀପ ଜାଳି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏବିଭିପିର ଜିଲା ସଂଗଠକ ହେମରାଜ ସାହୁ, ପାର୍ଥ ଜାନି, କିଶୋର ବିଭାର, ମୃତ୍ୟୁଞ୍ଜୟ ମହାରଣା, ଶୁଭମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ

ବରଗଡ଼ ଅଫିସ୍,୧୪।୨

ପୁଲୱାମାରେ ଶହୀଦ ହୋଇଥିବା ବୀର ଯବାନଙ୍କ ସ୍ମୃତିରେ ଶୁକ୍ରବାର ବରଗଡ଼ ଜିଲା ଟୁକୁର୍ଲାସ୍ଥିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଡ଼ୋଲ ଏବଂ ଟୁକୁର୍ଲା ଯୁବ ସମାଜ ପକ୍ଷରୁ ଅନୁଷ୍ଠିତ ଏହି ଶିବିରକୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଉଦଘାଟନ କରିଥିଲେ। ୧୮୯ ବାଟାଲିୟନର କମାଣ୍ଡେଣ୍ଟ ଯୋଗେନର ସିଂ ମୌରୟା, ସୁବେଦାର ମେଜର ବଳରାମ ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ସେହିପରି ଶହୀଦ ରଞ୍ଜନ ଦାଶଙ୍କ ପରିବାରରୁ ବଡ଼ଭାଇ ଉତ୍ତମ ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଭୁତି ଭୂଷଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୮ଜଣ ମହିଳାଙ୍କ ସମେତ ୧୪୧ଜଣ ରକ୍ତଦାନ କରିଥିଲେ। ରୋହିତ ଜୟସ୍ୱାଲ, ବିକାଶ ଅଗ୍ରୱାଲ, ଲିଙ୍ଗରାଜ ସାହୁ, ଶେଷଦେବ ପ୍ରଧାନ ଶିବିର ପରିଚାଳନା କରିଥିବାବେଳେ ଶ୍ରୀରାମ ବାରିକ, ବିଧାନ ଦନ୍ତା, ଆଲୋକ ପ୍ରଧାନ, ଲିଙ୍ଗରାଜ ସାହୁ, ଟିକେଲାଲ ପ୍ରଧାନ, ଖଗେଶ୍ୱର ପ୍ରଧାନ, ଅର୍ଜୁନ ମେହେର, ଅକ୍ଷୟ ମିଶ୍ର, ମିଥୁନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ରାହାଜାନି ଅଭିଯୋଗ: ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବିଜେପୁର, ୧୪।୨(ଡି.ଏନ୍.ଏ.)

ବରଗଡ଼ ଜିଲା ବିଜେପୁର ପୋଲିସ ଲୁଟ, ରାହାଜାନି ଅଭିଯୋଗରେ ଦୁଇଜଣ ଯୁବକଙ୍କୁ ଗିରଫ କରି ସୋହେଲା କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ରଙ୍ଗମାଟିଆର ବିକାଶ ଓରଫ ସୁଶାନ୍ତ ଛତର (୨୨) ଓ ଧୁଡୁ ଓରଫ ରାଜେଶ ବିଭାର (୨୯)। କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କିଛି ଦିନ ହେଲା ବିଜେପୁର ଥାନା ଅଞ୍ଚଳର ବିଭିନ୍ନ ନିଛାଟିଆ ସ୍ଥାନରେ ଲୁଟପାଟ ଅଭିଯୋଗ ହେଉଥିଲା। ଗତ ବୁଧବାର ମଧ୍ୟାହ୍ନରେ ବରପାଲି ଥାନା ଅନ୍ତର୍ଗତ ଧୁବାପାଲିର ଗିରିନ୍ଦ୍ର ଲୁହାର କୌଣସି କାମରେ ରଙ୍ଗମାଟିଆ-ଜାମପାଲି ରାସ୍ତାରେ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ଗିରିନ୍ଦ୍ରଙ୍କଠାରୁ ସାତ ଶହ ଟଙ୍କା ସହ ଏକ ମୋବାଇଲ ଫୋନ ଲୁଟି ନେଇଥିଲେ। ଉକ୍ତ ବାଟରେ ଅନ୍ୟ ବାଟୋଇମାନେ ଆସୁଥିବା ଦେଖି ଅଭିଯୁକ୍ତଦ୍ୱୟ କୌଶଳକ୍ରମେ ଖସି ପଳାଇଯାଇଥିଲେ। ପରେ ଗିରିନ୍ଦ୍ର ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ଏହାର ତଦନ୍ତ କରିଥିଲା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଗୁରୁବାର ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଘରୁ ଉଠାଇ ଆଣିଥିଲା। ପରେ ଟିଆଇ ପରେଡରେ ଗିରିନ୍ଦ୍ର ଲୁହାର ଅଭିଯୁକ୍ତଦ୍ୱୟଙ୍କୁ ଚିହ୍ନଟ କରିଥିବା ପୋଲିସ କହିଛି। ଏନେଇ ପୋଲିସ କେସ୍ ନଂ. ୨୨/୨୦, ୩୯୪ ଆଇପିସିରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା।

## ନୂତନ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ଦାବିକଲା ଭାଜପା

ବରଗଡ଼ ଅଫିସ୍,୧୪।୨

ବରଗଡ଼ ସହରର ନୂତନ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବାକୁ ଭାଜପା ଦାବି କରିଛି। ଏହା ସହିତ ସ୍ଥାନୀୟ ଆନନ୍ଦ ମଣ୍ଡପ, କଲ୍ୟାଣ ମଣ୍ଡପ ଏବଂ ବିଜୁ ପଟ୍ଟନାୟକ ଟାଉନ ହଲର ବର୍ଦ୍ଧିତ ଭଡ଼ାକୁ ପ୍ରତ୍ୟାହାର କରିବାକୁ ଦାବି ହୋଇଛି। ଏନେଇ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏବଂ ପୌର ନିର୍ବାହୀ ଅଧିକାରୀ ରାଜେଶ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଭାଜପାର ଏହି ପ୍ରତିନିଧି ମଣ୍ଡଳୀରେ ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ରବି ନାରାୟଣ ଦାଶ, ସୁବ୍ରତ ହୋତା, ଡା. ଅରୂପାନନ୍ଦ ସାହୁ, ସୁରେଶ୍ୱର ଶତପଥୀ, ସୁବ୍ରତ ହୋତା, ପ୍ରୀତମ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ କାନ ଛାଞ୍ଚ ଗ୍ରହଣ ଶିବିର

ବରଗଡ଼ ଅଫିସ୍,୧୪।୨

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କେନ୍ଦ୍ର ଜାତୀୟ ଶ୍ରବଣ ଓ ବାକ୍‌ବାଧିତ ପ୍ରତିଷ୍ଠାନ ପକ୍ଷରୁ ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଦୁଇ ଦିନିଆ କାନ ଛାଞ୍ଚ ଗ୍ରହଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଡା. ଜୟଦେବ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ରାମଚଣ୍ଡୀ ନାରୀଶକ୍ତି, ବରଗଡ଼ର ସହସମ୍ପାଦିକା ତିଲେଶ୍ୱରୀ ନାଏକ, ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ପ୍ରଧାନ, ବିଶ୍ୱମିତ୍ରା ମିଶ୍ର, ପଲ୍ଲବୀ ବଡ଼ପଣ୍ଡା, ଶୁଭଶ୍ରୀ ମିଶ୍ର, ରାଜଲକ୍ଷ୍ମୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

## ମଥୁରାରେ ଗୋପୀଙ୍କ ଦହିବିକା, ଗୋପରେ ନାବକେଳୀ

**ଲେଲେହର-ଚଣ୍ଡିପାଲି ଧନୁଯାତ୍ରା ପଞ୍ଚମ ରଜନି**

ଅମ୍ବାଭୋନା, ୧୪।୨(ଡି.ଏନ୍.ଏ.)

୧୨ତମ ଲେଲେହର- ଚଣ୍ଡିପାଲି ଧନୁଯାତ୍ରା ଶୁକ୍ରବାର ପଞ୍ଚମ ରଜନିରେ ପହଞ୍ଚିଛି। ମଥୁରାନଗରିରେ କଂସଙ୍କ ଦିଗ୍‌ବିଜୟ, ଧନୁଯାତ୍ରା ପାଇଁ ଅକ୍ରୁରଙ୍କୁ ଆମନ୍ତ୍ରଣ କରି ଚିଠାଉ ସହିତ ଗୋପପୁର ପ୍ରେରଣ, ଗୋପୀମାନଙ୍କ ଦହିବିକା, କଂସ କୃଷ୍ଣଙ୍କୁ ସ୍ୱପ୍ନରେ ଦର୍ଶନ ଆଦି ଦୃଶ୍ୟ ଅଭିନୀତ ହୋଇଛି। ସେହିପରି ଗୋପପୁରରେ ବସ୍ତ୍ରହରଣ, ନାବକେଳୀ ଆଦି ଦୃଶ୍ୟ ଅଭିନୀତ ହୋଇଛି। ବିଜୁଳି କନ୍ୟାର ଦୈବୀ ବାଣୀ 'କଂସ ତୋତେ ବଧିବ ଯିଏ ଗୋପରେ ବଢୁଛି ସିଏ' କଂସଙ୍କୁ ବିବ୍ରତ କରିଛି। ନାରଦଙ୍କ ପରାମର୍ଶକ୍ରମେ ମଥୁରାରେ କଂସ ମହାରାଜ ଧନୁଯାତ୍ରାର ଆୟୋଜନ କରି କୃଷ୍ଣ ବଳରାମଙ୍କ ନିମନ୍ତ୍ରଣ ଚିଠାଉ ନେଇ ଅକ୍ରୁର ଗୋପପୁର ଗମନ କରିଛନ୍ତି। ଶୟନେ, ସପନେ କଂସଙ୍କୁ କୃଷ୍ଣଙ୍କ ପ୍ରତିଛବି ବ୍ୟତିବ୍ୟସ୍ତ କରିଛି। କଂସ ମହାରାଜଙ୍କ ଦରବାରରେ ବ୍ୟଙ୍ଗକବି କୈଳାସ ପଣ୍ଡା, ଫରେଷ୍ଟର ବିଶ୍ୱମ୍ଭର ସାହୁ, ସଞ୍ଜିତ କୁମାର ପଣ୍ଡା, ଉପେନ୍ଦ୍ର ପଧାନ, ସୁରେଶ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଦରବାରରେ ଡେବ୍ରିଗଡ଼ ଅଭୟାରଣ୍ୟ ବନାଞ୍ଚଳ ଅଧିକାରୀ ଉଦିତ କୁମାର ପଧାନ ଯୋଗଦେଇ ବିଚ୍ଛିନ୍ନାଞ୍ଚଳର ଏହି ସାଂସ୍କୃତିକ ମହାମିଳନ ଧନୁଯାତ୍ରାର ଭୂୟସୀ ପ୍ରଶଂସା କରିଥିଲେ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ବୋଧନ କଳାପରିଷଦ, ତୁରା ଏବଂ ଡ. କୃପାସିନ୍ଧୁ ମହନ୍ତ ଦଳ ମୟୂରଭଞ୍ଜର ସାଂସ୍କୃତିକ ଦଳ କଳା ପରିବେଷଣ କରିଥିଲେ। ଏହି ଅବସରରେ ଦିନବେଳା ମାଉସୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମଧ ସଂପନ୍ନ ହୋଇଛି। ସ୍ୱେଚ୍ଛାସେବୀମାନେ ଦର୍ଶକଙ୍କ ଶୃଙ୍ଖଳା ଏବଂ ଶାନ୍ତି ପାଇଁ ଉଦ୍ୟମ ଚଳାଇଛନ୍ତି।



ଲେଲେହର- ଚଣ୍ଡିପାଲି ଧନୁଯାତ୍ରାରେ କୃଷ୍ଣ, ବଳରାମ।

## ଭିମ୍‌ସାରରେ ରୋଗୀ ସମ୍ପର୍କୀୟଙ୍କୁ ଟଙ୍କା ମାଗିଲେ ନର୍ସ ଆଟେଣ୍ଡାଣ୍ଟ

ସମ୍ବଲପୁର,୧୪।୨(ବ୍ୟୁରୋ)

ବୁର୍ଲା ଭିମ୍‌ସାର ମେଡିସିନ ବିଭାଗରେ ଜଣେ ରୋଗୀ ସମ୍ପର୍କୀୟଙ୍କଠାରୁ ଟଙ୍କା ମାଗି ଜଣେ ନର୍ସ ଓ ଜଣେ ଆଟେଣ୍ଡାଣ୍ଟ ଅଡୁଆରେ ପଡିଛନ୍ତି। ଅଭିଯୋଗ ହେବା ପରେ କଲେଜ ପ୍ରଶାସନିକ ଅଧିକାରୀ ସୁବ୍ରତ ନାଏକଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ତଦନ୍ତ କରିଛନ୍ତି। ପ୍ରଥମେ ରୋଗୀ ସମ୍ପର୍କୀୟଙ୍କୁ ପଚରାଉଚୁରା କରାଯାଇଛି। ହେଲେ ଏହି ଟଙ୍କାରେ କିଛି ଆବଶ୍ୟକ ଚିକିତ୍ସା ସାମଗ୍ରୀ କିରାଯାଇଛି ବୋଲି ନର୍ସ ଓ ଆଟେଣ୍ଡାଣ୍ଟ ସ୍ପଷ୍ଟୀକରଣ ଦେଇଥିଲେ ବି ସେମାନଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି। କାହିଁକି ଚିକିତ୍ସା ପାଇଁ ଆବଶ୍ୟକ ସାମଗ୍ରୀ ବାହାରୁ କିଣିବା ପାଇଁ କୁହାଯାଇଥିଲା, ଯଦି ବିଭାଗରେ ନ ଥିଲା ତେବେ ଷ୍ଟୋର ରୁମ୍‌କୁ ଜଣା ଗଲା ନାହିଁ କାହିଁକି ବୋଲି ପ୍ରଶ୍ନ କରାଯାଇଛି। ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

## ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ସଭା

ବରଗଡ଼ ଅଫିସ୍,୧୪।୨

ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ, ବରଗଡ଼ ଶାଖାର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତୀଶ କୁମାର ପଣ୍ଡା ନିର୍ବାଚନ ଅଧିକାରୀ ଏବଂ ପ୍ରତ୍ୟୁଷ କୁମାର ପଣ୍ଡା ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନୀ ସଭାକୁ ପରିଚାଳନା କରିଥିଲେ। ମଣ୍ଟୁ ବେହେରାଙ୍କୁ ବରଗଡ଼ ଇଲେକ୍ଟ୍ରିକାଲ ଡିଭିଜନର ଡିଭିଜନାଲ ସମ୍ପାଦକଭାବେ ମନୋନୀତ କରାଯାଇଥିଲା। ପରେ ସଂଘର ଏକ ସାଧାରଣ ସଭା ହୀରାକୁଦ ବିଦ୍ୟୁତ୍ କର୍ମଚାରୀ ସଂଘ, ସମ୍ବଲପୁରର ସଭାପତି ଲଳିତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପ୍ରଣୟ କୁମାର ନାୟକ, ପବିତ୍ର ଖୁଣ୍ଟିଆ, ବିଶ୍ୱନାଥ ସାହୁ, ସମ୍ବିତ କୁମାର ପଣ୍ଡା, ସୁନିଲ ସିଂ, ସତ୍ୟଜିତ ପରିଡ଼ା, ଚଉବର୍ଗ ସାହୁ, ଚନ୍ଦ୍ରକାନ୍ତ ପାଣ୍ଡେ, ସହଦେବ ବାଗ ତଥା ସଂଘର ଅନ୍ୟ କର୍ମକର୍ତ୍ତା, ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ଆସନ୍ତା ୨୫ତାରିଖ ବିଭିନ୍ନ ଦାବି ନେଇ ପଶ୍ଚିମଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ, ସମ୍ବଲପୁର ତରଫରୁ ୱେସ୍କୋ ମ୍ୟାନେଜମେଣ୍ଟକୁ ଦେଇଥିବା ଧାରଣା ନୋଟିସକୁ ଉକ୍ତ ସଭାରେ ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ, ବରଗଡ଼ ଶାଖା ପକ୍ଷରୁ ପୂର୍ଣ୍ଣ ସମର୍ଥନ କରାଯାଇଥିବା ସୂଚନା ଦିଆଯାଇଥିଲା।





ବୈଠକରେ ଉପସ୍ଥିତ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର ପ୍ରତିନିଧିବୃନ୍ଦ।

## ପୁଲୱାମା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ଭେଡ଼େନ/ଜାମଟିକ୍ରା, ୧୪।୨ (ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ପୁଲୱାମା ଘଟଣାରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଥୁଆପାଲିଠାରେ ଥୁଆପାଲି ଝରାପାଲି ବଜରଙ୍ଗ ଦଳ ତରଫରୁ ତ୍ରିବେଣୀ ଛକସ୍ଥିତ ହନୁମାନ ମନ୍ଦିର ପରିସରରେ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଦସ୍ୟମାନଙ୍କ ଦ୍ୱାରା ସାମୂହିକ ହନୁମାନ ଚାଳିଶା ପାଠ ଓ ପୂଜାର୍ଚ୍ଚନା ପରେ ପ୍ରଭାକର ଦାଶଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ଶହୀଦମାନଙ୍କ ଫଟୋଚିତ୍ର ଧରି ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରି ନୀରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ସିଂହ, ହରି ପ୍ରଧାନ, ରଶ୍ମି ପାଢ଼ୀ, ଦିଲୀପ ଭୋଇଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦେଇଥିଲେ। ସେପରି ସିଆଲଖଣ୍ଡହଥା ସ୍ଥିତ ସରସ୍ୱତୀ କଲେଜରେ ବରିଷ୍ଠ ଅଧ୍ୟାପକ ଲବ କୁମାର ମହାଣାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଶହୀଦଙ୍କ ସ୍ମୃତିରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ।



ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସିଆଲଖଣ୍ଡହଥା କଲେଜ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରିଛନ୍ତି।

## ରାଜବୋରାସମ୍ବର, ବିକାଶ କ୍ରିକେଟ୍ କ୍ଲବ ବିଜୟୀ

**ଆନ୍ତଃକ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତା**

ବରଗଡ଼ ଅଫିସ୍,୧୪।୨

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବରଗଡ଼ରେ ଚାଲୁଥିବା ଆନ୍ତଃକ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ରାଜବୋରାସମ୍ବର ଏବଂ ବିକାଶ କ୍ରିକେଟ କ୍ଲବ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ରାଜବୋରାସମ୍ବର କ୍ଲବ ମେଲଛାମୁଣ୍ଡାର ଜୟ ହନୁମାନ ଆଥଲେଟିକ କ୍ଲବକୁ ଭେଟିଥିଲା। ରାଜବୋରାସମ୍ବର କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୫.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୭୧ରନ୍ ସଂଗ୍ରହ କରିଥିଲା। ଦଳର ମନିଷ ପ୍ରଧାନ ୧୨ଚୌକା ସହାୟତାରେ ୬୫, ଏମଡ଼ି ଗନିଙ୍କ ୧ ଚୌକା, ୪ ଛକ୍କା ସହାୟତାରେ ୪୦, ଚିନ୍ମୟ ପାଣିଗ୍ରାହୀ ୫ ଚୌକା, ୨ ଛକ୍କା ସହାୟତାରେ ୩୯, ଧରଣୀ ବାରିକ ୨୭, ଦୁରସେନ ବରିହା ୨୧ ଏବଂ ବାଚସ୍ପତି ପ୍ରଧାନ ୨୦ରନ୍ ସଂଗ୍ରହ କରିଥିଲେ। ସେହିପରି ପ୍ରତିପକ୍ଷ ଜୟ ହନୁମାନ କ୍ଲବର ଆନନ୍ଦ ମହାନନ୍ଦ ୮୦ରନ୍ ବିନିମୟରେ ୫, ଶିବୁନ ଭୋଇ ୨୯ରନ ବିନିମୟରେ ୨, ବେଲାଲସେନ ପ୍ରଧାନ ୩୫ରନ ବିନିମୟରେ ୨ ଏବଂ ସଞ୍ଜୀବ କଲେତ୍ ୩୬ରନ ବିନିମୟରେ ଗୋଟିଏ ଉଇକେଟ୍ ନେଇଥିଲେ। ଜବାବ୍‌ରେ ଜୟ ହନୁମାନ ଆଥଲେଟିକ ଆସୋସିଏଶନ ୩୭ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୮୩ ରନ ସଂଗ୍ରହ କରିଥିଲା। ଦଳର ଦିପ୍ତୀ ନାୟକ ୫ ଚୌକା, ୪ ଛକ୍କା ସହିତ ୫୫, ସହସେବ ଭୋଇ ୫ ଚୌକା ସହିତ ୩୫, ରାଜେଶ ଭୁଏ ୨ଚୌକା, ୧ ଛକ୍କା ସହିତ ୧୯ରନ ସଂଗ୍ରହ କରିଥିଲେ। ଫଳରେ ଏହି ମ୍ୟାଚକୁ ରାଜବୋରାସମ୍ବର କ୍ଲବ ୮୮ରନ ବ୍ୟବଧାନରେ ଜିତିଥିଲା। ଶୁଭମ ପାତ୍ର, ସୁରେଶ ଦାଶ ଅମ୍ପାୟାର ଦାୟିତ୍ୱରେ ରହିଥିବାବେଳେ ମନୋଜ କୁମାର ପାତ୍ର ଅନଲାଇନ ସ୍କୋର ଏବଂ ଅଶୋକ ମାନୁଏଲ ସ୍କୋରର ରହିଥିଲେ।

ସେହିପରି ବିକାଶ ଗ୍ରାଉଣ୍ଡରେ ସୋହେଲା ଆଥଲେଟିକ ଆସୋସିଏଶନ ଏବଂ ବିକାଶ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ସୋହେଲା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୯ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୦ରନ ସଂଗ୍ରହ କରିଥିଲା। ଦଳର ହରଜିତ ସିଂ ୩ ଚୌକା, ୧ ଛକା ସହାୟତାରେ ୫୦ ରନ, ସନ୍ତୋଷ ମେହେର ୭ ଚୌକା ସହାୟତାରେ ୪୬, କାର୍ତ୍ତିକ ସାହୁ ୨୦, ପ୍ରତ୍ୟୁଷ ଶତପଥୀ ୧୭ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବିକାଶ କ୍ରିକେଟ କ୍ଲବର ପ୍ରଶାନ୍ତ ପାଇକରାୟ ୧୫ରନ ବିନିମୟରେ ୩, ନିଖିଲ ପାଢ଼ୀ ୨୧ରନ ବିନିମୟରେ ୨, ରମେଶ ଚୌହାନ ୩୯ରନ ବିନିମୟରେ ୨, ରାକେଶ ରଞ୍ଜନ କିଶାନ ୧୬ରନ ବିନିମୟରେ ଗୋଟିଏ ଏବଂ ରିତିକ ଜୈନ ୨୨ରନ ବିନିମୟରେ ଗୋଟିଏ ଉଇକେଟ୍ ନେଇଥିଲେ। ଜବାବ୍‌ରେ ବିକାଶ କ୍ରିକେଟ କ୍ଲବ ୨୪.୪ ଓଭରରେ ମାତ୍ର ୪ଟି ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିଥିଲା। ଦଳର ନିଖିଲ ପାଢ଼ୀ ୫୨ବଲର ସମ୍ମୁଖୀନ ହୋଇ ୯ ଚୌକା ସହାୟତାରେ ୫୮, ବଲ୍ଲଭ ଓଦାର ୪ ଚୌକା ସହିତ ୩୪ ଏବଂ ରାକେଶ ରଞ୍ଜନ କିଶାନ ୨୦ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ସୋହେଲାର ଅଶୋକ ମିଶ୍ର ୩୨ରନ ବିନିମୟରେ ୨ଟି ଉଇକେଟ୍ ନେଇଥିବାବେଳେ ସନ୍ତୋଷ ଯାଦବ ୨୯ ଏବଂ ରାହୁଲ ସାହୁ ୧୯ରନ ବିନିମୟରେ ଗୋଟିଏ ଲେଖାଏଁ ଉଇକେଟ୍ ନେଇଥିଲେ। ଫଳରେ ୬ ଉଇକେଟ୍‌ରେ ବିକାଶ କ୍ରିକେଟ କ୍ଲବ ମ୍ୟାଚକୁ ଜିତିଥିଲା। ପ୍ରଦୀପ କୁମାର ଦାଶ, ପ୍ରୟାସ ବଗାର ଅମ୍ପାୟାର ଦାୟିତ୍ୱ ନିର୍ବାହ କରିଥିବାବେଳେ ରଜତ ଦାଶ ଅନଲାଇନ ସ୍କୋରର ଏବଂ ରବିତୋଷ ପରମାନିକ ମାନୁଏଲ ସ୍କୋରର ରହିଥିଲେ।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



## ସିଏଏ ପାଇଁ ଧନ୍ୟବାଦ, ଏନ୍‌ଆର୍‌ସି ଲାଗୁ ପାଇଁ ଦାବି

ମନମୁଣ୍ଡା, ୧୪।୨ (ଡି.ଏନ.ଏ.)

ସିଏଏ ସପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୋଷ୍ଟକାର୍ଡ ମାଧ୍ୟମରେ ଧନ୍ୟବାଦ ପତ୍ର ପଠାଯାଇଛି। ସେହିପରି ଏନ୍‌ଆରସି ଲାଗୁ କରିବା ସପକ୍ଷରେ ଉକ୍ତ ପତ୍ରରେ ଦାବି କରାଯାଇଛି। ମନମୁଣ୍ଡାରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଓମ୍‌ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଶରତ ଖଣ୍ଡଗିରି, ରଜନୀକାନ୍ତ ନାୟକ, ଶମ୍ଭୁପ୍ରସାଦ ସାହୁ, ଆଶିଷ ମେହେର, ରାଜେଶ ବଡଚାଟ, ଦୀନେଶ ଦୀପ, ବରିଷ୍ଠ ଆଇନଜୀବୀ ବିନାୟକ ରଥଙ୍କ ସମେତ ବହୁ ସାଧାରଣ ଜନତା ଡାକଘରେ ପୋଷ୍ଟ କାର୍ଡ ପକାଇଛନ୍ତି।

# ପ୍ୟାକ୍ସରେ ତାଲା ପକାଇଦେଲେ ଚାଷୀ

ମନମୁଣ୍ଡା, ୧୪।୨ (ଡି.ଏନ.ଏ.)

**ମଣ୍ଡିରୁ ଧାନ ଉଠୁନି**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ୍ ଶୁଣ୍ଠିପଦର ସେବା ସମବାୟ ସମିତି ମଣ୍ଡିରୁ ଧାନ ନ ଉଠିବା ପ୍ରତିବାଦରେ ଚାଷୀ ଅସନ୍ତୋଷ ଦେଖା ଦେଇଛି। ସେମାନେ ଶୁକ୍ରବାର ପ୍ୟାକ୍ସରେ ତାଲା ପକାଇ ଦେଇଛନ୍ତି। ବରଗୋଛା ଓ ଶୁଣ୍ଠିପଦର ଅଞ୍ଚଳର ପ୍ରାୟ ୪୦ଜଣ ଚାଷୀଙ୍କ ପ୍ରାୟ ୫ ହଜାର କୁଇଣ୍ଟାଲ ଧାନ ଆଜିକୁ ପ୍ରାୟ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ମଣ୍ଡିରେ ପଡି ରହିଛି। ସେମାନେ ଟୋକନ ପାଇଥିଲେ ମଧ୍ୟ ବର୍ଷା ଯୋଗୁ ତାହା ଉଠି ପାରି ନ ଥିଲା। ଫଳରେ ସେମାନଙ୍କ ଟୋକନ ନାକଚ ହୋଇଯାଇଥିଲା। ପରବର୍ତ୍ତୀ ପାଳି ଆସିଲେ ଉଠାଯିବ ବୋଲି ପ୍ୟାକ୍ସ ତରଫରୁ କୁହାଯାଇଥିଲା। ଗତ ୧୨ ତାରିଖରେ ମିଲର୍ସ ନୂତନ ଟୋକନଧାରୀଙ୍କଠାରୁ ଧାନ ଉଠାଇବାକୁ ଯାଇଥିଲେ। ହେଲେ ନାକଚ ଟୋକନଧାରୀ ଚାଷୀ ସେମାନଙ୍କ ଧାନ ପ୍ରଥମେ ଉଠାଇବାକୁ ଦାବି କରି ପାଟିତୁଣ୍ଡ କରିଥିଲେ । ଫଳରେ ଅପ୍ରୀତିକର ପରିସ୍ଥିତି ଦେଖା ଦେଇଥିଲା। ଗାଡି ଫେରି ଯାଇଥିଲା । ଦୀର୍ଘ ଦିନ ହେବ ଉକ୍ତ ଚାଷୀ ବର୍ଷାରେ କ୍ଷତି ସହି ଓ କାମଧନ୍ଦା ଛାଡି ଦିନରାତି ମଣ୍ଡିରେ ଧାନ ଜଗି ରହିଛନ୍ତି । ବାରମ୍ବାର ଦାବି ସତ୍ତ୍ୱେ ସେମାନଙ୍କ ଧାନ ଉଠାଯାଉ ନାହିଁ। ଏଣୁ ଚାଷୀ ହତାଶ ହୋଇ ପଡିଛନ୍ତି । ଏହାର ପ୍ରତିବାଦରେ ଚାଷୀମାନେ ପ୍ୟାକ୍ସ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ସେମାନଙ୍କ ଧାନ ନ ଉଠିଲେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ। ଚାଷୀ କୃଷ୍ଣଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପରଡିଆ, ଅଶୋକ ମାହାର, କବି ଜାଲ, ଜଳଧର କର୍ଣ୍ଣ, କ୍ଷୀରେନ୍ଦ୍ର ସିଂ, ମିନକେତନ ପ୍ରଧାନ, ତହସିଲ ପାତ୍ର, କଣ୍ଠେଶ୍ୱର ପ୍ରଧାନ, ରଘୁନାଥ ପ୍ରଧାନ, ଧ୍ରୁବଚରଣ କର୍ଣ୍ଣ, ପଦ୍ମାଭ କର୍ଣ୍ଣ, ଗଣେଶ୍ୱର ସିଂ, ନୀଳମଣି ଅମାତ ପ୍ରମୁଖ ୨୬ ଜଣ ଚାଷୀ ଲିଖିତ ଭାବେ ଏ ନେଇ ଜଣାଇ ଦେଇଛନ୍ତି । ଏ ନେଇ ସମ୍ପାଦକ ଲାଲବିହାରୀ ବଗର୍ତ୍ତି ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପାଇଁ ଶୁକ୍ରବାର ବୌଦ୍ଧ ଯାଇଥିଲେ। ସମସ୍ୟାର ସମାଧାନ ପାଇଁ ଚେଷ୍ଟା ଚାଲିଛି । ତାଙ୍କ ହାତରେ କିଛି ନାହିଁ। ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ଯାହା ଆଦେଶ ମିଳିବ ସେହି ଅନୁଯାୟୀ କରାଯିବ ବୋଲି କହିଛନ୍ତି।

## ବୌଦ୍ଧ ବନଖଣ୍ଡର ବାର୍ଷିକ ସମୀକ୍ଷା




ବୌଦ୍ଧ ବନଖଣ୍ଡର ବାର୍ଷିକ ସମୀକ୍ଷା ବୈଠକରେ ଅତିଥିମାନେ।

ବୌଦ୍ଧ, ୧୪।୨ (ସ୍ୱ.ପ୍ର.)

ବୌଦ୍ଧ ବନଖଣ୍ଡ ଅଧୀନ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ବାର୍ଷିକ ସମୀକ୍ଷା ବୈଠକ ଶୁକ୍ରବାର ବୀରନରସିଂହପୁର ନର୍ସରୀରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବରେ ବ୍ରହ୍ମପୁର ମଣ୍ଡଳର ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଏସ୍‌ପି ଭି. ରଘୁନାଥ ରାଓ ଓ ସିଡିଏମ୍‌ଓ ଡା. ଲକ୍ଷ୍ମୀଧର ସାହୁ ଯୋଗ ଦେଇଥିଲେ। ତାପମାତ୍ରା ବୃଦ୍ଧି ଯୋଗୁ ଜୀବଜଗତ ପ୍ରତି ବିପଦ ଦେଖାଦେବା, ଏହାର ମୁକାବିଲା ପାଇଁ ବୃକ୍ଷର ଆବଶ୍ୟକତା, ଜଙ୍ଗଲ ସୁରକ୍ଷା ଦିଗରେ ବନ ସୁରକ୍ଷା ସମିତିର କାର୍ଯ୍ୟ ସମେତ ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରାଯାଇ ସମୀକ୍ଷା କରାଯାଇଥିଲା। ଏଥିରେ ସୁରେନ୍ଦ୍ର କୁମାର ମେହେର ମଞ୍ଚ ପରିଚାଳନା କରିଥିଲେ।

## ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ବୌଦ୍ଧ/ପୁରୁଣାକଟକ/ ଘଣ୍ଟାପଡା, ୧୪।୨ (ସ୍ୱ.ପ୍ର./ଡି.ଏନ.ଏ.)



ଘଣ୍ଟାପଡାରେ ପୁଲ୍‌ୱାମା ଶହୀଦଙ୍କ ପାଇଁ ଶ୍ରଦ୍ଧାଞ୍ଜଳି।

ପୁଲ୍‌ୱାମାରେ ଗତବର୍ଷ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ବୌଦ୍ଧ ରୁଦ୍ର ଭୈରବୀ କ୍ଲବ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ କରାଯାଇଛି। ବୌଦ୍ଧ ଭୈରବୀ ପଡିଆଠାରୁ ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଭୈରବୀଛକ, ଗାନ୍ଧୀଛକ ଓ ଏନ୍‌ଏସି ଛକ ପରିକ୍ରମା କରିଥିଲା। ଷଷ୍ଠ କୁମାର ପୁରୋହିତ, ସଞ୍ଜୀବ କୁମାର ଦେଓ, ଦଶରଥ ମେହେର, ସରୋଜ ମେହେର, ସଞ୍ଜୟ ସାହୁ ଓ ରାମକୃଷ୍ଣ ବନଛୋର ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ସେହିଭଳି ପୁରୁଣାକଟକସ୍ଥିତ ଭୈରବୀ କ୍ଲବ ପକ୍ଷରୁ ମଧ୍ୟ ଏକ କ୍ୟାଣ୍ଡେଲ ରାଲି କରାଯାଇଥିଲା। ଏଥିରେ ଅକ୍ରୂର ସେଠୀ ଓ ଅନ୍ୟମାନେ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଣ୍ଟାମାଳ ନଗର ତରଫରୁ ମଧ୍ୟ ସ୍ଥାନୀୟ ପଞ୍ଚାୟତ ମହାବିଦ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସହ ସଂଯୋଜକ ପ୍ରଶାନ୍ତ ସାହୁ ଯୋଗ ଦେଇ କହିଥିଲେ ଯେ, ଏହି ଶହୀଦମାନେ ପ୍ରତି ଭାରତୀୟର ହୃଦୟରେ ସଦାସର୍ବଦା ପାଇଁ ଅମର ହୋଇ ରହିଛନ୍ତି।

## ଅସହାୟ ବୃଦ୍ଧଙ୍କ ଅନ୍ତିମ ସତ୍କାର

ବୌଦ୍ଧ, ୧୪।୨ (ସ୍ୱ.ପ୍ର.)

ବୌଦ୍ଧ ଗଙ୍ଗାଧର ସ୍ୱେଚ୍ଛାସେବୀ ସଂସ୍ଥାର ସଦସ୍ୟମାନେ ଜଣେ ଅସହାୟ ବୃଦ୍ଧଙ୍କ ଅନ୍ତିମ ସଂସ୍କାର କରିଛନ୍ତି। ଜାନୁୟାରୀ ୧ ତାରିଖରେ କେହି ଏକ ଦୃଷ୍ଟିହୀନ ବୃଦ୍ଧ ଦମ୍ପତିଙ୍କୁ ଆଣି ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଛାଡି ଦେଇ ଯାଇଥିଲେ। ଶୁକ୍ରବାର ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ପରିବାର ଲୋକଙ୍କ ବିଷୟରେ କୌଣସି ସୂଚନା ନ ଥିବାରୁ ପୋଲିସର ଅନୁରୋଧକ୍ରମେ ଗଙ୍ଗାଧର ସ୍ୱେଚ୍ଛାସେବୀ ସମିତିର ସଦସ୍ୟମାନେ ପହଞ୍ଚି ଥିଲେ। ଶେଷରେ ବୌଦ୍ଧ ରାଜଘାଟରେ ବୃଦ୍ଧଙ୍କ ଅନ୍ତିମ ସଂସ୍କାର କରାଯାଇଛି।



ବୌଦ୍ଧ ରାଜଘାଟରେ ବୃଦ୍ଧଙ୍କ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି।




କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମୋ ସରକାର ଏକ ସ୍ୱତନ୍ତ୍ର କକ୍ଷ ଉଦ୍‌ଘାଟନ ଅବସରରେ ବିଡିଓ ଏବଂ ଅନ୍ୟମାନେ।

## ‘ମୋ ସରକାର’ କକ୍ଷ ଉଦ୍‌ଘାଟିତ

ଘଣ୍ଟାପଡା, ୧୪।୨ (ଡି.ଏନ.ଏ.)

କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମୋ ସରକାର ଏକ ସ୍ୱତନ୍ତ୍ର କକ୍ଷ ଉଦ୍‌ଘାଟିତ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନ୍ଦନା ଖଟୁଆ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକୋଷ୍ଠ ଦ୍ୱାରା ଏଣିକି ସର୍ବସାଧାରଣ ସେମାନଙ୍କ ସମସ୍ତ ପ୍ରକାର ଅଭିଯୋଗ ବ୍ଲକ୍ କାର୍ଯ୍ୟାଳୟକୁ ନ ଆସି ଟୋଲ ଫ୍ରି ନଂ. ୧୪୫୪୫ରେ ଅଭିଯୋଗ କରିପାରିବେ। ସମସ୍ତଙ୍କ ଅଭିଯୋଗ କାର୍ଯ୍ୟାଳୟରେ ପଞ୍ଜୀକରଣ ହେବ। ଅଭିଯୋଗ ଅନୁସାରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନର ପନ୍ଥା ବାହାର କରାଯିବ। ରାଜ୍ୟ ସରକାରଙ୍କ ୫-ଟି ଓ ମୋ ସରକାର ନିୟମାନୁସାରେ ଅଭିଯୋଗକାରୀଙ୍କ ସହିତ ବିଭାଗୀୟ କର୍ତ୍ତୃପକ୍ଷ ସିଧାସଳଖ ସାକ୍ଷାତ କରି ସମାଧାନ କରିବେ । ଏ ସମ୍ପର୍କରେ ବିଡିଓ ଖଟୁଆ ସମସ୍ତ ବ୍ଲକ କର୍ମଚାରୀଙ୍କୁ ନିଜର ଦାୟିତ୍ୱ ସ୍ୱଚ୍ଛତା ଅବଲମ୍ବନ କରି ତୁଲାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଏସ୍‌ଇଓ ହେମନ୍ତ ନାଏକ, ଜେଇଇ ସୋମନାଥ ଭୂୟାଁ, ମୁଖ୍ୟ କିରାଣି କୁବେର ତନ୍ତିଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଦର୍ଲିମୁଣ୍ଡାକୁ ହରାଇ ବୀରଜାମ ଚାମ୍ପିୟନ

ପାଇକମାଲ, ୧୪।୨ (ଡି.ଏନ୍.ଏ.)

ପାଇକମାଲ ବ୍ଲକ ବାଦିକଟା ପଞ୍ଚାୟତ ଅନ୍ତର୍ଗତ ସାପଲହର ଗ୍ରାମର ଖେଳପଡ଼ିଆରେ ୨ଦିନ ଧରି ମା’ ବନମୁଣ୍ଡିଏନ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଚନ୍ଦ୍ର ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ସମୁଦାୟ ୧୮ଟି ଦଳ ପର୍ଯ୍ୟାୟକ୍ରମେ ଦୁଇଦିନ ଧରି ଭଲିବଲ ଟୁର୍ନାମେଣ୍ଟରେ ଭାଗନେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବିଜେଡି ଦଳ ବାଦିକଟା ପଞ୍ଚାୟତର ସଭାପତି କ୍ଷୀତି ସାହୁ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ହରେକୃଷ୍ଣ ସାହୁ, ଅରୁଣ ପ୍ରଧାନ, ଅନନ୍ତ ସାହୁ, ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳି ତଥା ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ। ନୂଆପଡ଼ା ଜିଲା ଦର୍ଲିମୁଣ୍ଡା ଓ ବରଗଡ଼ ଜିଲା ବୀରଜାମ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବୀରଜାମ ୨-୦ରେ ବିଜୟୀ ହୋଇଥିଲା। ବିଜୟୀ ଦଳଙ୍କୁ ମୁଖ୍ୟଅତିଥି ସାହୁ ସିଲ ପ୍ରଦାନ କରିଥିଲେ। ସେହିପରି ଉପବିଜେତା ଦର୍ଲିମୁଣ୍ଡା ଦଳକୁ ଯୁବ ସଂଗଠକ ପ୍ରିୟବ୍ରତ ମେହେର କପ ପ୍ରଦାନ କରିଥିଲେ। ଶେଷରେ ହାରାଧନ ପ୍ରଧାନ ଓ ରକ୍ମଣ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।



ସିଲ ସହ ବିଜୟୀ ଦଳର ଖେଳାଳିମାନେ।

## ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକୋତ୍ସବ

ଜାମଟିକ୍ରା, ୧୪।୨ (ଡି.ଏନ୍.ଏ.)

ଝିଲିମିଣ୍ଡା ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକୋତ୍ସବ ଗତ ଶୁକ୍ରବାର କୁଲୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମିତିର ସଭାପତି ନରେନ୍ଦ୍ର ପଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସମିତିର ସମ୍ପାଦକ ସୁବାସ ପଧାନ ପୂର୍ବ ସାଧାରଣ ସଭାର ବିବରଣୀ ପଠନ କରିବା ସହିତ ସମିତିର ଋଣ ଲଗାଣ ଓ ଅସୁଲି ବିଷୟରେ ଆଲୋଚନା କରିଥିଲେ। ସମବାୟ ସମିତିର କୋଟି କୋଟି ଟଙ୍କା ଲାଭାଂଶକୁ ସଭ୍ୟାସଭ୍ୟଙ୍କୁ ବଣ୍ଟନ କରିବା ପାଇଁ କୁଲୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ କୁଳମଣି ପଧାନ ଦାବି କରିଥିଲେ। ନିଜ ମନଇଚ୍ଛା ଏହି ସଂସ୍ଥାରେ କର୍ମଚାରୀ ନିଯୁକ୍ତିକୁ ହେମନ୍ତ କର୍ମୀ ବିରୋଧ କରିଥିଲେ। ସଭାରେ ରବୀନ୍ଦ୍ର ବିଶି ଫସଲ ବୀମା ସମ୍ପର୍କରେ ଆଲୋକପାତ କରିଥିଲେ। ମାର୍କଫେଡ ଅଧ୍ୟକ୍ଷ ବିଭୁଦତ୍ତ ପଧାନ, କୋଅପରେଟିଭ ବ୍ୟାଙ୍କର ଏବିଏମ ବୈଲୋଚନ ପଧାନ, ସିଇଓ ସରୋଜ ମେହେର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ରମେଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲଣ୍ଡାଗାଁ ହାଇସ୍କୁଲରେ ବୃତ୍ତି ଅନ୍ୱେଷଣ ପରାମର୍ଶ ଶିବିର



ଲଣ୍ଡାଗାଁ ସରକାରୀ ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ବୃତ୍ତି ଅନ୍ୱେଷଣ ପରାମର୍ଶ ଶିବିରରେ ଉପସ୍ଥିତ ଛାତ୍ରୀମାନେ।

ଘଣ୍ଟାପଡା, ୧୪।୨ (ଡି.ଏନ.ଏ.)

ଲଣ୍ଡାଗାଁ ପଞ୍ଚାୟତ ସଦର ସରକାରୀ ନୋଡାଲ ହାଇସ୍କୁଲଠାରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ବୃତ୍ତି ଅନ୍ୱେଷଣ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଦିବ୍ୟଶଙ୍କର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିକାଲିର ଦୁନିଆରେ ବୃତ୍ତିର ଅଭାବ ନାହିଁ । କେବଳ ଲକ୍ଷ୍ୟ ଓ ଆଗ୍ରହ ରଖିଲେ ନିଶ୍ଚୟ ଆତ୍ମ ନିର୍ଭରଶୀଳ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଦେବେନ୍ଦ୍ର କୁଦେଇ, ବଂଶୀଧର ମାଝୀ, ଆଶିଷ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାଏକ ଉପସ୍ଥିତ ଥିଲେ। ଶିକ୍ଷକ ନାରାୟଣ କହଁର ଧନ୍ୟବାଦ ଦେଇଥିଲେ।

# ବିକାଶରେ ପାପା କେହତେ ହେଁ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍, ୧୪।୨

ବରଗଡ଼ର ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ଟେକ୍ନିକାଲ କ୍ୟାମ୍ପସରେ ‘ପାପା କେହତେ ହେଁ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଗୁନ୍ନମ ରାମଚନ୍ଦ୍ର ରାଓଙ୍କ ୨୪ତମ ପୂଣ୍ୟତିଥି ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିକାଶ ଗ୍ରୁପର ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ମୂରାରୀ ପ୍ରସାଦ ସାହୁ, ବିକାଶ ମଲ୍ଟି ସ୍ପେଶିଆଲିଟି ହସପିଟାଲର ଡାଇରେକ୍ଟର ଡା. ହିମାଂଶୁ ଶେଖର ମିଶ୍ର, ଏଡମିନିଷ୍ଟ୍ରେଟିଭ ମ୍ୟାନେଜର ଡି. ବିବେକ, ବିକାଶ ଗ୍ରୁପର ମ୍ୟାନେଜର(ଏଚ୍.ଆର୍) ପି. କେ. ଦାଶ, ବିକାଶ ଆବାସିକ ସ୍କୁଲର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ମନୋରଞ୍ଜନ ପତି ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ଗୁନ୍ନମ ରାମଚନ୍ଦ୍ର ରାଓଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡାଇରେକ୍ଟର ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିକାଶର ପୁରାତନ ଛାତ୍ରୀ ଡା. ନିକିତା ଚୌଧୁରୀ ମାତା, ପିତା ଏବଂ ସନ୍ତାନ ପରସ୍ପର ଭଲ ପାଇବା, ବିଶ୍ୱାସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡା. ନିକିତାଙ୍କ ବାପା ତଥା ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଏବଂ ମା ଦାଶରୀ ମମତା ମଧ୍ୟ ଉପସ୍ଥିତ ଥିଲେ।

ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ବିକାଶ ସ୍କୁଲ ଅଫ ବିଜନେସ୍ ମ୍ୟାନେଜମେଣ୍ଟ, ବିକାଶ ଡିଗ୍ରୀ କଲେଜ, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ବିକାଶ ପଲିଟେକ୍‌ନିକ୍‌ର ୨୭ଜଣ ଛାତ୍ରୀଛାତ୍ର ନିଜ ପିତାଙ୍କ ସହିତ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ସୁଶାନ୍ତ କୁମାର ତ୍ରିପାଠୀ, ପ୍ରବୀଣ କୁମାର ଦୋରା ବିଚାରକଭାବେ ଯୋଗଦେଇଥିଲେ।




ବିକାଶରେ ଅନୁଷ୍ଠିତ ପାପା କେହତେ ହେଁ କାର୍ଯ୍ୟକ୍ରମ।

ପ୍ରତିଯୋଗିତାରେ ତୃପ୍ତିଲତା ମହନ୍ତ ପ୍ରଥମ, ଯୁକ୍ତେଶ୍ୱର ସାହୁ ଓ ବିନିତା ପଟେଲ ଯୁଗ୍ମ ଦ୍ୱିତୀୟ ଏବଂ ଆଶୁତୋଷ ନନ୍ଦ ଓ ଆସ୍ଥା ଝା ଯୁଗ୍ମ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଅଦିତୀ ସାହୁ, ରଶ୍ମିତା ବେହେରା, ଚାନ୍ଦିନୀ ପ୍ରଧାନ, ରାକ୍ଷୀ ନାଏକ, ଅଧ୍ୟାପକ ଦୁର୍ଗାପ୍ରସାଦ ନାଏକ, ଆଭାସ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଏଡମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଏଡମିନିଷ୍ଟ୍ରେଟର ଆର.ଏସ.ଭି କ୍ରିଷ୍ଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଡିପିଏଲ ଦେବ ଛାତ୍ରବୃତ୍ତି

ବୌଦ୍ଧ, ୧୪।୨ (ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ପ୍ରଥମ ଶିଳ୍ପ ଭାବରେ ବୌଦ୍ଧ ଡିଷ୍ଟିଲାରୀ ପାଦ ଥାପିଛି। ଅଞ୍ଚଳର ବିକାଶରେ ନିଜର ଭାଗିଦାରୀ ପାଳନ କରିବା ଲକ୍ଷ୍ୟ ନେଇ ବିଭିନ୍ନ ବିଦ୍ୟାଳୟରେ ବିଶୁଦ୍ଧ ପାନୀୟଜଳ ସୁବିଧା ସହ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ ଓ ଶିକ୍ଷା ଉପକରଣ ବଣ୍ଟନ ଆଦି କାର୍ଯ୍ୟ ହାତକୁ ନିଆଯାଇଛି। ଚଳିତବର୍ଷ ବିଡିପିଏଲ ପକ୍ଷରୁ ଜିଲାର ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଛାତ୍ରବୃତ୍ତି ଘୋଷଣା କରାଯାଇଛି। କାର୍ଯ୍ୟକ୍ଷେତ୍ର ହରଭଙ୍ଗା ବ୍ଲକର ମାଟ୍ରିକ ପରୀକ୍ଷାରେ ଅଧିକ ମାର୍କ ରଖିଥିବା ୩ ଜଣ ଛାତ୍ରୀଛାତ୍ରଙ୍କୁ ୧୦ ହଜାର, ୮ ହଜାର ଓ ୫ ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି। ବ୍ଲକର ୧୯ଟି ହାଇସ୍କୁଲର ୧୨୬୧ ଜଣ ଛାତ୍ରୀଛାତ୍ର ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଏହି ଛାତ୍ରବୃତ୍ତି ସେମାନଙ୍କ ପାଇଁ ସହାୟତା କରିବ। ଆଗାମୀ ଦିନରେ ଜିଲାସ୍ତରରେ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତି ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ବ୍ଲକ ଶିକ୍ଷା ଅଧିକାରୀ ସନାତନ ଗାହାଣ ଓ ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତିରେ ବିଡିପିଏଲର ଅଧ୍ୟକ୍ଷ ପ୍ରେମ କୁମାର କାନାଜିଓଙ୍କ ପକ୍ଷରୁ ଶୁକ୍ରବାର ଏହି ଛାତ୍ରବୃତ୍ତି ଘୋଷଣା କରାଯାଇଛି।




ବିଡିପିଏଲ ପକ୍ଷରୁ ଛାତ୍ରବୃତ୍ତି ଘୋଷଣା କରାଯାଉଛି।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଟିକ୍ରାପଡ଼ା,୧୪।୨(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡ଼ାସ୍ଥିତ ଶିଶୁ ସୈନିକ ବିଦ୍ୟାଳୟରେ ପୁଲୱାମା ଶହୀଦଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ ଏଥିରେ ଅଧକ୍ଷତା କରିଥିଲେ। ଦିଲୁ ବାଗ, ସୁରେନ୍ଦ୍ର ବଗର୍ତ୍ତୀ, ଦିଲୀପ ମିର୍ଦ୍ଧା, ଭାର୍ଗବୀ ରାଜପଲିଆ ପୁଲୱାମା ଶହୀଦଙ୍କ ବୀରତ୍ୱ ଉପରେ କହିଥିଲେ। ସଭା ପ୍ରାରମ୍ଭରେ ଶହୀଦଙ୍କ ସ୍ମୃତିରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ରସନ୍ତି ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ଠିକାଦାରଙ୍କ ଘରେ ଆୟକର ବିଭାଗ ଚଢ଼ାଉ

ବଲାଙ୍ଗୀର ଅଫିସ,୧୪।୨: ବଲାଙ୍ଗୀର ରୁଗୁଡିପଡାର ଜଣେ ଠିକାଦାର ଓ ରେଡିଓ ଷ୍ଟେସନ୍ ନିକଟରେ ରହୁଥିବା ଜଣେ ଠିକାଦାରଙ୍କ ଘରେ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବଲାଙ୍ଗୀର ଆୟକର ବିଭାଗ ସହ ସମ୍ବଲପୁର, ବରଗଡ଼ ଆୟକର ବିଭାଗ ଅଧିକାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି । ଠିକାଦାରଙ୍କ ଘରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିବା ଜଣାପଡିଛି ।

### ଫୁଟବଲ ଟୁର୍ନାମେଣ୍ଟ: ଟିକ୍ରାପଡ଼ା ଚାମ୍ପିୟନ

ଟିକ୍ରାପଡ଼ା,୧୪।୨(ଡି.ଏନ୍.ଏ.): ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧୀନ ଝରବାହାଲିଠାରେ ଚାଲିଥିବା ୧୯ତମ ରମେଶ ସିଂ ଭୋଇ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଟିକ୍ରାପଡ଼ା ଓ ସତିଘାଟ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳ ଅମିମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଟିକ୍ରାପଡ଼ା ଦଳ ୨-୧ଗୋଲରେ ସତିଘାଟ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା । ଜିତେନ୍ଦ୍ର ଜାଲଙ୍କ ଖେଳ ପରିଚାଳନାରେ ଯୁବରାଜ ବଗର୍ତ୍ତୀ, ସୁବାସ ଭୋଇ ସହାୟତା କରିଥିଲେ । ପିଣ୍ଟୁ ବଗର୍ତ୍ତୀ, ଅକ୍ଷୟ ଘିଭେଲା ଧାରାବିବରଣୀ ପ୍ରଦାନ କରିଥିଲେ। ଯୁବରାଜ ବଗର୍ତ୍ତୀଙ୍କ ଅଧକ୍ଷତା ଓ କୈଳାସ ଚନ୍ଦ୍ର ଜୈନଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟଅତିଥି, ବ୍ଲକ କଂଗ୍ରେସ ସଭାପତି ଗୁଣସାଗର ମାଝି, ବରିଷ୍ଠ କ୍ରୀଡାବିତ୍ ଅରବିନ୍ଦ ସୁପକାର, ସ୍ଥାନୀୟ ସରପଞ୍ଚ ବଜ୍ରଙ୍ଗଲାଲ ଜୈନ, ସମିତି ସଭ୍ୟ ଅନନ୍ତ କାଲସାଏ, ସାମାଜିକ କର୍ମୀ ରାଜୁ ବେହେରା ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୬୦୦୦ ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫିସହ ୪୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଗୋକୁଳାନନ୍ଦ ବାରିକ, କେତନ ବଗର୍ତ୍ତୀ, ମାନସ ବଗର୍ତ୍ତୀ, କରୁଣା ବଗର୍ତ୍ତୀ, ବିଦ୍ୟାଧର ଦାସ, ଦେବ ବୁଡେକ, ଲିପୁନ ବୁଡେକ, ରାଜ ପୋଢ, ସମାରୁ ପୋଢ, ମିଥୁନ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# କୁଷ୍ଠ ରୋଗୀଙ୍କ ସହ ଭୋଜନ କଲେ ଜିଲାପାଳ, ଏସ୍‌ପି

ସୋନପୁର,୧୪।୨(ନି.ପ୍ର.)

**ଭାଲେଣ୍ଟାଇନ୍ସ ଡେରେ ସଚେତନତା ବାର୍ତ୍ତା**

କୁଷ୍ଠ ରୋଗ ଆରୋଗ୍ୟ ସାଧ। ଔଷଧ ସେବନ କଲେ ଏହି ରୋଗ ଭଲ ହୋଇ ପାରିବ। ହେଲେ ସମାଜରେ ଏବେ ବି କୁଷ୍ଠ ରୋଗୀଙ୍କୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି । ପରିବାର ଓ ସମାଜରେ ସେମାନଙ୍କୁ ବାସନ୍ଦ କରାଯାଉଛି । ସଚେତନତା କାର୍ଯ୍ୟକ୍ରମ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିପାରୁ ନାହିଁ। ଏଭଳି ସ୍ଥିତିରେ ଭାଲେଣ୍ଟାଇନ୍ସ ଡେରେ ସମାଜକୁ ଏକ ଭଲ ବାର୍ତ୍ତା ଦେବା ପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଉଦ୍ୟମ ହୋଇଥିଲା । ସୁବର୍ଣ୍ଣମେରୁ ପୀଠ ନିକଟସ୍ଥ ମହାନଦୀ କୂଳରେ ଥିବା କୁଷ୍ଠ କଲୋନିକୁ ଯାଇଥିଲେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଏବଂ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଣ୍ଡା ପ୍ରମୁଖ । ଅନ୍ତେବାସୀଙ୍କୁ ଜୋତା ପ୍ରଦାନ କରିବା ସହ ତଳେ ସାଙ୍ଗରେ ବସି ମଧ୍ୟାହ୍ନ ଭୋଜନ କରିଥିଲେ । ପରିବାରଠାରୁ ଦୂରରେ ରହିଥିବା ଅନ୍ତେବାସୀମାନେ ଖୁସି ଅନୁଭବ କରିଥିଲେ । ଏହା ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା । ଜିଲାପାଳ କହିଥିଲେ ଯେ, କୁଷ୍ଠ ରୋଗ ଆରୋଗ୍ୟ ହୋଇପାରୁଛି । ସାଧାରଣ ଲୋକଙ୍କ ଭଳି କୁଷ୍ଠରୋଗୀଙ୍କ ବଞ୍ଚିବାର ଅଧିକାର ଅଛି। ଏହା ଛିଆଁ ରୋଗ ନୁହେଁ । ତାଙ୍କ ସହିତ ବସି ଖାଇଲେ ଏହି ରୋଗ ହେବ ନାହିଁ। ହେଲେ ଅନ୍ଧ ବିଶ୍ୱାସ ଯୋଗୁ ପରିବାର ଲୋକେ ସେମାନଙ୍କୁ ଗ୍ରହଣ କରୁନାହାନ୍ତି । ତେଣୁ ସଚେତନତା ବାର୍ତ୍ତା ଦେବା ପାଇଁ ପ୍ରଶାସନ ପକ୍ଷରୁ ଏହି ଉଦ୍ୟମ କରାଯାଇଛି । ଏହି ଅବସରରେ ସଚେତନତା ସୃଷ୍ଟି ପାଇଁ ଶାମ୍ଭ ରଥକୁ ଜିଲାପାଳ ବାନାର୍ଜୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଡାକ୍ତର ପ୍ରଦୀପ ଗୁରୁ, ଡାକ୍ତର ରଞ୍ଜିତା ବିଶ୍ୱାଳ, ଡାକ୍ତର ନବ କିଶୋର ବେହେରା, ଡାକ୍ତର ପଦ୍ମହଂସା ଦୋରା, ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ପ୍ରଦ୍ୟୁମ୍ନ ସହୁ ଓ ପ୍ରମୋଦ ସାହୁ ପ୍ରମୁଖ ଏହି ଅବସରରେ ସାମିଲ ହୋଇଥିଲେ ।



ଜିଲାପାଳ, ଏସ୍‌ପି ଓ ଅତିରିକ୍ତ ଜିଲାପାଳ କୁଷ୍ଠାଶ୍ରମର ଅନ୍ତେବାସୀଙ୍କ ସହିତ ମଧ୍ୟାହ୍ନ ଭୋଜନ କରୁଛନ୍ତି ।

### ଉଲୁଣ୍ଡା ବିଡିଓଙ୍କୁ ମାଡ଼ ଅଭିଯୋଗ: ଥାନାରେ ଏତଲା

ଉଲୁଣ୍ଡା,୧୪।୨(ଡି.ଏନ.ଏ.)

ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ପଶି ଜଣେ ଯୁବକ ବିଡିଓ ନିଳାମ୍ବର ମହାନନ୍ଦଙ୍କୁ ମାଡ ମାରିଥିବା ନେଇ ଉଲୁଣ୍ଡା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୫/୨୦)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଅପରାହ୍ନ ପ୍ରାୟ ୩ଟା ବେଳେ ବିଡିଓ ମହାନନ୍ଦ ସଭାଗୃହରେ ବସିଥିଲେ। ସେତିକିବେଳେ ସିନ୍ଦ୍ରିଆବାହାଲ ଗ୍ରାମର ମନୋରଞ୍ଜନ ପଧାନ ନାମକ ଜଣେ ଯୁବକ ସଭାଗୃହକୁ ପଶି ଆସି ବିଡିଓଙ୍କୁ ଗାଲିଗୁଲଜ କରିଥିଲେ। ଏପରି କି ମନୋରଞ୍ଜନ ଉତ୍‌କ୍ଷିପ୍ତ ହୋଇ ବିଡିଓଙ୍କୁ ମାଡ ମାରିଥିଲେ। ଏନେଇ ବିଡିଓ ମହାନନ୍ଦ ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ବେଳେ ଯୁବକଙ୍କୁ ଗିରଫ କରି ନ ଥିବା ଜଣାପଡିଛି।

## ଭାଲେଣ୍ଟାଇନ୍ସ ଡେ’ରେ ରକ୍ତଦାନ ଶିବିର

ସୋନପୁର,୧୪।୨(ନି.ପ୍ର.)

**୭୭ ୟୁନିଟ୍ ରକ୍ତ ସଂଗ୍ରହ**

ଫେବୃୟାରୀ ୧୪ ଭାଲେଣ୍ଟାଇନ୍ସ ଡେ। ଏହି ଦିବସକୁ ଯୁବଗୋଷ୍ଠୀ ମନଭରି ଉପଭୋଗ କରିଥିଲେ । ଚକୋଲେଟ୍ ଦୋକାନ, କାର୍ଡ, ଫୁଲ ଓ ଗିଫ୍ଟ କର୍ଣ୍ଣରରେ ପ୍ରେମୀ ଯୁଗଳଙ୍କ ବେଶ ଭିଡ ଜମିଥିଲା । ତେବେ ସୋନପୁରର ବୁଢାରାଜା ଯୁବକ ସଂଘର କର୍ମକର୍ତ୍ତାମାନେ ମାତୃ ଶକ୍ତିକୁ ସମ୍ମାନ ଜଣାଇ ଏହି ଦିବସକୁ ଏକ ନିଆରା ଢଙ୍ଗରେ ପାଳନ କରିଥିଲେ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ଦିବସକୁ ସ୍ମରଣୀୟ ରଖିବା ପାଇଁ ଶୁକ୍ରବାର ଅଷ୍ଟମ ବାର୍ଷିକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା । ନେହେରୁ ଯୁବକେନ୍ଦ୍ର ଏଥିରେ ସହଯୋଗ କରିଥିଲା । ଶିବିରରେ ମୋଟ ୭୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ବୁଢାରାଜା ଛକ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜନମୁରା ସରପଞ୍ଚ ତଥା ଜିଲା ସରପଞ୍ଚ ସଂଘର ସମ୍ପାଦକ ଅରବିନ୍ଦ ବାରିକ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଅଧ୍ୟାପକ ଉମାକାନ୍ତ ନାଗ, ଜଗନ୍ନାଥ ତ୍ରିପାଠୀ, ନେହେରୁ ଯୁବକେନ୍ଦ୍ରର ଓଆଇସି ଏ.ଭି ନରସିଂହ କୁମାର ଟଟିକାଣ୍ଡେ ଓ ବିପିନ ବିହାରୀ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଯୁବ ବର୍ଗଙ୍କ ଏଭଳି କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ । ଯୁବକ ସଂଘର ସଭାପତି ଶିବ ଶଙ୍କର ନାଏକ, ସମ୍ପାଦକ ତାପସ କୁମାର ବେଉରିଆ, ଜିତେନ୍ଦ୍ର ଦାସ, ଅରବିନ୍ଦ କୁମାର ଝା, ଦିବ୍ୟରଞ୍ଜନ ସାହୁ, ଶୈଳେନ୍ଦ୍ର ବାରିକ ଓ ଉମା ଶଙ୍କର ନାଏକ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ବୁର୍ଲାସ୍ଥିତ ଭୀମ୍‌ସାର ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ହିମାଂଶୁ ଭୂଷଣ ନାୟକଙ୍କ ନେତୃତ୍ୱରେ କାଉନସେଲର ମଣ୍ଟୁ ପ୍ରଧାନ, ଟେକ୍‌ନିସିଆନ ରବିନାରାୟଣ ରାଉତ, ଦେବାଶିଷ ବିଶି, ଉମାକାନ୍ତ ଭୋଇ ଓ ପାଇକୁ ଭୋଇ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।



ଯୁବକମାନେ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି ।

### ୭ କେନ୍ଦ୍ରରେ ପରୀକ୍ଷା ଦେବେ ୧୩୧୬ ଛାତ୍ରୀଛାତ୍ର

ଉଲୁଣ୍ଡା୧୪।୨(ଡି.ଏନ.ଏ.)

**୧୯ରେ ମାଟ୍ରିକ ପରୀକ୍ଷା**

ଆସନ୍ତା ୧୯ରୁ ମାଟ୍ରିକ ବୋର୍ଡ ପରୀକ୍ଷା। ଏନେଇ ସମସ୍ତ ପରୀକ୍ଷା କେନ୍ଦ୍ରରେ ପ୍ରସ୍ତୁତି ଶେଷ ହୋଇଛି। ସୂଚନା ମୁତାବକ, ଚଳିତ ବର୍ଷ ଉଲୁଣ୍ଡା ବ୍ଲକରେ ୭ଟି କେନ୍ଦ୍ରରେ ପରୀକ୍ଷା ହେବ। ଉଲୁଣ୍ଡା ସଦର କେନ୍ଦ୍ରରେ ୨୬୬ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବାନେଇ ବୃତାନ୍ତ ହୋଇଥିବା ବେଳେ ଏକ୍ସରେଗୁଲାରରେ ୧୭ଜଣ ଛାତ୍ରୀଛାତ୍ରୀ ପରୀକ୍ଷା ଦେବାନେଇ ଜଣାପଡିଛି। ସେହିପରି ସିଣ୍ଢୋଲ କେନ୍ଦ୍ରରେ ୧୫୫ ରେଗୁଲାର ଏବଂ ୩୮ ଏକ୍ସରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବାନେଇ ସୂଚନା ମିଳିଥିବା ବେଳେ ଜାଲୋଏ କେନ୍ଦ୍ରରେ ୧୩୯ ରେଗୁଲାର ଏବଂ ୮ ଏକ୍ସରେଗୁଲାର, ପଞ୍ଚମହଲା କେନ୍ଦ୍ରରେ ୯୬ ରେଗୁଲାର ଏବଂ ୧୦ ଏକ୍ସରେଗୁଲାର, କୋଟସମଲାଇ କେନ୍ଦ୍ରରେ ୧୫୭ ରେଗୁଲାର ଏବଂ ୧୨ ଏକ୍ସରେଗୁଲାର, କଲାପଥର କେନ୍ଦ୍ରରେ ୨୧୬ ରେଗୁଲାର ଏବଂ ୨୨ ଏକ୍ସରେଗୁଲାର, ଧର୍ମଶାଳା କେନ୍ଦ୍ରରେ ୧୭୧ ରେଗୁଲାର ଏବଂ ୯ ଏକ୍ସରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜଣାପଡିଛି। ବ୍ଲକର ୭ଟି କେନ୍ଦ୍ରରୁ ଉଲୁଣ୍ଡା ସଦରରେ ସିସିଟିଭି ଲାଗିଛି। ପରୀକ୍ଷାକୁ କିପରି ଶାନ୍ତି ଶୃଙ୍ଖଳା ସହିତ ସମ୍ପନ୍ନ ହେବ ସେନେଇ ଚେଷ୍ଟା ଜାରି ରହିଥିବା ନୋଡାଲ ଅଫିସର ଦେବରାଜ ସାହୁ ପ୍ରକାଶ କରିଛନ୍ତି। ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଉଲୁଣ୍ଡା ନୋଡାଲ ହାଇସ୍କୁଲକୁ ପହଞ୍ଚି ସାରିଛି। ଅନ୍ୟପକ୍ଷେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଛି।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଠକ ଗିରଫ, ସୁନା ଅଳଙ୍କାର ଜବତ

### ପୂଜା ଆଳରେ ଠକି ନେଇଥିଲେ ଟଙ୍କା, ଅଳଙ୍କାର

ସୋନପୁର,୧୪।୨(ନି.ପ୍ର.)

ସୁବର୍ଣ୍ଣପୁର ଟାଉନ ପୋଲିସକୁ ଏକ ବଡ ସଫଳତା ମିଳିଛି । ବଲାଙ୍ଗୀର ଜିଲା ଲୋଇସିଂହା ଥାନା କେନ୍ଦୁମୁଣ୍ଡି ଗ୍ରାମର ଠକ ପ୍ରଦୀପ ନାଏକ(୩୯)ଙ୍କୁ ଗୁରୁବାର ରାତିରେ ପୋଲିସ ଗିରଫ କରିଛି । ପୋଲିସ ତାଙ୍କ ନିକଟରୁ ୪୫ ଗ୍ରାମ ଓଜନର ୪ଟି ସୁନା ହାର ଓ ୧୫ ଗ୍ରାମ ଓଜନର ୪ଟି କାନ ରିଙ୍ଗ ଜବତ କରିଛି। ଶୁକ୍ରବାର ପ୍ରଦୀପଙ୍କୁ କୋର୍ଟ ଚାଲାଣ କରାଯାଇଛି । ପ୍ରଦୀପ ଗତ ଜାନୁୟାରୀ ୧ ତାରିଖରେ ପୂଜା କରିବା ବାହାନାରେ ସୋନପୁର ଥାନା ହରଡଖୋଲ ଗ୍ରାମର ଶୁକଦେବ କର୍ଣ୍ଣ(୩୯)ଙ୍କ ଠାରୁ ୬ ଭରି ସୁନା ଅଳଙ୍କାର ଓ ନଗଦ ୧ ଲକ୍ଷ ୨୦ ହଜାର ଟଙ୍କା ଠକି ନେଇଥିଲେ । ଏନେଇ ଶୁକଦେବ ଫେବୃଆରୀ ୪ ତାରିଖରେ ସୋନପୁର ଥାନାରେ ଅଭିଯୋଗ କରିଥିଲେ । ଏସ୍‌ପି ଦେବୀପ୍ରସାଦ ଦାଶ ଜିଲା ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଠକେଇ ଓ ଅଳଙ୍କାର ଉଦ୍ଧାର ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଦୀପ ଏକ ଠକ। ଶୁକଦେବଙ୍କର ରିଷ୍ଟ ଅଛି । ରିଷ୍ଟ ଖଣ୍ଡନ ନ କଲେ ପରିବାର ଲୋକଙ୍କ ମୃତ୍ୟୁ ଘଟିବ। ଏଭଳି କହି ପ୍ରଦୀପ ହରଡଖୋଲର ଶୁକଦେବଙ୍କ ମନରେ ଭୟ ସୃଷ୍ଟି କରିଥିଲେ। ପ୍ରତିକାର ପାଇଁ ସ୍ୱତନ୍ତ୍ର ପୂଜା ଆବଶ୍ୟକ । ଏନେଇ ୬ ଭରି ସ୍ୱର୍ଣ୍ଣ ଅଳଙ୍କାର ଓ ୧ଲକ୍ଷ ୨୦ ହଜାର ଟଙ୍କା ଲୋଡା ବୋଲି କହି ସେ ବିଶ୍ୱାସ ଜନ୍ମାଇ ଥିଲେ । ଶୁକଦେବ ଗ୍ରାମର ଲୋକଙ୍କଠାରୁ ଟଙ୍କା ଓ ଅଳଙ୍କାର ମାଗି ଆଣି ପୂଜା କରିବା ପାଇଁ ଦେଇଥିଲେ । ରାମେଶ୍ୱର ଶୈବ ପୀଠରେ ପୂଜା ପାଇଁ ନିଷ୍ପତ୍ତି ହୋଇଥିଲା। ଏହାରି ସୁଯୋଗ ନେଇ ପ୍ରଦୀପ ଟଙ୍କା ଓ ଅଳଙ୍କାର ନେଇ ଫେରାର ହୋଇଯାଇଥିଲେ । ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପି ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋନପୁର ଆଇଆଇସି ଲୋକେଶ ସାହୁ, ଏସ୍‌ଆଇ ସୁବ୍ରତ କୁମାର ପାଣିଗ୍ରାହୀ, ଅବିନାଶ ପଧାନ ଓ ଏଏସଆଇ ସଞ୍ଜୀବ କୁମାର ବସ୍ତିଆଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା ।


ଏସ୍‌ପି ଦେବୀପ୍ରସାଦ ଦାଶ ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି।

## ପୋଖରୀରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

ବିନିକା,୧୪।୨(ଡି.ଏନ୍.ଏ.)

**ପଦ୍ମଫୁଲ ତୋଳିବା କାଳହେଲା**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଧୀନ ଚରଦା ଗ୍ରାମ ରାଣୀକଣ୍ଟା ପୋଖରୀରେ ଶୁକ୍ରବାର ଏକ ଅଘଟଣ ଘଟିଛି। ପୋଖରୀକୁ ପଦ୍ମଫୁଲ ତୋଳିବାକୁ ଯାଇ ପାଣିରେ ବୁଡି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରିୟଙ୍କା ଥନାପତି(୨୩)। ଏନେଇ ଗାଁରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ, ଶୁକ୍ରବାର ସକାଳ ପ୍ରାୟ ୬ଟାରେ ପ୍ରିୟଙ୍କା ରାଣୀକଣ୍ଟା ପୋଖରୀକୁ ପଦ୍ମଫୁଲ ତୋଳିବାକୁ ଯାଇଥିଲେ। ହେଲେ ସେ ପଦ୍ମଫୁଲ ତୋଳୁଥିବା ବେଳେ ପଦ୍ମନାଡରେ ଛନ୍ଦି ହୋଇ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ଏହାଜାଣି ତାଙ୍କୁ ଖୋଜାଖୋଜି କରି ପୋଖରୀରୁ ଉଦ୍ଧାର କରିଥିଲେ। ଏନେଇ ବିନିକା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ବିନିକା ଅଗ୍ନିଶମ ବାହିନୀ ପହଞ୍ଚି ପ୍ରିୟଙ୍କାଙ୍କୁ ବିନିକା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିନିକା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ବିନିକା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ଶହୀଦଙ୍କୁ ସ୍ମୃତି ଚାରଣ, ମାତୃପିତୃ ପୂଜନ

ବିନିକା,୧୪।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଫେବୃୟାରୀ ୧୪ ଭାଲେଣ୍ଟାଇନ୍ସ ଡେ ତଥା ପ୍ରେମ ଦିବସ ଶୁକ୍ରବାର ନିଆରାଢଙ୍ଗରେ ପାଳିତ ହୋଇଯାଇଛି । ଏହି ଅବସରରେ ବିନିକା ଲାଲାସାହାଜୀ ବିଦ୍ୟାମନ୍ଦିରରେ ପ୍ରେମ ଦିବସ ଉପଲକ୍ଷେ ପୁଲୱାମା ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା ଓ ଶୋକ ସମ୍ବର୍ଦ୍ଧନା ସଭା ସହିତ ମାତୃପିତୃ ପୂଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିନିକା ଅରବିନ୍ଦ ସ୍କୁଲର ପ୍ରଧାନ ଆଚାର୍ଯ୍ୟ ଅଗସ୍ତି ଦାଶ ଯୋଗ ଦେଇଥିଲେ । ବଲାଙ୍ଗୀର ଯୋଗ ବେଦାନ୍ତ ସମିତିର ସଂକୀର୍ତ୍ତନ୍ୟ ବେହେରା ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ହିମାଂଶୁ ଭୂଷଣ ପଣ୍ଡା ସଭା ପରିଚାଳନା କରିଥିଲେ। ଧର୍ମେନ୍ଦ୍ର ଭୋଇଙ୍କ ପରିଚାଳନାରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ମାତାପିତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଅତିଥିମାନେ ଶହୀଦ ଯବାନଙ୍କ ସ୍ମୃତିଚାରଣ କରିବା ସହ ମାତାପିତା ଦେବ ତୁଲ୍ୟ ବୋଲି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତୁଷାରକାନ୍ତ ଦାଶ, ସଭାପତି ସୌମିତ୍ରୀ ପତି, ପରିଚାଳନା କମିଟି ସଦସ୍ୟ ରାଜେଶ ଶେଖର ମିଶ୍ର, ବିନୟ ରଞ୍ଜନ ହୋତା, ପ୍ରଶାନ୍ତ ପଣ୍ଡା, ଅକ୍ଷୟ କୁମାର ବିଶିଙ୍କ ସହ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ । ସେହିପରି ବିନିକା ବ୍ଲକ ନକଟାମୁଣ୍ଡା ଶିବାଜୀ ଯୁବକ ସଂଘ ପକ୍ଷରୁ ପୁଲୱାମା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ଏଥିରେ ସଂଘର ସଭାପତି ଦେବେନ୍ଦ୍ର ମେହେର, ସମ୍ପାଦକ ପ୍ରମୋଦ ମେହେରଙ୍କ ସହ ଗ୍ରାମର ଶତାଧିକ ଯୁବକ ସାମିଲ ହୋଇଥିଲେ। ବିନିକା ଖଇରମାଲ ଗ୍ରାମର ହରିଶଙ୍କର ବାବା ଯୁବ ସଂଘ ପକ୍ଷରୁ ପୁଲୱାମା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା।


କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ହୋଇଥିବା ଯୁବକମାନେ।

## ବ୍ଲୁଡାଇମଣ୍ଡ ବରଗଡ଼, ପ୍ରୋଗ୍ରେସିଭ ଝାରସୁଗୁଡ଼ା ବିଜୟୀ

ସୋନପୁର,୧୪।୨(ନି.ପ୍ର.)

**ଭଗବତୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ**

ସୋନପୁର ଗାନ୍ଧୀ ପଡ଼ିଆରେ ଚାଲିଥିବା ୧୦ମ ଭଗବତୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ଦିବସ ମ୍ୟାଚ୍ ୟଙ୍ଗ୍ ଷ୍ଟାର କ୍ରିକେଟ୍ ଭୁବନେଶ୍ୱର ଓ ବ୍ଲୁଡାଇମଣ୍ଡ କ୍ରିକେଟ୍ କ୍ଲବ ବରଗଡ଼ ମଧ୍ୟରେ ହୋଇଥିଲା । ୟଙ୍ଗ ଷ୍ଟାର ଦଳ ଟସ୍ ଜିତ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଶୁଭମ୍ କୁମାର ୫୧, ଅମିତ କୁମାର ୨୩ ଓ ବିଶ୍ୱଜିତ ମହାନ୍ତି ୧୨ ରନ୍ ସଂଗ୍ରହ କରିଥିଲେ । ବରଗଡ଼ ପକ୍ଷରୁ ସୁମିତ ରାୟ ୪ଟି ଓ ମୁନା ଭରାସାଗର ୨ଟି ଉଇକେଟ ଅକ୍ତିୟାର କରିଥିଲେ। ଜବାବରେ ବରଗଡ଼ ଦଳ ଲୋକନାଥ ମହାପାତ୍ରଙ୍କ ୨୬ ରନ୍, ସୁମିତ ରାୟଙ୍କ ୨୩ ରନ୍ ଓ ରାକେଶ ସିଂହଙ୍କ ୨୧ ରନ୍ ସହାୟତାରେ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଭୁବନେଶ୍ୱର ପକ୍ଷରୁ ମନୋଜ କୁମାର ବେହେରା ୩ଟି, ତୃପ୍ତି ରଞ୍ଜନ ସ୍ୱାଇଁ ଓ ବିଶ୍ୱଜିତ୍ ମହାନ୍ତି ଗୋଟିଏ ଲେଖାଏଁ ଉଇକେଟ୍ ଅକ୍ତିୟାର କରିଥିଲେ। ବରଗଡ ୨ ଉଇକେଟ୍‌ରେ ବିଜୟୀ ହୋଇଥିଲା । ବରଗଡର ଶୁଭମ୍ କୁମାରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ଦ୍ୱିତୀୟ ମ୍ୟାଚ୍ ପ୍ରୋଗ୍ରେସିଭ ଆସୋସିଏଶନ ଝାରସୁଗୁଡ଼ା ଏବଂ ଜେ.କେ. ସ୍ପୋର୍ଟିଂ ରାୟଗଡ଼ା ମଧ୍ୟରେ ହୋଇଥିଲା । ଝାରସୁଗଡ଼ା ଦଳ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜେ କେ ସ୍ପୋର୍ଟିଂ ୧୯ ଓଭରରେ ୧୦ ଉଇକେଟ୍ ହରାଇ ୧୨୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ହେପି ମହାପାତ୍ର ୨୯, ବର୍ମା ୨୩ ଓ ମାଇକେଲ ରମେଶ ୧୬ ରନ୍ ସଂଗ୍ରହ କରିଥିଲେ । ଝାରସୁଗୁଡ଼ାର ପ୍ରତୀକ ଯାଦବ ୩ଟି, ପୁସ୍କର ରାଜ ୩ଟି ଓ ନବୀନ ସିଂହ ୧ଟି ଉଇକେଟ ଅକ୍ତିୟାର କରିଥିଲେ। ଜବାବରେ ଝାରସୁଗଡ଼ା ଦଳ ରୋଚନ ପ୍ରସାଦଙ୍କ ୫୦ ରନ୍, ସଚ୍ଚିନ ଶ୍ରେଷ୍ଠଙ୍କ ୨୪ ଓ କେଶବ ସିଂହଙ୍କ ୧୯ ରନ ସହାୟତାରେ ୧୨୪ ରନ ସଂଗ୍ରହ କରିଥିଲା । ରାୟଗଡା ପକ୍ଷରୁ ମାଇକେଲ ରମେଶ ୨ଟି, ଟି.ବିଜୟ ଓ ଅରୁଣ ଗୋଟିଏ ଲେଖାଏଁ ଉଇକେଟ୍ ଅକ୍ତିୟାର କରିଥିଲେ। ଝାରସୁଗୁଡା ୬ ଉଇକେଟ୍‌ରେ ମ୍ୟାଚ୍ ବିଜୟୀ ହୋଇଥିଲା। ଝାରସୁଗୁଡ଼ାର ରୋଶନ ପ୍ରସାଦଙ୍କୁ ଅତିଥି ଚନ୍ଦନ ବହିଦାର ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶ୍ୟାମସୁନ୍ଦର ପଣ୍ଡା, ସମୀର ପାଣିଗ୍ରାହୀ, ପୃଥ୍ୱୀରାଜ ମିଶ୍ର ଓ ବଳରାମ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ । ସଂଗ୍ରାମ ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସଞ୍ଜୀବ ମିଶ୍ର, ପାର୍ଥ ଦାଶ ଓ ଆନନ୍ଦ ବାଗ ଧାରାବିବରଣୀ ପ୍ରଦାନ କରିଥିଲେ ।



ବରଗଡର ଶୁଭମ କୁମାରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଫୁଟବଲ ଟୁର୍ନାମେଣ୍ଟ: ପାଟଣାଗଡ଼, ଫଟାମୁଣ୍ଡା ସେମିରେ

ଟିକ୍ରାପଡ଼ା,୧୪।୨(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଟିକ୍ରାପଡ଼ାସ୍ଥିତ ହାଇସ୍କୁଲ ପଡ଼ିଆରେ ଲାନ୍ତେଶ୍ୱର ଯୁବକ ସଂଘ ଅନୁକୂଲ୍ୟରେ ୧୦ମ ଜୟଲାନ୍ତ ବୁଢା ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଭାରତୀ ରାଜପଲିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କମିଟି ସଭାପତି ଆଇନଜୀବୀ ଟୁନୁ ରାଜପଲିଆଙ୍କ ଅଧକ୍ଷତା ଓ ସମ୍ପାଦକ ସୁରଜ କାଲସାଏଙ୍କ ସଂଯୋଜନାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳ ଅମିମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ପାଟଣାଗଡ଼ ଦଳ ୪-୩ରେ ଗୋଲରେ ଇଚ୍ଛାପଡ଼ା ଦଳକୁ ହରାଇ ସେମିରେ ପ୍ରବେଶ କରିଥିଲା। ସେହିପରି ଫଟାମୁଣ୍ଡା ଏବଂ ଘୁଶୁରାମୁଣ୍ଡା ମଧରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳ ମଧ ଅମିମାଂସିତ ରହିଥିଲା। ଏଥିରେ ଫଟାମୁଣ୍ଡା ଦଳ ୪-୩ଗୋଲରେ ଘୁଶୁରାମୁଣ୍ଡା ଦଳକୁ ହରାଇ ସେମିରେ ପ୍ରବେଶ କରିଛି। ଦୀପକ ରାଜହଂସ ଖେଳ ପରିଚାଳନା କରିଥିଲେ ।

# ଆଜି କିସ୍ ବଲାଙ୍ଗୀର ଶାଖାକୁ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

- ୨୦ ଏକର ଜମିରେ ମୋତିଲାଲ ଓସ୍ୱାଲ-କିସ୍ ଆବାସିକ ବିଦ୍ୟାଳୟ
- ବଲାଙ୍ଗୀର ଜିଲାର ଜନଜାତି ଛାତ୍ରୀଛାତ୍ର ପାଠ ପଢ଼ିବେ

ବଲାଙ୍ଗୀର ଅଫିସ,୧୪।୨

ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍(କିସ୍)ର ବଲାଙ୍ଗୀର ଶାଖାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କିଟ୍-କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ମୋତିଲାଲ ଓସ୍ୱାଲ ଗ୍ରୁପ୍ ଅଧକ୍ଷ ମୋତିଲାଲ ଓସ୍ୱାଲ ଉପସ୍ଥିତ ରହିବେ। ଭୁବନେଶ୍ୱର କିସ୍ ଅନୁଷ୍ଠାନର ପ୍ରଥମ ଶାଖା ଭାବେ ବଲାଙ୍ଗୀରରେ ଶନିବାର ଉଦ୍‌ଘାଟିତ ହେବ । ଭୁବନେଶ୍ୱରରୁ ପୂର୍ବାହ୍ନ ୧୦ଟା ୩୦ରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଉଡାଜାହାଜ ଯୋଗେ ବାହାରି ତୁଷରା ଉଡାଜାହାଜ ପଡ଼ିଆରେ ୧୧ଟା ୧୦ ମିନିଟ୍ ସମୟରେ ପହଞ୍ଚିବେ। ସେଠାରୁ ଏକ ହେଲିକପ୍ଟର ଯୋଗେ ବଲାଙ୍ଗୀର ଅଭିମୁଖେ ଆସି ମୋତିଲାଲ ଓସ୍ୱାଲ-କିସ୍ ଆବାସିକ ସ୍କୁଲ ନିକଟସ୍ଥ ହେଲିପ୍ୟାଡରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଓହ୍ଲାଇବେ । ପରେ ୧୧ଟା ୩୫ ମିନିଟରେ ମୋତିଲାଲ ଓସ୍ୱାଲ-କିସ୍ ଆବାସିକ ସ୍କୁଲକୁ ପହଞ୍ଚି ବିଧିବଦ୍ଧ ଭାବେ ଏହାକୁ ଉଦ୍‌ଘାଟନ କରିବେ। ପରେ ବଲାଙ୍ଗୀର କିସ୍ କ୍ୟାମ୍ପସ ପରିଦର୍ଶନ କରି ସେଠାରେ ଆୟୋଜିତ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ମଧ୍ୟାହ୍ନ ୧୨ଟା ୨୦ ମିନିଟ୍‌ରେ ବଲାଙ୍ଗୀର ଛାଡି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ତୁଷରା ଦେଇ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ରହିଛି । କିସ୍ ବଲାଙ୍ଗୀର ଶାଖା ଉଦ୍‌ଘାଟନୀ ସକାଶେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ଶୁକ୍ରବାର କିସ୍ ବଲାଙ୍ଗୀର କ୍ୟାମ୍ପସ, ସଭା ଆୟୋଜନ ସ୍ଥଳୀ, ହେଲିପ୍ୟାଡ ପରିଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ନେଇ ପ୍ରିୟରଞ୍ଜନ ସାହୁ, ପ୍ରମୋଦ ସାହୁ, ଦିଲୀପ ନାଏକ, ବସନ୍ତ ରାଉତ୍, ଶୈଳେଶ ସାହୁ, ରାଜକିଶୋର ପୂଜାରୀ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି ।

୨୦ ଏକର ଜମିରେ ପ୍ରତିଷ୍ଠା ହୋଇଥିବା ମୋତିଲାଲ ଓସ୍ୱାଲ କିସ୍ ଆବାସିକ ଜନଜାତି ବିଦ୍ୟାଳୟରେ ପ୍ରଥମ ବର୍ଷ ୧୫୦୦ ଜନଜାତି ଛାତ୍ରୀଛାତ୍ର ବିଦ୍ୟାରମ୍ଭ କରିବେ। ଏଥିସକାଶେ ଅତ୍ୟାଧୁନିକ ଶୈଳୀରେ ସୁରମ୍ୟ ଅଟ୍ଟାଳିକା ନିର୍ମାଣ ସରିଛି। କ୍ୟାମ୍ପସ ପରିସରରେ ଆକାଡେମିକ ବ୍ଲକ୍, ଆଡମିନିଷ୍ଟ୍ରେଟିଭ ବ୍ଲକ୍, ବାଳକ ଓ ବାଳିକା ଛାତ୍ରାବାସ, ୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ରହିଛି। ଛାତ୍ରୀଛାତ୍ରଙ୍କ ସକାଶେ ସମସ୍ତ ବ୍ୟବସ୍ଥା କରାଯାଇଛି । ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ସଂଘ ମହାସଚିବ ନିରଞ୍ଜନ ବିଶି ଶୁକ୍ରବାର ବଲାଙ୍ଗୀର କିସ୍ ଶାଖା ଉଦ୍‌ଘାଟନ ନେଇ ସୂଚନା ଦେଇ ଏହା ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି। ଏପରି କି ଜନଜାତି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇବା ଦିଗରେ ଅଭୂତପୂର୍ବ ପ୍ରୟାସ କରିଥିବାରୁ କିସ୍ ପ୍ରତିଷ୍ଠାତା ଅଚ୍ୟୁତ୍ ସାମନ୍ତ ଓ ମୋତିଲାଲ ଓସ୍ୱାଲ ଗ୍ରୁପ୍‌କୁ କୃତଜ୍ଞତା ଜଣାଇଥିଲେ। ତାଙ୍କ ସହ ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜକିଶୋର ସିଂଭୋଇ, ଉପଦେଷ୍ଟା ସତ୍ୟ ନାରାୟଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନ ଅପେକ୍ଷାରେ କିସ୍ ବଲାଙ୍ଗୀର ଶାଖା ।

### ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କୁ ଘେରିଲେ ଷ୍ଟାଫନର୍ସ

ବଲାଙ୍ଗୀର ଅଫିସ, ୧୪।୨

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଗୁରୁବାର ରାତିରେ କାର୍ଯ୍ୟରତା ଷ୍ଟାଫନର୍ସ ପ୍ରତିମା ପ୍ରଧାନଙ୍କୁ ଦୁଇଜଣ ବ୍ୟକ୍ତି ଆକ୍ରମଣ କରି ନିସ୍ଥୁକ ମାଡମାରି ଫେରାର ହୋଇଯାଇଥିଲେ । ଏ ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ ଟାଉନ ଥାନା ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। ଏହାର ପ୍ରତିବାଦ କରି ଶୁକ୍ରବାର ହସ୍ପିଟାଲର ଷ୍ଟାଫନର୍ସମାନେ ମେଡିକାଲ କଲେଜ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସ ଘେରାଓ କରିଥିଲେ । ସୁପରିଣ୍ଟେଣ୍ଡେଣ୍ଟ ଡା.ମହେନ୍ଦ୍ର କୁମାର ନାୟକ ଷ୍ଟାଫନର୍ସମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଓ ଟାଉନ୍ ଥାନା ଆଇଆଇସିଙ୍କୁ ଡାକି ଆଲୋଚନା କରିଥିଲେ। ପୋଲିସ ପକ୍ଷରୁ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ଷ୍ଟାଫନର୍ସମାନେ ସେଠାରୁ ଫେରି କାର୍ଯ୍ୟରେ ଯୋଗଦେଇଥିବା ଜଣାପଡିଛି।

### ବାସନ୍ତୀକ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଲୋଇସିଂହା,୧୪।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଶାରଳା ଶକ୍ତିପୀଠରେ ବାସନ୍ତୀକ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା କଲ୍ୟାଣ ମଣ୍ଡପ ନିକଟରେ ମାର୍ଚ୍ଚ ୨୪ତାରିଖରୁ ଏପ୍ରିଲ ୨ତାରିଖ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ। ଏହି ଅବସରରେ ତୁଳସୀ ରାମାୟଣ ପାରାୟଣ, ଚଣ୍ଡୀ ହବନ ଯଜ୍ଞ, ନାମଯଜ୍ଞ, ପ୍ରବଚନ ସାଙ୍ଗକୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଛି। ଆୟୋଜିତ ବୈଠକରେ ମୁରଲୀ ଭୋଇ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୂଜା କର୍ମକର୍ତ୍ତା ଚୟନ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଭାବେ ମୋହିତ ମିଶ୍ର, ସଭାପତି କୁନା ଭୋଇ, ଉପସଭାପତି ବନୀତା ଭୋଇ, ସମ୍ପାଦକ ରବୀନ୍ଦ୍ର ପୁଟେଲ, ସହସମ୍ପାଦକ ପ୍ରକାଶ ମହାରଣା, କୋଷାଧ୍ୟକ୍ଷ ଭାବେ ନଜରୁଲ୍ଲା ଖାଁଙ୍କୁ ମନୋନୀତ କରାଯାଇଛି। ମଞ୍ଜୁବାଳା ମେହେର, ରମେଶ ମେହେର, ନିମାଇଁଚରଣ ପଧାନ, ତ୍ର୍ୟମ୍ବକେଶ୍ୱର ସିଂ ରାଏ, ଉପେନ୍ଦ୍ର ସାହୁ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି।

## ଯଜ୍ଞ ସରିଲା, ହେଉନି ଅଳିଆ ସଫା

ଲୋଇସିଂହା,୧୪।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ରୁଗୁଡିଖାଲ ମାନସ ବିହାରଠାରେ ଅନୁଷ୍ଠିତ ମାନସଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଇତି ମଧ୍ୟରେ ଯଜ୍ଞ ଶେଷ ହେବାର ୧୨ ଦିନ ବିତିଯାଇଥିଲେ ସୁଦ୍ଧା ସେଠାରେ ପଡିରହିଥିବା ଅଳିଆ ଆବର୍ଜନା ସଫେଇ ହୋଇପାରିନାହିଁ। ଫଳରେ ଶୁକ୍ରବାର ସାପ୍ତାହିକ ହାଟ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ବସିଥିଲା। ଏନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରୁଗୁଡିଖାଲ ମାନସ ବିହାରରେ ଜାନୁୟାରୀ ୨୫ତାରିଖରୁ ଫେବୃୟାରୀ ୨ତାରିଖ ପର୍ଯ୍ୟନ୍ତ ୨୩ତମ ମାନସ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏନେଇ କମିଟି ସଭ୍ୟ ଗଜେନ୍ଦ୍ର ଦଣ୍ଡସେନାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ସଫେଇ କରାଯିବ ବୋଲି କହିଥିଲେ।



ରୁଗୁଡିଖାଲ ମାନସ ବିହାରଠାରେ ପଡି ରହିଥିବା ଅଳିଆ।

## ଠିକାଦାରଙ୍କ ଘରେ ଆୟକର ବିଭାଗ ଚଢ଼ାଉ

ବଲାଙ୍ଗୀର ଅଫିସ,୧୪।୨

ବଲାଙ୍ଗୀର ରୁଗୁଡିପଡାର ଜଣେ ଠିକାଦାର ଓ ରେଡିଓ ଷ୍ଟେସନ୍ ନିକଟରେ ରହୁଥିବା ଜଣେ ଠିକାଦାରଙ୍କ ଘରେ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ବଲାଙ୍ଗୀର ଆୟକର ବିଭାଗ ସହ ସମ୍ବଲପୁର, ବରଗଡ଼ ଆୟକର ବିଭାଗ ଅଧିକାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି । ଠିକାଦାରଙ୍କ ଘରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିବା ଜଣାପଡିଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଫୁଟବଲ ଟୁର୍ନାମେଣ୍ଟ: ଟିକ୍ରାପଡ଼ା ଚାମ୍ପିୟନ

ଟିକ୍ରାପଡ଼ା,୧୪।୨(ଡି.ଏନ୍.ଏ.)

ସଇଁନ୍ତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧୀନ ଝରବାହାଲିଠାରେ ଚାଲିଥିବା ୧୯ତମ ରମେଶ ସିଂ ଭୋଇ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଟିକ୍ରାପଡ଼ା ଓ ସତିଘାଟ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳ ଅମିମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଟିକ୍ରାପଡ଼ା ଦଳ ୨-୧ଗୋଲରେ ସତିଘାଟ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା । ଜିତେନ୍ଦ୍ର ଜାଲଙ୍କ ଖେଳ ପରିଚାଳନାରେ ଯୁବରାଜ ବଗର୍ତ୍ତୀ, ସୁବାସ ଭୋଇ ସହାୟତା କରିଥିଲେ । ପିଣ୍ଟୁ ବଗର୍ତ୍ତୀ, ଅକ୍ଷୟ ଘିଭେଲା ଧାରାବିବରଣୀ ପ୍ରଦାନ କରିଥିଲେ। ଯୁବରାଜ ବଗର୍ତ୍ତୀଙ୍କ ଅଧକ୍ଷତା ଓ କୈଳାସ ଚନ୍ଦ୍ର ଜୈନଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟଅତିଥି, ବ୍ଲକ କଂଗ୍ରେସ ସଭାପତି ଗୁଣସାଗର ମାଝି, ବରିଷ୍ଠ କ୍ରୀଡାବିତ୍ ଅରବିନ୍ଦ ସୁପକାର, ସ୍ଥାନୀୟ ସରପଞ୍ଚ ବଜ୍ରଙ୍ଗଲାଲ ଜୈନ, ସମିତି ସଭ୍ୟ ଅନନ୍ତ କାଲସାଏ, ସାମାଜିକ କର୍ମୀ ରାଜୁ ବେହେରା ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୬୦୦୦ ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫିସହ ୪୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଗୋକୁଳାନନ୍ଦ ବାରିକ, କେତନ ବଗର୍ତ୍ତୀ, ମାନସ ବଗର୍ତ୍ତୀ, କରୁଣା ବଗର୍ତ୍ତୀ, ବିଦ୍ୟାଧର ଦାସ, ଦେବ ବୁଡେକ, ଲିପୁନ ବୁଡେକ, ରାଜ ପୋଢ, ସମାରୁ ପୋଢ, ମିଥୁନ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ମୁଖ୍ୟ ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ବସ୍ତି ଜବରଦଖଲ ଉଚ୍ଛେଦ ଦାବିରେ ସ୍ମାରକପତ୍ର ପ୍ରଦାନ

ଲୋଇସିଂହା,୧୪।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜବରଦଖଲ ଉଚ୍ଛେଦ ନେଇ ନୋଟିସ ଜାରି କରାଯାଇଛି। ଏହାକୁ ବିରୋଧ କରି ସମ୍ପୃକ୍ତ ବ୍ୟକ୍ତି ବିଶେଷ ସରକାରୀ ଜମି ଜବରଦଖଲ କରି ପକ୍କାଘର ନିର୍ମାଣ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଶୁକ୍ରବାର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଯୋଗୀସର୍ଡା ଆର୍‌ଆଇ ସର୍କଲ ଯୋଗୀସର୍ଡା ସଦର ଗାଁ ପ୍ରାଥମିକ ସ୍କୁଲ ଓ ପୋଖରୀ ରାସ୍ତାରେ ସରକାରୀ ଜମି ଜବରଦଖଲ କରି ୪୦ ପରିବାର ଗୃହ ନିର୍ମାଣ କରିଛନ୍ତି। ସେମାନଙ୍କୁ ଉଚ୍ଛେଦ କରିବା ନେଇ ତହସିଲ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଛି। ନୋଟିସ ପାଇଲା ପରେ ସମ୍ପୃକ୍ତ ପରିବାର ଭୟଭୀତ ହୋଇପଡିଛନ୍ତି। ଅନ୍ୟପକ୍ଷେ କିଛି ଲୋକେ ଗ୍ରାମର ରାସ୍ତା ଉପରେ ବେଆଇନ ଭାବେ ଜବରଦଖଲ କରି ଘର ନିର୍ମାଣ କରିଛନ୍ତି। ଫଳରେ ଲୋକଙ୍କୁ ଯାତାୟାତରେ ଅସୁବିଧା ହେଉଛି । ସେମାନଙ୍କୁ କାହିଁକି ତହସିଲ ପକ୍ଷରୁ ଅନୁକମ୍ପା କରାଯାଇଛି ବୋଲି ଅଭିଯୋଗ ହୋଇଛି। ସରକାରୀ ନିୟମ ମୁତାବକ ସେମାନଙ୍କ ବିରୋଧରେ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଗୁରୁବାରି ଦନ୍ତା, ବାସନ୍ତୀ ପୋଡ, ଅହଲ୍ୟା ବଗର୍ତ୍ତୀ, ଶତ୍ରୁଘ୍ନ କମ୍ପ, ଶାନ୍ତିଲତା ମହାକୁର, ସଦାନନ୍ଦ ପଧାନ, ଦୈତାରୀ ଦନ୍ତା, ପାଞ୍ଚଲି ଭୂଏ ପ୍ରମୁଖ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜବରଦଖଲକାରୀଙ୍କ ସୂଚନା ଦିଆଗଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଆରତୀ ଭୋଇ ଅଭିଯୋଗକାରୀଙ୍କୁ କହିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଘୋଷଣା ମୁତାବକ ହେଉନି କାମ

ବଲାଙ୍ଗୀର ଅଫିସ, ୧୪।୨

ଗତବର୍ଷ ଜାନୁୟାରୀ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଆସି ବଲାଙ୍ଗୀର-ବିଚ୍ଛୁପାଲି ରେଳଲାଇନ୍ ଓ ପାସେଞ୍ଜର ଟ୍ରେନର ଲୋକାର୍ପଣ କରିବା ସହ ପଶ୍ଚିମ ଓଡ଼ିଶାର ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ଘୋଷଣା କରିଥିଲେ । ବଲାଙ୍ଗୀର ଜିଲାର ରାଣୀପୁର-ଝରିଏଲସ୍ଥିତ ଚୌଷଠି ଯୋଗିନୀ ପୀଠ, ବୌଦ୍ଧ ଜିଲା ଗନ୍ଧରାଡି ମନ୍ଦିର ଏବଂ କଳାହାଣ୍ଡି ଜିଲା ଅସୁରଗଡ ଦୁର୍ଗ ପୁନରୁଦ୍ଧାର ପର୍ଯ୍ୟଟନର ବିକାଶ ଦିଗରେ ସହାୟକ ହେବ ବୋଲି କହିଥିଲେ। ଏସବୁ କୀର୍ତ୍ତିରାଜିର ବିକାଶ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଉଥିବା ପ୍ରଧାନମନ୍ତ୍ରୀ ମୋଦି ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ। ଏହାର ଏକବର୍ଷ ପରେ ସୂଚନା ଅଧିକାର ଆଇନ ଜରିଆରେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ଅନ୍ତର୍ଗତ ଭୁବନେଶ୍ୱର ସର୍କଲ ଅଫିସ ପକ୍ଷରୁ ମିଳିଥିବା ତଥ୍ୟ ବାସ୍ତବତାଠାରୁ ବହୁ ଦୂରରେ ବୋଲି ଜଣାପଡିଛି । ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ଦିଆଯାଇଥିବା ତଥ୍ୟରେ ବିଗତ ୩ବର୍ଷ ମଧ୍ୟରେ ବଲାଙ୍ଗୀର ଜିଲା ରାଣୀପୁର-ଝରିଏଲ, ବୌଦ୍ଧ ଜିଲା ଗନ୍ଧରାଡି ସ୍ଥିତ ମନ୍ଦିରରେ ଟେଲିକମ୍ୟୁନିକେଶନ କନ୍‌ସଲଟାଣ୍ଟ ଇଣ୍ଡିଆ ପକ୍ଷରୁ ଶୌଚାଳୟ ସମୂହ ନିର୍ମାଣ କରାଯାଇଥିବା ଓ ଗନ୍ଧରାଡି ମନ୍ଦିର ଏବଂ ଅସୁରଗଡ଼ରେ ପାଚେରୀ ନିର୍ମାଣ କରାଯାଇଥିବା ଜଣାପଡିଛି। ରାଣୀପୁର-ଝରିଏଲରେ କୀର୍ତ୍ତିରାଜି ସୁରକ୍ଷା ପାଇଁ ଏକ ନୋଟିସ ବୋର୍ଡ ଲଗାଯାଇଥିବା ବେଳେ ଗନ୍ଧରାଡି ମନ୍ଦିରରେ କାଠ କବାଟ ଏବଂ ରଙ୍ଗ ଦିଆଯାଇଥିବା ତଥ୍ୟରୁ ଜଣାପଡିଛି। ଅସୁରଗଡ଼ ଖନନ ପାଇଁ ୨୦୧୮-୧୯ରେ ୩୧ ଲକ୍ଷ ୮୦ ହଜାର ୭୫ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୨୦୧୯-୨୦ ବର୍ଷରେ ମାତ୍ର ୧୪ ଲକ୍ଷ ୩୩ ହଜାର ୨୯୭ ଟଙ୍କା ଖର୍ଚ୍ଚ କରାଯାଇଛି ପ୍ରଧାନମନ୍ତ୍ରୀ ପୀଠଗୁଡିକର ବିକାଶ ପାଇଁ ଯେଭଳି ଆଗ୍ରହ ପ୍ରକାଶ କରି ବକ୍ତବ୍ୟ ଦେଇଥିଲେ ବାସ୍ତବତାରେ ସେଭଳି କରାଯାଉ ନ ଥିବା ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି । ପଶ୍ଚିମ ଓଡ଼ିଶାର ପ୍ରାଚୀନ ପୀଠଗୁଡିକର ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ । ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ଏହି ଅବହେଳିତ ପୀଠଗୁଡିକର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆନ୍ତରିକତାର ସହ କାର୍ଯ୍ୟ କଲେ ଏହାର ସୁରକ୍ଷା ହୋଇପାରିବ ବୋଲି ପଣ୍ଡା କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଭାଷଣ ବାସ୍ତବତାରେ ପରିଣତ ହେଲେ ରାଜ୍ୟର ଜନସାଧାରଣ ଉପକୃତ ହୁଅନ୍ତେ ବୋଲି ପଣ୍ଡା କହିଛନ୍ତି। ରାଜ୍ୟ ସରକାର ରାଜ୍ୟବ୍ୟାପୀ ବିଭିନ୍ନ ମନ୍ଦିରର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରିଥିବାବେଳେ ଗତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ହରିଶଙ୍କର ପୀଠର ବିକାଶ ପାଇଁ କୌଣସି ବ୍ୟବସ୍ଥା ନ କରିବା ବଲାଙ୍ଗୀର ଜିଲାବାସୀଙ୍କୁ ମର୍ମାହତ କରିଛି ବୋଲି ପଣ୍ଡା କହିବା ସହ ତୁରନ୍ତ ମୁଖ୍ୟମନ୍ତ୍ରୀ ହରିଶଙ୍କର ସମେତ ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ନିର୍ଦ୍ଦେଶ ଦେବାକୁ ସୂଚନା କର୍ମୀ ପଣ୍ଡା ଦାବି କରିଛନ୍ତି।




ରାଣୀପୁର-ଝରିଆଲର ପ୍ରାଚୀନ କୀର୍ତ୍ତିରାଜି ।

### ରନ୍ଧନଗ୍ୟାସ ମୂଲ୍ୟବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ବଲାଙ୍ଗୀର ଅଫିସ,୧୪।୨

ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ପିଛା ୧୪୪ ଟଙ୍କା ମୂଲ୍ୟବୃଦ୍ଧିକୁ ବିରୋଧ କରି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ବଲାଙ୍ଗୀର ପକ୍ଷରୁ ଶୁକ୍ରବାର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିଭିନ୍ନ ସାମଗ୍ରୀରେ ଅହେତୁକ ଦରଦାମ ବୃଦ୍ଧି ଯୋଗୁ ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡ ଭୁଶୁଡି ପଡିଥିବାବେଳେ କେନ୍ଦ୍ର ସରକାର ରନ୍ଧନ ଗ୍ୟାସରେ ଅହେତୁକ ମୂଲ୍ୟବୃଦ୍ଧି କରି ଏକ ଜନବିରୋଧୀ ସରକାର ଭାବେ ନିଜକୁ ପ୍ରତିପାଦିତ କରିଥିବା ଅଭିଯୋଗ କରାଯାଇଛି । ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବର୍ଦ୍ଧିତ ଦର ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଦାବି ଜଣାଇଥିଲେ । ବିକ୍ଷୋଭରେ ଏସ୍‌ୟୁସିଆଇର ବଲାଙ୍ଗୀର ଜିଲା ସାଙ୍ଗଠନିକ କମିଟି ସମ୍ପାଦକ ସୁନୀଲ ଭୋଇଙ୍କ ସମେତ ଲକ୍ଷ୍ମୀଧର ସାମଲ, ରାଜେନ୍ଦ୍ର ରଣା, କୁଶପୃଷ୍ଟି ବାଗ, ବିକାଶ ଜେନା, ଯୋଗେଶ୍ୱର ରଣା, ତ୍ରିଲୋଚନ ସାହୁ ବକ୍ତବ୍ୟ ରଖି ଦରବୃଦ୍ଧିକୁ ବିରୋଧ କରିଥିଲେ।

## ଫଟୋରେ ଖବର








ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟର ୨୦୨୦-୨୧ ଶିକ୍ଷାବର୍ଷର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ)। ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣର ଏକବର୍ଷ ପୂର୍ତ୍ତି ଅବସରରେ ବଲାଙ୍ଗୀର ସଚେତନ ମହିଳା ମଞ୍ଚ ଓ ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି (ମଝି)। ବଲାଙ୍ଗୀର ଦେଓଗାଁ ବ୍ଲକ ସାଲେପାଲିସ୍ଥିତ ବାର୍ଦ୍ଧକ୍ୟ ଆବାସରେ ମାହେଶ୍ୱରୀ ମହିଳା ସଙ୍ଗଠନ ପକ୍ଷରୁ ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ କରାଯାଉଛି। (ଫଟୋ- ସୁନୀଲ)



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
–ଫ୍ରାନ୍‌ସିସ୍ ବାକନ



## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ, ୩ ଗୁରୁତର

**ଭବାନୀପାଟଣା,୧୪।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୟପାଟଣା ଥାନା ଖଲିଆଭଟା ଛକ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ୩ଜଣଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଜୟପାଟଣା ଥାନା ପୋଲିସ ପହଞ୍ଚି ଶବ ସହ ୨ ବାଇକ ଜବତ କରି ତଦନ୍ତ ଜାରି ରଖିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, କାଦୋପଦର ଗାଁର ବିଶ୍ୱପ୍ରତାପ ଠାକୁର (୫୦) ଓ ରାଜାରାମ ନାଗ (୩୫) ଏକ ବାଇକ୍‌ରେ ଯାଉଥିଲେ। ଏହିହ ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ଜୁନାଗଡ ଥାନା ଦାସୀଗାଁ ସିର୍ଲିପଡାର କୁମନ ବେମାଲ (୫୦) ଓ କଲମପୁର ବ୍ଲକ ପାତରବସା ଗାଁର ଶମ୍ଭୁଶ୍ୱର ଲୋହରା (୪୦)ଙ୍କ ସହିତ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜୟପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଡାକ୍ତରଖାନାରେ କୁମନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଚଣ୍ଡୀ ମନ୍ଦିର ପ୍ରତିଷ୍ଠା, ରତ୍ନମୁଦ ଉତ୍ସବ

**ମଦନପୁର,୧୪।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରଠାରେ ଚଣ୍ଡୀ ମନ୍ଦିର ରତ୍ନମୁଦ ଓ ପ୍ରତିଷ୍ଠା ହୋଇଯାଇଛି। ଏଥିପାଇଁ ଶୁକ୍ରବାର ସକାଳ ୭ଟାରେ ପୂଜାର୍ଚ୍ଚନା କରାଯିବା ସହିତ ଷୋହଳ ପ୍ରହର ନାମଯଜ୍ଞ ସକାଶେ ଶୁଭଖମ୍ବ ସ୍ଥାପନା କରାଯାଇଥିଲା। ଅପରାହ୍ନ ୨ଟାରେ ରତ୍ନମୁଦ ଆରମ୍ଭ କରି ସନ୍ଧ୍ୟାରେ ମନ୍ଦିର ପ୍ରତିଷ୍ଠା ପାଇଁ ଅଙ୍କୁରରୋପଣ କରାଯାଇଥିଲା। ଉକ୍ତ ଉତ୍ସବରେ କର୍ତ୍ତା ଖଗେଶ୍ୱର ରଣା ଓ ଅହଲ୍ୟା ରଣା ଥିବା ବେଳେ ଭୁପେନ୍ଦ୍ର ବାଣୁଆଁ ଶୁଭ ଖମ୍ବ ସ୍ଥାପନା କରିଥିଲେ। ପୂଜକ ଭାବେ ଅନିରୁଦ୍ଧ ପାଢ଼ୀ ଓ ସୁର୍ଯ୍ୟମଣି ପଣ୍ଡା ଥିଲେ। ୧୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପାରାୟଣ ଅନୁପମା ତ୍ରିପାଠୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ମଦନପୁର ଶିବରାତ୍ର କମିଟି ସମସ୍ତ ସଭ୍ୟ ଏବଂ ଗ୍ରାମ ମହିଳାମାନଙ୍କ ଯୋଗଦାନ ରହିଥିବାରୁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

**ତୁଣ୍ଡଲା,୧୪।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଉଚ୍ଚ ମାଧମିକ ବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଅଧାପକ ସନ୍ତୋଷ କୁମାର ପାଣିଗ୍ରାହୀ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ କୁଟୀର ଓ ଘରୋଇ ଶିଳ୍ପ କିପରି ଭାବେ ପରବର୍ତ୍ତି ଜୀବନରେ ଜୀବିକା ଅର୍ଜନର ମାର୍ଗ ପ୍ରଦର୍ଶିତ କରିପାରିବ ଏହି ସଂକ୍ରାନ୍ତରେ ଆଲୋକପାତ କରିଥିଲେ। କ୍ୟାରିୟର କାଉନସିଲିଂ ଦାୟିତ୍ୱରେ ଥିବା ଇଂଲିଶ ଅଧାପକ ବିଭୁଦେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉଚ୍ଚ ମାଧମିକ ବିଦ୍ୟାଳୟ ଅଧାପକ ମହେନ୍ଦ୍ର କୁମାର ଭୋଇ, କୁମୁଦ ଚନ୍ଦ୍ର ବାଗ, ସନ୍ତୋଷ କୁମାର ଭୋଇ, ନବୀନ କୁମାର ଗହୀର ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବିପଦସଙ୍କୁଳରେ ୧୧ କେଭି ବିଦ୍ୟୁତ୍ ତାର

**ଭବାନୀପାଟଣା, ୧୩।୨ (ଡି.ଏନ.ଏ.)**







ଗଞ୍ଜାମ ଜିଲା ମେଣ୍ଟରାଜପୁର ଛକରେ ଗତ ରବିବାର ଏକ ଘରୋଇ ବସ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ହୃଦୟ ବିଦାରକ ଘଟଣା ଘଟିଥିଲା। ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହା ପରେ ରାଜ୍ୟ ବିଦ୍ୟୁତ୍ ବିଭାଗ ତତ୍ପରତା ପ୍ରକାଶ ପାଇଥିବା ବେଳେ କଳାହାଣ୍ଡି ଜିଲାର ବହୁ ଅଞ୍ଚଳରେ ବିପଦ ସଙ୍କୁଳ ଅବସ୍ଥାରେ ୧୧ କେଭି ଲାଇନ୍ ଯାଇଥିବା ବେଳେ ଭବାନୀପାଟଣା ସହରରେ ବହୁ ଅଞ୍ଚଳରେ ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ବିଭାଗୀୟ ପ୍ରଶାସନ ଓ ଶକ୍ତି ବିଭାଗ ନିରବଦ୍ରଷ୍ଟା ସାଜିଛି। ଭବାନୀପାଟଣା ସହରର ନକଟିଗୁଡାସ୍ଥିତ ଅଞ୍ଜଳି ନଗର, କାଳିମନ୍ଦିର ପଡା ଏବଂ ଅନ୍ୟପଡାର ବିଭିନ୍ନ ଘର ଉପରେ ୧୧ କେଭି ବିଦ୍ୟୁତ୍ ଲାଇନ୍ ଯାଇଥିବା ବେଳେ ପଲମ୍, ବିଲେଇକୁନୀ, କୁଟୁଖମାର ଆଦି ଗ୍ରାମରେ ମଧ୍ୟ ବିପଦ ସଙ୍କୁଳ ଅବସ୍ଥାରେ ୧୧ କେଭି ଲାଇନ ଯାଇଛି। ସେହିପରି କଲମପୁର ବ୍ଲକରେ ବିଦ୍ୟୁତ୍ ଆଘାତରେ ପ୍ରତିବର୍ଷ ଲୋକଙ୍କ ଜୀବନ ଯାଉଛି। ବିଦ୍ୟୁତ୍ ତାରଗୁଡିକ ରାସ୍ତା ଓ ଜମିଠାରୁ କମ୍ ଉଚ୍ଚତାରେ ବିପଦସଙ୍କୁଳରେ ଝୁଲି ରହିଥିବାରୁ ଏଭଳି ଘଟଣା ଘଟୁଛି। ମଣ୍ଡଳରୁ ନୂଆଗାଁ ଦେଇ ସଂଯୋଗ ହୋଇଥିବା ୧୧ କେଭି ବିଦ୍ୟୁତ୍ ତାର ଭୂଇଁଠାରୁ ପ୍ରାୟ ୫ ଫୁଟ ଉପରେ ଝୁଲି ରହିଛି । ସେଭଳି ମଣ୍ଡଳରୁ ଭାଟିଗାଁ, ବଲାଗାଁ ଦେଇ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ଓ ଖୁଣ୍ଟ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେସିଙ୍ଗା ଅଞ୍ଚଳରେ ବି ବହୁ ୧୧ କେଭି ତାର ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଥିବା ଓ ଜନବସତି ଅଞ୍ଚଳରେ ଘରକୁ ଲାଗି ଯାଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଏ ଅଞ୍ଚଳରେ ଏପରି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଲୋକଙ୍କ ମୃତ୍ୟୁ ହେବାର ନଜିର ମଧ୍ୟ ରହିଛି। କେସିଙ୍ଗା ଏନ୍.ଏ.ସି. ୱାର୍ଡ ନମ୍ବର ୯ ଓ ୧୦ର ଜନବସତି ଅଞ୍ଚଳ ଦେଇ ୧୧ କେଭି ତାର ଯାଇଛି । ଘରଗୁଡିକୁ ଲାଗି କି ବିନା ଯୋଜନାରେ ଏହି ତାର ଟଣାଯାଇଛି । ଜନବସତି ଅଞ୍ଚଳରେ ଏହା ରହିଥିଲେ ମଧ ତାରକୁ କେବୁଲ କରାଯାଇନାହିଁ କି ପରିବର୍ତ୍ତନ କରାଯାଇନାହିଁ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇନାହାନ୍ତି। ପୂର୍ବରୁ ଏହି ୱାର୍ଡରେ ଘର ନିର୍ମାଣ ସମୟରେ ଦୁଇଟି ଅଘଟଣା ଘଟିଛି । ୧୧ କେଭି ତାର ପାଖରେ ଯିବା ଏବଂ ଟାଣିବା ଯୋଗୁ ୨ ଶ୍ରମିକ ଆହତ ହୋଇଥିଲେ। ସେହିଭଳି କେସିଙ୍ଗାସ୍ଥିତ ସିନେମାହଲରେ ୧୧ କେଭି ତାର ସବୁଠୁ ବିପଦଜନକ ସ୍ଥିତିରେ ରହିଛି ଓ ହାତ ପାଆନ୍ତାରେ ତାର ଝୁଲୁଛି । ପୂର୍ବରୁ ଦେଣ୍ଟୁଗୁଡା ଗ୍ରାମରେ ଜଣଙ୍କ ୧୧ କେଭି ତାର ଲାଗି ମୃତ୍ୟୁ ହୋଇଥିଲା । ଏ ନେଇ ମାନବାଧିକ କମିଶନ ମଧ ତାଗିଦ କରିଥିଲେ। ମାତ୍ର ଅବସ୍ଥାରେ ସୁଧାର ଆସି ନାହିଁ । ସେପରି ଧର୍ମଗଡ ବ୍ଲକ ବ୍ରାହ୍ମଣଛେଣ୍ଡିଆ ଅନ୍ତର୍ଗତ ଥନଟ ଗ୍ରାମଠାରେ ଦୀର୍ଘ ବର୍ଷ ହେବ ଗ୍ରାମ ମଝିରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର ଝୁଲୁଛି । ଏହି ଗ୍ରାମରେ ପ୍ରାୟ ୩ ହଜାରରୁ ଅଧିକ ଲୋକ ବାସ କରୁଛନ୍ତି। ଏହି ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର ଝୁଲି ରହିଥିବାରୁ ୪ ଚକିଆ ଗାଡି ଯିବା ସମୟରେ ବିପଦ ସବୁବେଳେ ରହିଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଅନ୍ୟପଟେ ଭବାନୀପାଟଣା ସହରରେ ବିଭିନ୍ନ ପଡାରେ ଥିବା ଟ୍ରାନ୍ସଫର୍ମରଗୁଡିକ ମଧ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏଥିପ୍ରତି ବାରମ୍ବାର ପଡାବାସୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଗୋଚର କଲେ ମଧ କିଛି ସୁଫଳ ମିଳୁନାହିଁ। ଅନ୍ୟପଟେ ବିଭିନ୍ନ ସମୟରେ ଜିଲାର ବିକାଶ ବିଦ୍ୟୁତ୍ ଲାଇନ ଟାଣିବା ଓ ଅପ୍‌ଗ୍ରେଡେସନ ବାବଦକୁ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆସୁଛି । ମାତ୍ର ବିଭାଗ ମଧରେ ସମନ୍ୱୟ ନ ରହିବା ଓ ତରବରିଆ କାର୍ଯ୍ୟ ଯୋଗୁ ଏପରି ବିପଦ ସୃଷ୍ଟି ହେଉଥିବା ବିଭିନ୍ନ ମହଲରେ ଦାବି ହେଉଛି। ଏ ନେଇ ନିର୍ବାହିଯନ୍ତ୍ରୀ ଲୋକନାଥ ଦାସଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବର୍ତ୍ତମାନ ଜିଲାର ବତ୍ତର ଓ ଦକ୍ଷିଣ ମଣ୍ଡଳରେ ଗତ କିଛି ଦିନ ହେଲା ବିଦ୍ୟୁତ କାଟ କରି ମରାମତି କାର୍ଯ୍ୟ ଚାଲିଛି। ଜିଲାରେ ଯେଭଳି କୌଣସି ଅଘଟଣା ନ ଘଟେ ସେଥିପ୍ରତି ବିଭାଗ ପକ୍ଷରୁ ନଜର ରଖାଯାଇଛି।

## ଟ୍ରାକ୍ଟରକୁ ଧକ୍କା ଦେଲା ମକା ବୋଝେଇ ଟ୍ରକ୍

**ଜୁନାଗଡ,୧୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଜାରିଙ୍ଗ ଛକ ନିକଟସ୍ଥ ୨୬ ନଂ. ଜାତୀୟ ରାଜପଥରେ ଶୁକ୍ରବାର ପ୍ରତ୍ୟୁଷରେ ଏକ ଟ୍ରାକ୍ଟର (ନଂ.ଓଡି୦୮–୫୦୪୧)କୁ ମକା ବୋଝେଇ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଟ୍ରାକ୍ଟର ବୁଲିଯାଇ ଆଗପଟ ଭାଙ୍ଗି ଚୁରମାର ହୋଇଯାଇଥିଲା। ମକା ବୋଝେଇ ଟ୍ରକଭାରସମ୍ୟ ହରାଇ ରାସ୍ତା ମଧରେ ଓଲଟିପଡିଥିଲା। ଟ୍ରକରେ ଥିବା ମକାବସ୍ତାଗୁଡିକ ରାସ୍ତାରେ ପଡି ଫାଟି ଏଣେତେଣେ ପଡ଼ିଯାଇଥିଲା। ଫଳରେ ପ୍ରାୟ ଘଣ୍ଟାଏ ଧରି ରାସ୍ତାରେ ବଡ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ନିକଟରେ ଥିବା ନବମ ସ୍ୱତନ୍ତ୍ର ଇଣ୍ଡିଆ ଆଇଆରବିଏନ୍ ବାଟାଲିୟନ ଯବନାମାନେ ଘଟଣା ସ୍ଥଳରେ ପହଞ୍ଚି ଏହାକୁ ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ଦୁର୍ଘଟଣାରେ କେହି ମଧ ଆହାତ ହୋଇ ନ ଥିବା ଜଣାପଡିଛି। ମକା ବୋଝେଇ ଟ୍ରକ (ନଂ.ଓଡି୦୫ଏୟୁ–୬୭୨୩) ଅମରକୋଟରୁ କଟକକୁ ଯାଉଥିବା ଜଣାପଡିଛି। ଏ ନେଇ ଜୁନାଗଡ ଥାନାରେ ଟ୍ରକ ଚାଳକଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିବା ଜୁନାଗଡ ଥାନାଧିକାରୀ ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି।



ଦାଦନ ଚାଲାଣ ବେଳେ ଗିରଫ ୨ ଦଲାଲ ।

## ୨ ଦଲାଲ ଗିରଫ, ୭ ଦାଦନ ଉଦ୍ଧାର

**କେଗାଁ,୧୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ଦିନକୁ ଦିନ ଦାଦନ ଚଲାଣ ବଢି ଚାଲିଥିବା ବେଳେ ଗୁରୁବାର କେଗାଁ ଥାନା ଅଞ୍ଚଳରେ ଦାଦନ ଚଲାଣ ବେଳେ ପୋଲିସ ଚଢାଉ କରି ୨ ଜଣ ଦାଦନ ଦଲାଲଙ୍କୁ ଗିରଫ କରିଥିବା ବେଳେ ୭ ଜଣ ଦାଦନଙ୍କୁ ଉଦ୍ଧାର କରିଛି । ୭ ଜଣ ଦାଦନଙ୍କ ମଧ୍ୟରୁ ୪ ଜଣ ମହିଳା ଏବଂ ୩ ଜଣ ପୁରୁଷ ଥିବା ଜଣାପଡିଛି । ଗିରଫ ୨ ଜଣ ଦାଦନ ଦଲାଲ ହେଲେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ମାଲପଡା ଗ୍ରାମର ଲମ୍ବୋଦର ତିୱାରି ଓ କେଗାଁ ଥାନା ଲେଟେର ନିକଟ ବାଘମୁଣ୍ଡା ଗ୍ରାମର ଦେବସିଙ୍ଗ ପଣ୍ଡା । କୌଣସି ସୂତ୍ରରୁ ଖବର ପାଇ କଳାହାଣ୍ଡି ଏସପିଙ୍କ ନିର୍ଦ୍ଦେଶକ୍ରମେ କେଗାଁ ଥାନା ପକ୍ଷରୁ ଚହକା ଓ ସିଆଲଯୋଡି ଗ୍ରାମ ମଧରେ ଚଢାଉ କରି ଦାଦନ ଦଲାଣ ହେଉଥିବା ବେଳେ ୭ ଜଣ ଦାଦନଙ୍କୁ ଉଦ୍ଧାର କରିଥିବା ବେଳେ ୨ଜଣ ଦାଦନ ଦଲାଲଙ୍କୁ ପୋଲିସ ଗିରଫ କରିଛି । ଦୁଇ ଦଲାଲଙ୍କୁ ପୋଲିସ ଗିରଫ କରି କେଗାଁ ଥାନାରେ ଏକ ମାମଲା (ନଂ. ୧୪/୨୦) ରଜୁ କରି ଶୁକ୍ରବାର କୋର୍ଟ ଚଲାଣ କରାଯିବ ବୋଲି କେଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ସୁବକ୍ଷ ଚନ୍ଦ୍ର କୋରକୋର ସୂଚନା ଦେଇଛନ୍ତି।

## ଜଙ୍ଗଲରେ ନିଆଁଲିଭା ସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା,୧୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ.ରାମପୁର ଦକ୍ଷିଣ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରାଯାଇ ପାରିବ ସେ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥୁ.ରାମପୁର ରେଞ୍ଜର ପ୍ରଶାନ୍ତ ପାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧରକାରୀ ଶିବପ୍ରସାଦ ପାତ୍ର ମୁଖ୍ୟଅତିଥି ଓ ଫାୟାରମ୍ୟାନ୍ ରଞ୍ଜିତ ଖଣ୍ଡଗିରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲକୁ ନିଆଦାଉରୁ ରକ୍ଷା କରିବା ବିଷୟରେ ବୁଝାଇଥିଲେ। ଜଙ୍ଗଲ ସହ ଜଡିତ ଥିବା ଆଖପାଖ ଗାଁ ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏଥିରେ ଥୁ.ରାମପୁର ବନବିଭାଗ ଅଧୀନସ୍ଥ ଜାକେସପଦର, କୋଷାବରା, ବେନ୍ଧାଖୋଲା, ଧାମନଗୁଡା, ତୁକଗୁଡା, ତୁନାପାରି, ନିକେଶେଯାର, ଲୋହରାଯୋର, ମୁତାଚୁଆଁ, ଚିର୍କା, ଶିରିମସ୍କା, ନିଚେମସ୍କା ମଖାପଦର ବନସୁରକ୍ଷା ସମିତିର ସମସ୍ତ ସଭାପତି ଯୋଗଦେଇଥିଲେ। ବନରକ୍ଷୀ ରେବତୀକାନ୍ତ ନାଏକ ସଭା ପରିଚାଳନା କରିଥିଲେ। ବନବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବିଡିଓଙ୍କୁ ଭେଟିଲେ ବାଦ୍ ପଡ଼ିଥିବା ହିତାଧିକାରୀ

### ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା

**କର୍ଲାମୁଣ୍ଡା,୧୪।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଶୁକ୍ରବାର ସମସ୍ତ ଗ୍ରାମପଞ୍ଚାୟତରେ ଗ୍ରାମୀଣ ଆବାସ ପାଇଁ ପୂର୍ବରୁ ଦରଖାସ୍ତ କରିଥିବା ହିତାଧିକାରୀଙ୍କ ଯୋଗ୍ୟ ତାଲିକା ନୋଟିସ ବୋର୍ଡରେ ପ୍ରକାଶ ପାଇଚି। ଏହା ପରେ ତାଲିକାରୁ ବାଦ୍ ପଡିଥିବା ହିତାଧିକାରୀମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସ.ମାଲପଡା ଗ୍ରାମ ପଞ୍ଚାୟତରୁ ୧୦ରୁ ଊର୍ଦ୍ଧ୍ୱ ହିତାଧିକାରୀମାନେ ମାଟିଘରେ ଉହୁଥିଲେ ହେଁ ଯୋଗ୍ୟ ତାଲିକାରୁ ବାଦ ପଡିଥିବା ନେଇ ବିଡିଓଙ୍କଠାରେ ଅଭିଯୋଗ କରିଥିଲେ। ଏ ସମ୍ବନ୍ଧରେ ଜାଣିବା ପାଇଁ ବିଡିଓ କର୍ଲାମୁଣ୍ଡାଙ୍କୁ ପଚାରିବାରୁ ଯେଉଁମାନଙ୍କ ନାମ ତାଲିକାରୁ ବାଦ ପଡିଛି, ସେମାନଙ୍କ ଦରଖାସ୍ତ ଗ୍ରହଣ ପାଇଁ ଅଭିଯୋଗ ବାକ୍ସର ବ୍ୟବସ୍ଥା କରିଛୁ। ଦରଖାସ୍ତଗୁଡିକ ସଂଗ୍ରହ ହେବା ପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବୁ ବୋଲି କହିଥିଲେ। ଯୋଗ୍ୟ ହିତାଧିକାରୀମାନଙ୍କ ଘର ତଦନ୍ତ କରି ତାଲିକା ଭୁକ୍ତ କରାଯିବାକୁ ଦାବି ହେଉଛି।



ବିଡିଓଙ୍କୁ ଭେଟୁଛନ୍ତି ବାଦ୍‌ପଡ଼ିଥିବା ହିତାଧିକାରୀମାନେ ।

## ପୁଟିଗାଁ ଶୈବପୀଠରେ କବିତା ଆସର

**କର୍ଲାମୁଣ୍ଡା,୧୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୁଟିଗାଁ ଶୈବପୀଠରେ ଶୁକ୍ରବାର ସାହିତ୍ୟ ଓ ସଂସ୍କୃତି ସଂସଦ କର୍ଲାମୁଣ୍ଡା ପକ୍ଷରୁ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନ ସଭାପତି ଭାଗିରଥି ଷଡଙ୍ଗୀ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ପ୍ରଦୀପ କୁମାର ସାହୁ, ଅନୁଷ୍ଠାନ ସମ୍ପାଦକ ସଞ୍ଜୀବ କୁମାର ନାଗ, ମାନସ ରଞ୍ଜନ ବାଗ ପ୍ରମୁଖ ଯୋଗଦେଇ ପ୍ରଥମେ ପୁଲୱାମାରେ ଶହୀଦ ଯବାନମାନଙ୍କ ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ପରେ କବି ତପନ କୁମାର ସାହୁ, କୁଞ୍ଜବନ ସାହୁ, ଆନନ୍ଦ ବାଗ, ମିନକେତନ ସାହୁ, ମାନସ ବାଗ, ସଞ୍ଜୀବ ନାଗ, ଭାଗିରଥି ଷଡଙ୍ଗୀ, ପ୍ରଦୀପ କୁମାର ସାହୁ ପ୍ରମୁଖ ନିଜସ୍ୱ ରଚିତ କବିତା ପାଠ କରିଥିଲେ।

## ମୋରମ, ବାଲି ବୋଝେଇ ୧୧ ଟ୍ରାକ୍ଟର ଜବତ

**କଲମପୁର,୧୪।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ତହସିଲ ଅଧୀନ ବିଭିନ୍ନ ବାଲିଘାଟରୁ ଦୈନିକ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ବେଳେ ଶୁକ୍ରବାର ମଣ୍ଡଳ ଆରଆଇ ସର୍କଲ ଭଇଁରି ଭିରକାପଡା ଛକଠାରେ ଚଢ଼ାଉ କରି ୧୦ଟି ମୋରମ ବୋଝେଇ ଟ୍ରାକ୍ଟର ଏବଂ ଗୋଟାଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ସୂଚନା ଯେ, ମିନଗୁର ପଞ୍ଚାୟତ ଭଇଁରିଠାରୁ ମଣ୍ଡଳ ସର୍ଦ୍ଧାପଡା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ରାସ୍ତା କାମ ଚାଲୁଛି । ଏହି ରାସ୍ତା କାମ ପାଇଁ ଦୈନିକ ବେନିୟମ ଭାବେ ମୋରମ ଏବଂ ବାଲି ବୋଝେଇ ଚାଲାଣ କରି ଟ୍ରାକ୍ଟର ମାଲିକମାନେ ମାଲାମାଲ ହେଉଛନ୍ତି । ସରକାରଙ୍କୁ ରାଜସ୍ୱ ନ ଦେଇ ଦୈନିକ କାରବାର ଚଳାଇଛନ୍ତି । ମିନଗୁର ପଞ୍ଚାୟତ ଭେଲାଗାଁ ମୋରମ ଖୋଦାନଠାରୁ ଦୈନିକ ଶହ ଶହ ଟ୍ରାକ୍ଟର ବୋଝେଇ କରି ଚାଲାଣ କରୁଛନ୍ତି। କୌଣସି ସୂତ୍ରରୁ ଖବର ପାଇ ଶୁକ୍ରବାର କଲମପୁର ତହସିଲଦାର ବାଗ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ୧୧ଟି ଟ୍ରାକ୍ଟରକୁ ଜବତ କରିଛନ୍ତି । ଘଟଣା ସ୍ଥଳରେ ମଣ୍ଡଳ ଆରଆଇ ମୁକ୍ତକାନ୍ତ ଭୋଇ, ସୁପରଭାଇଜର ଚତୁର୍ଭୁଜ ନାଏକ, ଶୁଶିଲ ନାଏକ ପ୍ରମୁଖ ସାମିଲ ଥିଲେ । ଜବତ କରିଥିବା ଟ୍ରାକ୍ଟରକୁ ସିଜର ପ୍ରସ୍ତୁତ କରି ଅଟକ ରଖାଯାଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଜରିମାନା ଆଦାୟ କରିଥିବା ବିଷୟ ଜଣାପଡିନାହିଁ ।



ଜବତ କରାଯାଇଥିବା ଟ୍ରାକ୍ଟରଗୁଡ଼ିକ ।

## କେଡିସିଏ ଭବାନୀପାଟଣା ବିଜୟୀ

### ପ୍ରଥମ କଳାହାଣ୍ଡି ସିନିୟର ଆନ୍ତଃଜିଲା କ୍ରିକେଟ ଲିଗ୍ ଉଦ୍‌ଘାଟିତ

**ଭବାନୀପାଟଣା,୧୪।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କ୍ରୀଡ଼ାସଂସ୍ଥା ଅନୁକୂଲ୍ୟରେ ପ୍ରଥମ କଳାହାଣ୍ଡି ସିନିୟର ଆନ୍ତଃଜିଲା କ୍ରିକେଟ୍ ଲିଗ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ କେଡିସିଏ ଭବାନୀପାଟଣା ବନାମ ଏନ୍‌ଡିସିସି ଭବାନୀପାଟଣା ମଧରେ ଅନୁଷ୍ଠିତ ହୋଇଥିଲା। କେଡିସିଏ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୭ ଉଇକେଟ୍ ବିନିମୟରେ ୨୫୭ ରନ୍ କରିଥିଲେ। ଏହାର ଜବାବରେ ଏନ୍‌ଡିସିସି ବ୍ୟାଟିଂ କରି ୨୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୭୨ ରନ୍ କରିଥିଲା। କେଡିସିଏ ଭବାନୀପାଟଣା ୧୮୫ ରନ୍‌ରେ ବିଜୟୀ ହୋଇଥିଲା। ପ୍ରଭାତ କୁମାର ବ୍ରହ୍ମା ଓ ରମେଶ ସାହୁ ଖେଳ ପରିଚାଳନା କରିଥିଲେ। ଓସିଏ ଡିଜିଟାଲ ସ୍କୋରର୍ ଏସ୍‌କେ କୁତ୍‌ବୁଦ୍ଧିନ, ସ୍କୋରର୍ ଭାବେ ବିପ୍ଲବ ସିଂ, ମ୍ୟାଚ୍ ରେଫରି ଭାବେ ସାଜୁ ବାଲାନ, ସିନିୟର ସିଲେକ୍ଟର ଜିତେନ୍ଦ୍ର କୁମାର ପଟ୍ଟନାୟକ କାର୍ଯ୍ୟ ତୁଲାଇଥିଲେ। ଏହାକୁ ପୂର୍ବତନ ରଣଜି ଖେଳାଳି ଭାରତ ଭୂଷଣ ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରିଡା ସଂସ୍ଥା ସାଧାରଣ ସମ୍ପାଦକ ତଥା ଓଡିଶା ଆଥଲେଟିକ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସଂସ୍ଥା ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍ଥା ଯୁଗ୍ମ ସମ୍ପାଦକ ସୁନିଲ କୁମାର ବେହେରା ଓ କାଳୀ ପ୍ରସାଦ ପଟ୍ଟନାୟକ, ନିର୍ମଳ ସିଂ, ଅବଦୁଲ କାଦର ଖାଁ, ଚକ୍ରଧର ସେଠୀ, କ୍ରିକେଟ ସମ୍ପାଦକ ସନ୍ତ ସିଂ, ଧିରେନ୍ କୁମାର ପଟ୍ଟନାୟକ, ବରିଷ୍ଠ ସଭ୍ୟ ଭିକାରୀ ମିଶ୍ର, ଅଶୋକ ପଟ୍ଟନାୟକ, ବିପିନ ମିଶ୍ର, ବିସିସିଆଇ କ୍ୟୁରେଟର ପଙ୍କଜ କୁମାର ପଟ୍ଟନାୟକ, ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଗଣଧାରଣା ପ୍ରତ୍ୟାହାର

### ଅଣ୍ଡରବ୍ରିଜ ନିର୍ମାଣ ଦାବି ନେଇ ୨୪ ଦିନ ଧରି ଗଣଧାରଣା ଚାଲିଥିଲା

**କେସିଙ୍ଗା,୧୪।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ରେଳଫାଟକ ନିକଟରେ ଅଣ୍ଡର ବ୍ରିଜ ନିର୍ମାଣ ପାଇଁ ଚାଲିଥିବା ଗଣଧାରଣା ଶୁକ୍ରବାର ୨୪ ଦିନରେ ପହଞ୍ଚିଛି। କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଓ ତହସିଲଦାର ଗଣ୍ଡାରାମ ଖମାରୀ ଘଟଣାସ୍ଥଳେ ଶୁକ୍ରବାର ଅପରାହ୍ନରେ ପହଞ୍ଚିଥିଲେ। ରାଜ୍ୟ ସରକାରଙ୍କ ୱାକର୍ସ ଡିପାଟମେଣ୍ଟ ଚିଠି ନଂ. ୨୯୦୭/ ୧୪।୨।୨୦୨୦ ଆଦେଶ ମୁତାବକ କେସିଙ୍ଗାରେ ଅଣ୍ଡର ବ୍ରିଜ ନିର୍ମାଣ ପାଇଁ ଜିଲାପାଳଙ୍କୁ ଚିଠି ହସ୍ତଗତ ହୋଇଛି।

ଏହା ପରେ ଜିଲାପାଳ ଗଣଧାରଣାରଘଟଣାସ୍ଥଳରେ ପହଞ୍ଚି ରେଳ କ୍ରିୟାନୁଷ୍ଠାନ କମିଟି ସଭାପତି ଦେବେନ୍ଦ୍ର ଭୁଜବଲ ସମେତ କର୍ମକର୍ତ୍ତାଙ୍କ ଗହଣରେ ଆସନ୍ତା ୨୦ ଦିନ ମଧରେ ଅଣ୍ଡରବ୍ରିଜ ନିର୍ମାଣ ପାଇଁ ରାଜ୍ୟ ସରକାର ଏକ ଚିଠି ଆସିଛି । ତେଣୁ ଗଣଧାରଣାଙ୍କୁ ଓହରି ଯିବା ପାଇଁ ଅନୁରୋଧ କରିବା ପରେ ସମସ୍ତ କର୍ମକର୍ତ୍ତା ଗଣଧାରଣାକୁ ଓହରି ଯାଇଥିଲେ। ଏହି କମିଟି ସମସ୍ତ କର୍ମକର୍ତ୍ତା ଗଣାଧାରଣା ସ୍ଥଳରୁ ବୁଢ଼ାଡଙ୍ଗର ମନ୍ଦିରକୁ ଏକ ଶୋଭାଯାତ୍ରାରେ ଯାଇ ଗଣଧାରଣାରୁ ଓହରି ଯାଇଥିଲେ। ଏହି ଗଣଧାରଣାରେ ପୂର୍ବତନ ନଗରପାଳ ରାମଜୀ ମାତଖଣ୍ଡିଆ, ମଗନ ସିନ୍ଧୁର, ସୁରେଶ ରାଓ, ଟିକେମନ ଦୀପ, ଶଙ୍କର ଅଗ୍ରୱାଲ, ଏସଡିପିଓ ଗୁପ୍ତେଶ୍ୱର ଭୋଇ ପ୍ରମୁଖ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ ।



ଅଣ୍ଡରବ୍ରିଜ ନିର୍ମାଣର ଗଣଧାରଣାରେ ଜିଲାପାଳ ଓ ତହସିଲଦାର ।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ଜିଲା ପୋଲିସ କାର୍ଯ୍ୟାଳୟରେ ରକ୍ତଦାନ ଶିବିର

**ଭବାନୀପାଟଣା,୧୪।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କ ଆନୁକୂଲ୍ୟରେ ଜିଲା ପୋଲିସ କାର୍ଯ୍ୟାଳୟଠାରେ ଶୁକ୍ରବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। 'ମୋ ସରକାର' ଯୋଜନା ମାଧମରେ ହେଉଥିବା ଏହି ରକ୍ତ ଦାନ ଶିବିରକୁ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ବାତୁଲା ଗଙ୍ଗାଧର ଉଦ୍‌ଘାଟନ କରିଥିବା ବେଳେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ମହାନ୍ତ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଜଗୁଲାଲ ଅଗ୍ରୱାଲ, ରିଜର୍ଭ ଇନ୍ସପେକ୍ଟର ଏ ରାଓ, ଟାଉନ ଥାନା ଅଧିକାରୀ ସତ୍ୟ ନନ୍ଦ ସମେତ ବିଭିନ୍ନ ସଙ୍ଗଠନ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପୁଲୱାମା ଶହୀଦଙ୍କ ସ୍ମୃତିରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୧୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ଅବିନାଶ ଠାକୁର, ଡଃ ଦିବ୍ୟଜ୍ୟୋତି ପୃଷ୍ଟି, ରୋଜାଲିନ ପଣ୍ଡା, ପଞ୍ଚାନନ ଦାସ, ବିକାଶ ମୁଣ୍ଡ, ଗିରିସ ନାଏକ, ଶ୍ରାବଣୀ ନାଏକଙ୍କ ସମେତ ରକ୍ତ ଭଣ୍ଡାର କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ମା' ମାଣିକେଶ୍ୱରୀ ଅଟୋ ଚାଳକ ସଂଘ, ପୋଲିସ କର୍ମଚାରୀ, ସିଆରପିଏଫ୍ ଯବାନ, ଶୀଲ୍ପ ତାଲିମ ଅନୁଷ୍ଠାନ, ବିକଶ ଯୁକ୍ତ ୩ ମହାବିଦ୍ୟାଳୟ, ପ୍ରଗତି ମହାବିଦ୍ୟାଳୟ ପ୍ରମୁଖ ଅନୁଷ୍ଠାନ ସ୍ୱଚ୍ଛାସେବୀ ଯୋଗଦେଇଥିଲେ।

# ସରକାର ହଠାତ୍ ବନ୍ଦକଲେ ଧାନ ମଣ୍ଡି

**ନୂଆପଡ଼ା ଅଫିସ,୧୪।୨**

ନୂଆପଡା ଜିଲାର ହଜାର ହଜାର ଚାଷୀଙ୍କ ମୁଣ୍ଡରେ ପଡିଛି ଚଡକ। ଧାନ କିଣା ଅଟକି ଅଟକି ଥିବାବେଳେ ହଠାତ ଏହାକୁ ବନ୍ଦ କରିବାକୁ ଉପରୁ ନିର୍ଦ୍ଦେଶ ଆସିଛି। ମଣ୍ଡିରେ ଧାନ ରଖି ଚାଷୀ କିଂ କର୍ତବ୍ୟ ବିମୂଢ ହୋଇପଡିଛନ୍ତି । ଜିଲାରେ ୧୩ ଲକ୍ଷ କୁଇଣ୍ଟାଲ ଧାନ କିଣା ଟାର୍ଗେଟ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୨ ଲକ୍ଷ କୁଇଣ୍ଟାଲ ଧାନ କିଣି ମଣ୍ଡିକୁ ବନ୍ଦ କରି ଦିଆଯାଇଛି। ଅସନ୍ତୋଷ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ମୁଣ୍ଡ ପିଟି ଚିତ୍କାର କରୁଛନ୍ତି । ଜିଲାପାଳ ତନାଘନା ଉଦ୍ୟମ ଜାରି ରଖିଥିଲେ ମଧ୍ୟ କୌଣସି ରାସ୍ତା ଖୋଲୁନାହିଁ । ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, ଜିଲାରେ ଗତ ନଭେମ୍ବରରୁ ଧାନକିଣା ଆରମ୍ଭ ହୋଇଥିଲା। ପ୍ରଥମେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନଲାଇନରେ ଦିଆଯାଉଥିବା ଟୋକନକୁ ନେଇ ନାନାଦି ବିବାଦ ଉପୁଜିଥିବାରୁ ମାସେକାଳ ଏହା ଧିମେଇ ଯାଇଥିଲା । ଡିସେମ୍ବର ଗୋଟିଏ ମାସ କାଁଭାଁ ଧାନକିଣା ଯାଇଥିବାବେଳେ ଜାନୁୟାରୀରୁ ବାରମ୍ବାର ବର୍ଷାସାଙ୍ଗକୁ ମିଲର୍ସଙ୍କ ଲଗାମ ଛଡା କାମ ଯୋଗୁ ଧାନକିଣା ବାଧାପ୍ରାପ୍ତ ହୋଇଥିଲା। ଫଳରେ ଶତାଧିକ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠୁଳ ହୋଇଥିବା ଚାଷୀମାନେ।

- ମଣ୍ଡିରେ ପଡିଛି ୩୪ ହଜାର ବସ୍ତା
- ଜିଲାପାଳଙ୍କୁ ଭେଟିଲେ ଚାଷୀ

ସଂଖ୍ୟାରେ ଚାଷୀଙ୍କ ଟୋକନର ମିଆଦ ଶେଷ ହୋଇଯାଇଥିଲା । ବିଭାଗର ଚରମ ଅବହେଳା ଯୋଗୁ ଚାଷୀମାନେ ଦିନରାତି ଖରା ବର୍ଷାରେ ମଣ୍ଡିରେ ଧାନକୁ ଜଗି ରହିଥିଲେ । ବର୍ତ୍ତମାନ ମିଳିଥିବା ରିପୋର୍ଟ ଅନୁଯାୟୀ ଗୁରୁବାର ରାତିରେ କୁଆଡେ ଜିଲା ପ୍ରଶାସନକୁ ସୋସିଆଲ ଗଣମାଧ୍ୟମ ଜରିଆରେ ମଣ୍ଡିକୁ ବନ୍ଦ କରିବାକୁ ରାଜ୍ୟସ୍ତରୀୟ ବିଭାଗରୁ ନିର୍ଦ୍ଦେଶ ଆସିଥିଲା। ଏହାକୁ ଭିତ୍ତିକରି ଯୋଗାଣ ବିଭାଗ ଧାନ ନ କିଣିବାକୁ ନିର୍ଦ୍ଦେଶ କରିଥିଲେ। ମଣ୍ଡି ସବୁ ଏକ ପ୍ରକାର ନିଶ୍ଚଳ ହୋଇପଡିଛି । ଏହା ଜାଣିବା ପରେ ଚାଷୀମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡିଥିଲେ। ସ୍ଥାନୀୟ ସାରାବଙ୍ଗ, ସାହିପଲା, ଖରିଆରରୋଡ, ଗୋଡଫୁଲା, ଟାନୱାଟର ଚାଷୀମାନେ ଜଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟି ଦାବି ଜଣାଇଥିଲେ। ଜିଲାପାଳ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବାବେଳେ ବର୍ତ୍ତମାନ ଏହାର ପୋର୍ଟାଲ ବନ୍ଦ ହୋଇଛି। ଏହା ଉପରେ ସେ କିଛି କରିପାରିବେ ନାହିଁ ବୋଲି ଜଣାଇଦେଇଛନ୍ତି। ଅନ୍ୟପକ୍ଷେ ଏହା ଉପରେ ଗଣମାଧ୍ୟମ ନିକଟରେ ଜିଲାପାଳ ମୁହଁ ଖୋଲିନାହାନ୍ତି। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ଜିଲାର ୧୩ଟି ଏସଏଚଜି ମାଧ୍ୟମରେ ୧ ଲକ୍ଷ ୩୩ ହଜାର ୩୩୧.୯୯ କୁଇଣ୍ଟାଲ ଧାନ କିଣିଥିବାବେଳେ ୨୬ଟି ପ୍ୟାକ୍ସ ୧୦ ଲକ୍ଷ ୮୭ହଜାର ୨୮୯.୨୩ କୁଇଣ୍ଟାଲ ଧାନ କିଣି ଯାଇଛି। ବର୍ତ୍ତମାନ ମୋଟ ୩୧୨ଜଣ ଚାଷୀଙ୍କର୧୨ଗୋଟି ପ୍ୟାକ୍ସରେ ୩୪ ହଜାର ୯୨୦ବସ୍ତା ଧାନ ପଡିରହିଛି । ଏଥିରେ ୪୮ଜଣ ଟୋକନ ଧାରୀ, ଟୋକନ ଅକାମୀ ହୋଇଥିବା ୨୦୨ଜଣ ଚାଷୀ ଏବଂ ବିନା ଟୋକନ ଥିବା ୬୨ଜଣ ଚାଷୀ ରହିଛନ୍ତି । ଅନ୍ୟପଟେ ହଜାରେରୁ ଉର୍ଦ୍ଧ୍ୱ ଚାଷୀ ଘରେ ଧାନ କେବେ ମଣ୍ଡିକୁ ନେବେ ବୋଲି ଜଗି ରହିଛନ୍ତି । ଏଭଳି ପରିସ୍ଥିତିରେ ଜିଲାର ଧାନ କିଣା କେଉଁ ଦିଗକୁ ଯିବ ତାହା ଦେଖିବାକୁ ବାକି ରହିଲା ।

# ଭାଲେଣ୍ଟାଇନ୍ସ ଡେ'କୁ ବିରୋଧ, ଶହୀଦ ଦିବସ ପାଳନ

**ସିନାପାଲି,୧୪।୨ (ଡି.ଏନ.ଏ.)**

ଶୁକ୍ରବାର ଭାଲେଣ୍ଟାଇନ୍ସ ଡେ'କୁ ପ୍ରେମୀଯୁଗଳ ଉତ୍ସାହ ସହ ପାଳନ କରୁଥିବା ବେଳେ ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳର କାପସି ଗ୍ରାମର ଦିଲଦାର ଯୁବକ ସଂଘ ଏହାକୁ ବିରୋଧ କରିଛି। ପୁଲୱାମାରେ ଶହୀଦ ଯବାନଙ୍କୁ ମନେ ପକାଇବା ପାଇଁ ଶୁକ୍ରବାର ନିଆରା ଢଙ୍ଗରେ ଶହୀଦ ଦିବସ ପାଳନ କରିଛନ୍ତି । ସିନାପାଲି ରାସ୍ତାରେ ଏକ ବ୍ୟାନର ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବା ସହିତ ଶହୀଦ ଯବାନମାନଙ୍କ ସ୍ମୃତି ଚାରଣ କରିଥିଲେ। ସିନାପାଲିର ବିଭିନ୍ନ ଯୁବସଙ୍ଗଠନ ପକ୍ଷରୁ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ଏଥିରେ ସିନାପାଲିର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଯୁବଗୋଷ୍ଠୀ ସାମିଲ ହୋଇ ବୀର ଯବାନମାନଙ୍କ ସ୍ମୃତିଚାରଣ କରିଥିଲେ। ସେହିଭଳି ସିନାପାଲି ଭାଜପା ସମଲେଇ ମଣ୍ଡଳ, ବୁଢାଦେଓ ମଣ୍ଡଳ ଏବଂ ଉଦନ୍ତୀ ମଣ୍ଡଳ ପକ୍ଷରୁ ଶହୀଦ ଯବାନମାନଙ୍କ ସ୍ମୃତିଚାରଣ କରିବା ସହିତ ଆଜିର ଭାଲେଣ୍ଟାଇନ୍ସ ଡେ'କୁ ତୀବ୍ର ବିରୋଧ କରିବା ସହିତ ଦେଶ ପାଇଁ ବଳିଦାନ ଦେଇଥିବା ବୀର ଯବାନମାନଙ୍କ ପାଇଁ ଏହି ଦିବସ ପାଳନ ପାଇଁ ଲୋକଙ୍କୁ ସଚେତନ କରିଥିଲେ । ଜିଲା ସଭାପତି ସୁବ୍ରତ ଠାକୁରଙ୍କ ନେତୃତ୍ୱରେ ଏକ ବଳିଦାନ ଦିବସ ପାଳନ ଅବସରରେ ପୂର୍ବତନ ଜିଲା ସଭାପତି ଶିବପ୍ରସାଦ ମୁଣ୍ଡ, ପ୍ରେମସିନ୍ଧୁ ହେର୍ଣ୍ଣା, ରାତ୍ରାନନ୍ଦ ମନହିରା, ପ୍ରତାପ ଚନ୍ଦ୍ର ମେହେର, ନରହରି ହଂସ, ମାର୍କଣ୍ଡ ଗହୀର, ଅରିଗଂଜନ ଯୋଷୀ, ସତୀଶ ଯୋଷୀ, ପୁରୁତ୍ତମ ମଶ୍ରା, ଧର୍ମେନ୍ଦ୍ର ପୁରୋହିତ, ଭଗତରାମ ଖର୍ସେଲ, ନାରାୟଣ ସିଂ ବାବୁ, ପ୍ରତାପ କେଶରୀ ଗୁଆଲ, ଠାବସିଂ ବିଶି, କେଶବ ମାଝି, ମହାଦେବ ତାଣ୍ଡି, କୋଦଣ୍ଡ ରାଉତରାୟ, ଯୋଗେନ୍ଦ୍ର ମାଝିଙ୍କ ସହ ସିନାପାଲି ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଶତାଧିକ ଭାଜପା କର୍ମୀ ସାମିଲଥିଲେ।




ପୁଲୱାମା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ବାହାରିଥିବା ଶୋଭାଯାତ୍ରା।

# ଧବଳେଶ୍ୱର ପୀଠରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ତୁଣ୍ଡଲା, ୧୪।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡିର ସର୍ବପୁରାତନ ଶୈବପୀଠ ବା ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ୍, ମୁଣ୍ଡରାଗୁଡା କଳାହାଣ୍ଡି, ସେବା ସଙ୍ଗଠନ ପୌରକେଲା, ଦେଶପ୍ରେମୀ ଯୁବ ଶକ୍ତି ସଂସଦ ସିର୍ଜାପାଲି, ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି (ଭାରତ ସରକାରଙ୍କ ଯୁବ ବ୍ୟାପର ଓ କ୍ରୀଡା ମନ୍ତ୍ରଣାଳୟ), ଜିଲା ଜଳ ଓ ପରିମଳ ମିଶନ କଳାହାଣ୍ଡିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଭବସିନ୍ଧୁ ମଙ୍ଗରାଜ ଓ ସମ୍ମାନିତ ଅତିଥି ଭାବେ ପିବିବିଏମୟୁଏ ପୂର୍ବତନ ସଭାପତି ସଞ୍ଜୀବ କୁମାର ଠାକୁର, ସାମାଜିକ କର୍ମୀ ପ୍ରତାପ ବାଗ, ଜିଲା ଜଳ ଓ ପରିମଳ ମିଶନର ଜିଲା ସଂଯୋଜିକା ଅନାମିକା ପ୍ରଧାନ, ସାମାଜିକ କର୍ମୀ ଲକ୍ଷ୍ୟପତି ରଣା ସାମିଲ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଙ୍ଗଠନ ସମ୍ପାଦକ ପିବିବିଏମୟୁଏର ଅବିନାଶ ମୁଣ୍ଡ ଲକ୍ଷ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୁମନ୍ତ ଦଣ୍ଡସେନା ଅତିଥି ପରିଚୟ କରିଥିବା ବେଳେ ଭାଗିରଥି ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବର୍ଯ୍ୟବସ୍ତୁ ପରିଚାଳନା ସମ୍ବନ୍ଧେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିସରରେ ସଫେଇ କରାଯାଇଥିଲା । ଏଥିରେ ନେହେରୁ ଯୁବ କେନ୍ଦ୍ରର କ୍ଷୀରେନ୍ଦ୍ର ସାହୁ ଓ ପଦ୍ମାବତୀ ପୁଟେଲ ସଂଯୋଜନା କରିଥିବା ବେଳେ ମିଳନ ଭୋଇ, ନରେଶ ଭୋଇ, ହେମସାଗର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଯୋଗଦାନ କରି ସଫେଇ କରିଥିଲେ ।



ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସଫେଇ କରାଯାଉଛି ।



ପ୍ରଦର୍ଶନୀ ମେଳାକୁ ଅତିଥିମାନେ ପରିଦର୍ଶନ କରୁଛନ୍ତି।

# ପୋଲିସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହର୍ବାଲ୍ ପ୍ରଦର୍ଶନୀ

**ଭବାନୀପାଟଣା,୧୪।୨(ଡି.ଏନ.ଏ.)**

ସମ୍ପ୍ରତି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଆୟୁର୍ବେଦ ଚିକିତ୍ସାକୁ ଏକ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ବେଳେ ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଔଷଧୀୟ ବୃକ୍ଷଲତା ସମ୍ପର୍କରେ ପ୍ରଦର୍ଶନୀର ଆୟୋଜନ କରାଯାଉଛି। ଏହି କ୍ରମରେ ଗତ ଗୁରୁବାର ଭବାନୀପାଟଣା ପୋଲିସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଏକ ହର୍ବାଲ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଉତ୍ତର ବନଖଣ୍ଡ, ଖଣ୍ଡୀୟ ବନାଧିକାରୀ, ନୀତିଶ କୁମାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ବ୍ଲକ ଶିକ୍ଷାଧିକାରୀ ଜଗନ୍ନାଥ ପୁରୋହିତ ଓ ରିଜର୍ଭ ପୋଲିସ ଇନ୍ସପେକ୍ଟର ଏ. ବିଘ୍ନେଶ୍ୱର ରାଓ ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶନୀରେ ମୋଟ ୪୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ବିଦ୍ୟାଳୟ ଷଷ୍ଠ ଶ୍ରେଣୀର ଦୁର୍ବାସା ରଣା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଷଷ୍ଠ ଶ୍ରେଣୀର ରୁବି ହର୍‌ପାଲ ଦ୍ୱିତୀୟ ଏବଂ ଷଷ୍ଠ ଶ୍ରେଣୀର ସ୍ୱୟଂଶ୍ରୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିଗଣ ବିଦ୍ୟାଳୟର ପରିବେଶ, ବ୍ୟବସ୍ଥା ଓ ଛାତ୍ରୀଛାତ୍ରମାନଙ୍କ ନିୟମିତ ଉପସ୍ଥିତି ଅନୁଧ୍ୟାନ କରି ସନ୍ତୋଷ ପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ନୀଳାମ୍ବର ନାୟକ ଓ ଶିକ୍ଷୟିତ୍ରୀ ଲାବଣ୍ୟମୟୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଦର୍ଶନୀ ଚିତ୍ତାକର୍ଷକ ହୋଇପାରିଥିଲା।

# ପୁଲୱାମା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

**କର୍ଲାମୁଣ୍ଡା,୧୪।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦରଠାରେ ଶୁକ୍ରବାର ସନ୍ଧ୍ୟାରେ ପୁଲୱାମା ଶହୀଦ ଯବାନମାନଙ୍କ ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କର୍ଲାମୁଣ୍ଡା ଯୁବ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଦେବେନ୍ଦ୍ର ସାହୁ, ଜଗନ୍ନାଥ ଚୌଧୁରୀ, କୁଞ୍ଜ ସାହୁ, ମିନକେତନ ସାହୁ, ସଞ୍ଜୀବ ନାଗ, କାହ୍ନୁଚରଣ ସାହୁ, ଅଶୋକ ଶବର, ରଘୁରାଜ ସାହୁ, ଅକ୍ଷୟ ସାହୁ, ଧର୍ମେନ୍ଦ୍ର ଶବର, ଘନଶ୍ୟାମ ଜାନୀ, ଟିକେଧର ରଣା, ଡୋଳାମଣି ଭୋଇ, କୁଶ ପୁଟେଲ, ବାଲ୍ମିକି ଛତ୍ରିଆ, ପ୍ରଦିପ ମାଝି, ବବ୍ରୁ ବାହାନ ମିଶ୍ର, ଆକାଶ ସାହୁ ପ୍ରମୁଖ ସାମିଲ ହୋଇଥିଲେ । ସରସ୍ୱତୀ ଶିଶୁ ମନ୍ଦିର ଛକଠାରୁ ତହସିଲ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା ।



କର୍ଲାମୁଣ୍ଡାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା ।

# ପିଏମ୍ କିଷାନ ହିତାଧିକାରୀଙ୍କୁ ମିଳିବ କେସିସି କାର୍ଡ

**ନୂଆପଡ଼ା ଅଫିସ,୧୪।୨**

## ଚାଷୀଙ୍କୁ ସର୍ବନିମ୍ନ ସୁବିଧା ମିଳୁ: ଜିଲାପାଳ

ନୂଆପଡା ଭଳି କୃଷି ପ୍ରଧାନ ଜିଲାରେ ଚାଷୀଙ୍କୁ ସର୍ବନିମ୍ନ ସୁବିଧା ଦିଆଯିବା ପାଇଁ ଆମେ କାମ କରିବା । ଚାଷୀଙ୍କ ଉତଥାନ ହେଲେ ଜିଲାର ସାମାଜିକ ଏବଂ ଆର୍ଥିକ ସ୍ଥିତିରେ ସୁଧାର ଆସିପାରିବ। ଏଣିକି ଜିଲାର ସମସ୍ତ ପିଏମ କିଷାନ ଯୋଜନାରେ ସୁବିଧା ପାଉଥିବା ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ ଦିଆଯିବା ସହ ସବୁ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଜିଲାପାଳ ମଧୁସ୍ମିତ ସାହୁ କହିଛନ୍ତି। ସ୍ଥାନୀୟ ଜିଲାପାଳଙ୍କ ସଭାକକ୍ଷରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲାପାଳ ସାହୁ ଅଧ୍ୟକ୍ଷତା କରିଥିବାବେଳେ ନାବାର୍ଡ ଜିଲା ପରିଚାଳକ ସରୋଜ କୁମାର ମେହେର, ଉପନିବନ୍ଧକ ସମବାୟ ସମିତି ସମୂହ ସାନନ୍ଦ ସାହୁ, ସହକାରୀ ନିବନ୍ଧକ ଭିକାରୀ ଚରଣ ସେଠ, ସହକାରୀ କୃଷି ଅଧିକାରୀ ସୁଧାଂଶୁ କୁମାର ସାହୁଙ୍କ ସମେତ ସମସ୍ତ ବ୍ୟାଙ୍କ ପରିଚାଳକମାନେ ଯୋଗଦେଇଥିଲେ। କେନ୍ଦ୍ର ସରକାର ଏଣିକି ସମସ୍ତ ପିଏମ କିଷାନ ହିତାଧିକାରୀଙ୍କୁ କେସିସି ସହ ଯୋଡି ଆର୍ଥିକ ସୁବିଧା ଦେବାକୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଜିଲାରେ ମୋଟ ୭୨ ହଜାର ଚାଷୀ ଏହି ଯୋଜନାରେ ସାମିଲ ହେବେ। ଏଥିପାଇଁ ମିଶନ ମୋଡରେ ଆଗାମୀ ପନ୍ଦର ଦିନ ମଧ୍ୟରେ ଏହା କରାଯିବ। ଏଥିରେ ସମସ୍ତ ବ୍ୟାଙ୍କ କର୍ମଚାରୀ ପ୍ରତ୍ୟକ୍ଷ ଭାବେ ନିୟୋଜିତ ହୋଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ କରିଛନ୍ତି। ଜିଲାପାଳ ଏହି ଅବସରରେ ନିଷ୍କ୍ରିୟ କେସିସି କାର୍ଡ ଉପଭୋକ୍ତାମାନେ କେସିସିର ସକ୍ରିୟତା ଓ ନୂଆ ସୀମାର ମଞ୍ଜୁରୀ ପାଇଁ ବ୍ୟାଙ୍କ ଶାଖାକୁ ସମ୍ପର୍କ କରିବାକୁ ଆହ୍ୱାନ କରିଛନ୍ତି । ଯେଉଁମାନଙ୍କ ପାଖରେ କେସିସି ସେବା ନାହିଁ ସେମାନେ ନିଜ ଫସଲର ବିବରଣୀ ସହ ଜମି ରେକର୍ଡ ଆଣି ବ୍ୟାଙ୍କ ଶାଖା ସହ ସମ୍ପର୍କ କରି ନୂଆ ସୀମାର ମଞ୍ଜୁରୀ କରାନ୍ତୁ। ସେହିଭଳି ପ୍ରାଣୀ ପାଳନ ଏବଂ ମତ୍ସ୍ୟ ଚାଷ କରୁଥିବା ଚାଷୀମାନେ ମଧ୍ୟ ଏଥିରେ ସାମିଲ ହୋଇପାରିବେ ବୋଲି ସ୍ପଷ୍ଟ କରିଛନ୍ତି । ପରବର୍ତ୍ତି ସମୟରେ ଚାଷୀଙ୍କ ସ୍ଥିତିରେ ସୁଧାର ଆଣିବାକୁ ସବୁପ୍ରକାର ଚେଷ୍ଟା କରାଯିବ ବୋଲି ଜିଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

# ମା' ଭଣ୍ଡାର ମାଉଲି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସିନାପାଲି,୧୪।୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ୍ ଭରୁଆମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଚଚରାଭଟାଠାରେ ମା' ଭଣ୍ଡାର ମାଉଲି କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ କେନ୍ଦୁଗୁଡା ଓ ବାଗପଡା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ କେନ୍ଦୁଗୁଡା ଦଳ ବିଜୟ ଲାଭ କରିଥିଲା। କେନ୍ଦୁଗୁଡା ଦଳ ପ୍ରଥମେ ଟସ୍ ଜିତି ୧୨ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୯୫ ରନ୍ ସଂଗ୍ରହ କରିଥିଲା। ବାଗପଡା ଦଳ ୯ ଉଇକେଟ୍ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ଡିସମ୍ବର ଛତ୍ରିଆ ଓ ମନମୋହନ ମାଝି ଖେଳ ପରିଚାଳନା କରିଥିବା ବେଳେ ଯୁଧିଷ୍ଠିର ତାଣ୍ଡି ଓ ପ୍ରଦୀପ ତାଣ୍ଡି ଖେଳର ଧାରାବିବରଣୀ ପ୍ରଦାନ କରିବା ସହ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ସାମାଜିକ କର୍ମୀ ବିରଞ୍ଚି ଜଗତ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ସନ୍ତୋଷ କୁମାର ବାଗ, ମଙ୍ଗଳ ତାଣ୍ଡି, ବିଘ୍ନରାଜ ତାଣ୍ଡି, ସୋମନାଥ ମାଝି, ସାଏବ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ଗ୍ରାମାଞ୍ଚଳର ପ୍ରାୟ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଆସନ୍ତା ୨୨ ତାରିଖରେ ଫାଇନାଲ୍ ଖେଳ ହେବ ବୋଲି ପରିଚାଳନା କମିଟି ପକ୍ଷରୁ ଜଣାପଡିଛି ।



ଶୁକ୍ରବାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ କରାଯାଇଛି।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ଟିକ୍ରାପଡ଼ା,୧୪।୨(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଟିକ୍ରାପଡ଼ାସ୍ଥିତ ଶିଶୁ ସୈନିକ ବିଦ୍ୟାଳୟରେ ପୁଲୱାମା ଶହୀଦଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ ଏଥିରେ ଅଧକ୍ଷତା କରିଥିଲେ। ଦିଲୁ ବାଗ, ସୁରେନ୍ଦ୍ର ବଗର୍ତ୍ତା, ଦିଲୀପ ମିର୍ଦ୍ଧା, ଭାର୍ଗବୀ ରାଜପଲିଆ ପୁଲୱାମା ଶହୀଦଙ୍କ ବୀରତ୍ୱ ଉପରେ କହିଥିଲେ। ସଭା ପ୍ରାରମ୍ଭରେ ଶହୀଦଙ୍କ ସ୍ମୃତିରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ରସନ୍ତି ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ତ୍ରୀଙ୍କୁ ମାଡ଼ମାରି ଜେଲ ଗଲେ ସ୍ୱାମୀ

**ସମ୍ବଲପୁର,୧୪।୨(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ପୋଲିସ ସୋନପୁର ଜିଲା ସୁବଲୟାର ଶ୍ୟାମ ମୁଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ତ୍ରୀ ପଦ୍ମିନୀଙ୍କୁ ମାଡପିଟ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଛି। ପଦ୍ମିନୀଙ୍କ ଅଭିଯୋଗ କ୍ରମେ ଜାନୁୟାରୀ ୧୩ ତାରିଖ ରାତିରେ ସେ ନିଶାଦ୍ରବ୍ୟ ସେବନ କରି ମାଡପିଟ କରିଥିଲେ। ଫଳରେ ପଦ୍ମିନୀଙ୍କ ହାତ ଓ ମୁଣ୍ଡରେ ଆଘାତ ଲାଗିଥିଲା। ପରିବାର ବର୍ଗ ଖବର ପାଇ ପରଦିନ ଆହତ ଅବସ୍ଥାରେ ଆଣି ତାଙ୍କୁ ଚିକିତ୍ସା କରାଇ ଥିଲେ।

### ହାଇୱା-ମିନିଟ୍ରକ୍ ଧକ୍କାରେ ରାସ୍ତା ଜାମ୍

**ସମ୍ବଲପୁର,୧୪।୨(ବ୍ୟୁରୋ):** ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥର ଜାମଟାଲଠାରେ ଏକ ହାଇୱା ଓ ମିନିଟ୍ରକ (୪୦୭) ମଧ୍ୟରେ ଧକ୍କା ହୋଇ ଦୁର୍ଘଟଣା ଘଟିଛି। ଅଳ୍ପକେ ୨ ଗାଡିର ଡ୍ରାଇଭର ବର୍ତ୍ତିଯାଇଛନ୍ତି। ହେଲେ ମଝି ରାସ୍ତାରେ ଦୁଘଟଣାଗ୍ରସ୍ତ ଗାଡି ଅଟକି ରହିଥିବାରୁ ଯାତାୟତ ଠପ୍ ହୋଇଯାଇଥିଲା। ପରେ ସ୍ଥାନୀୟ ଲୋକ ଓ ପୋଲିସ ପହଞ୍ଚି ହାଇଡ୍ରା ସହଯ୍ୟରେ ଗାଡିକୁ ହଟାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଘଟଣା ସ୍ଥଳରୁ ହାଇୱା ଡ୍ରାଇଭର ଫେରାର ହୋଇଯାଇଥିଲେ।

### କାଜୁ ଗଛ କାଟି ନେଲେ ଦୁର୍ବୃତ୍ତ

**ରେଙ୍ଗାଲି,୧୪।୨(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବନ ବିଭାଗ ନାକ ତଳୁ ବିନା ଅନୁମତି ଏବଂ ବେଆଇନ ଭାବରେ ଦିନ ଦି ପହରରେ କାଜୁ ଗଛ କାଟି ପଳାଇଲେ ଦୁର୍ବୃତ୍ତ। ଖବର ପାଇ ବନ ବିଭାଗ କେବଳ ଏକ ମାମଲା କରିଛି। ହେଲେ ତଦନ୍ତ ଜାରି ରଖି ଚୁପ୍ ହୋଇ ବସିଛି। ସାଧାରଣ ନିଜ ଘରେ ଥିବା ଗଛଟିଏ କାଟିବାକୁ ବନ ବିଭାଗର ଅନୁମତି ଲାଗଛି। ହେଲେ ରେଙ୍ଗାଲି ରେଞ୍ଜରୁ ମାତ୍ର ୨ରୁ ୩ କି.ମି. ଦୂରରେ ତଥା ବିଜୁ ଏକ୍ସପ୍ରେସୱେରୁ ୫୦୦ ମିଟର ଦୂରରେ ଥିବା ରାମାପଡା ରାସ୍ତା ପାର୍ଶ୍ୱରୁ ପ୍ରାୟ ୩୦ରୁ ୪୦ଟି କାଜୁ ଗଛ କେମିତି କଟିଲା, କିଏ କାଟିଲା ଏବଂ ଗଛ କୁଆଡେ ଗଲା ତାହା ପ୍ରଶ୍ନ ସୃଷ୍ଟି କରିଛି। ଏ ବିଷୟରେ ରେଙ୍ଗାଲି ରେଞ୍ଜର ହରିହର ପାତ୍ରଙ୍କୁ ପଚାରିବାରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଖୁବ ଶୀଘ୍ର ଦୋଷୀଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ମାଟ୍ରିକ ପରୀକ୍ଷା ପରିଚାଳନା ବୈଠକ

**ବଲାଙ୍ଗୀର ଅଫିସ, ୧୪।୨**

- ସ୍ୱଚ୍ଛ ପରୀକ୍ଷା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ଗଠନ
- ଜିଲାରେ ୧୫୪ ମାଟ୍ରିକ ପରୀକ୍ଷା କେନ୍ଦ୍ର
- ପରୀକ୍ଷା ଦେବେ ୨୪,୪୫୪ ପରୀକ୍ଷାର୍ଥୀ

ଚଳିତ ମାସ ୧୯ ତାରିଖରେ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ବଲାଙ୍ଗୀର ଜିଲାରେ ମାଟ୍ରିକ ପରୀକ୍ଷା ସୁପରିଚାଳନା ନିମନ୍ତେ ଜିଲା ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଥାନୀୟ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ଅଧକ୍ଷତାରେ ଶୁକ୍ରବାର ମାଟ୍ରିକ୍ ପରୀକ୍ଷା ପରିଚାଳନା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାର ମାଟ୍ରିକ ପରୀକ୍ଷା କେନ୍ଦ୍ର ପରିଚାଳକ ଯୋଗ ଦେଇଥିଲେ। ବୈଠକରେ ଜିଲା ଶିକ୍ଷା ଅଧିକାରୀ ବେହେରା ଜିଲାରେ ମାଟ୍ରିକ ପରୀକ୍ଷା ସୁଚାରୁରୂପେ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। କପି ରୋକିବା ପାଇଁ ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗର ମିଳିତ ସହଯୋଗରେ ତ୍ରିସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଥିବା ସୂଚନା ଦିଆଯାଇଥିଲା। ପରୀକ୍ଷା ସୁପରିଚାଳନାରେ ସମସ୍ତ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ସହଯୋଗ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଯେଉଁ ବିଦ୍ୟାଳୟରେ କପି ବା ଅସତ୍‌ଉପାୟ ଅବଲମ୍ବନ କରାଯିବ ସେହି ବିଦ୍ୟାଳୟର ପରୀକ୍ଷା ପାଇଁ ସୁପରିଣ୍ଟେଣ୍ଡେଣ୍ଟ ଦାୟୀ ରହିବେ ବୋଲି ଚେତାଇ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ପଟେଲ ଯୋଗଦେଇ ଜିଲାର ସମସ୍ତ ପରୀକ୍ଷା କେନ୍ଦ୍ରକୁ ସୁରକ୍ଷା ଯୋଗାଇ ଦେବେ ବୋଲି କହିଥିଲେ। ସୁରୁଖୁରୁରେ ଯେଭଳି ପରୀକ୍ଷା ହେବ ସେନେଇ ବ୍ୟବସ୍ଥା କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଚଳିତବର୍ଷ ବଲାଙ୍ଗୀର ଜିଲାରେ ୧୫୪ଟି ପରୀକ୍ଷା କେନ୍ଦ୍ରରେ ୨୩ ହଜାର ୩୦୮ ରେଗୁଲାର ପରୀକ୍ଷାର୍ଥୀ ଓ ୧୧୪୬ ଏକ୍ସରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଜିଲାରେ ମୋଟ ୨୪ ହଜାର ୪୫୪ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ମଧ୍ୟମା ସଂସ୍କୃତ ପରୀକ୍ଷା ୩ଟି କେନ୍ଦ୍ର ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ, ବଙ୍ଗୋମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଓ ପାଟଣାଗଡ ରମାଇ ହାଇସ୍କୁଲରେ ୧୨୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଠ୍ୟକ୍ରମର ୩ଟି ପରୀକ୍ଷା କେନ୍ଦ୍ର ବଲାଙ୍ଗୀର ଟାଉନ ଉଚ୍ଚ ବିଦ୍ୟାଳୟ, କଅଁସିଲ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଓ ଯୋଗୀମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ସମୁଦାୟ ୨୦୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପତ୍ର ବିନିମୟ ପାଠ୍ୟକ୍ରମରେ ୧୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ବୈଠକରେ ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ସଂଯୋଜନା କରିଥିଲେ। ଶେଷରେ ଜିଲା କ୍ରୀଡ଼ା ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡା ଧନ୍ୟବାଦ ଜ୍ଞାପନ କରିଥିଲେ।



ବଲାଙ୍ଗୀର ଜିଲା ମାଟ୍ରିକ୍ ପରୀକ୍ଷା ପରିଚାଳନା ବୈଠକରେ ଉପସ୍ଥିତ ପରୀକ୍ଷା ପରିଚାଳକ ଓ ଶିକ୍ଷା ଅଧିକାରୀମାନେ।

## ପୋଖରୀରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

**ବିନିକା,୧୪।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଧୀନ ଚରଦା ଗ୍ରାମ ରାଣୀକଣ୍ଟା ପୋଖରୀରେ ଶୁକ୍ରବାର ଏକ ଅଘଟଣ ଘଟିଛି। ପୋଖରୀକୁ ପଦ୍ମଫୁଲ ତୋଳିବାକୁ ଯାଇ ପାଣିରେ ବୁଡି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରିୟଙ୍କା ଥନାପତି(୨୩)। ଏନେଇ ଗାଁରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ, ଶୁକ୍ରବାର ସକାଳ ପ୍ରାୟ ୬ଟାରେ ପ୍ରିୟଙ୍କା ରାଣୀକଣ୍ଟା ପୋଖରୀକୁ ପଦ୍ମଫୁଲ ତୋଳିବାକୁ ଯାଇଥିଲେ। ହେଲେ ସେ ପଦ୍ମଫୁଲ ତୋଳୁଥିବା ବେଳେ ପଦ୍ମନାଡରେ ଛନ୍ଦି ହୋଇ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ଏହାଜାଣି ତାଙ୍କୁ ଖୋଜାଖୋଜି କରି ପୋଖରୀରୁ ଉଦ୍ଧାର କରିଥିଲେ। ଏନେଇ ବିନିକା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ବିନିକା ଅଗ୍ନିଶମ ବାହିନୀ ପହଞ୍ଚି ପ୍ରିୟଙ୍କାଙ୍କୁ ବିନିକା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିନିକା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ବିନିକା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ଭାଲେଣ୍ଟାଇନ୍ସ ଡେ'ରେ ରକ୍ତଦାନ ଶିବିର

**ସୋନପୁର,୧୪।୨(ନି.ପ୍ର.)**

ଫେବୃୟାରୀ ୧୪ ଭାଲେଣ୍ଟାଇନ୍ସ ଡେ। ଏହି ଦିବସକୁ ଯୁବଗୋଷ୍ଠୀ ମନଭରି ଉପଭୋଗ କରିଥିଲେ। ଚକୋଲେଟ୍ ଦୋକାନ, କାର୍ଡ, ଫୁଲ ଓ ଗିଫ୍ଟ କର୍ଣ୍ଣରରେ ପ୍ରେମୀ ଯୁଗଳଙ୍କ ବେଶ ଭିଡ ଜମିଥିଲା। ତେବେ ସୋନପୁରର ବୁଢାରାଜା ଯୁବକ ସଂଘର କର୍ମକର୍ତ୍ତାମାନେ ମାତୃ ଶକ୍ତିକୁ ସମ୍ମାନ ଜଣାଇ ଏହି ଦିବସକୁ ଏକ ନିଆରା ଢଙ୍ଗରେ ପାଳନ କରିଥିଲେ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ଦିବସକୁ ସ୍ମରଣୀୟ ରଖିବା ପାଇଁ ଶୁକ୍ରବାର ଅଷ୍ଟମ ବାର୍ଷିକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ନେହେରୁ ଯୁବକେନ୍ଦ୍ର ଏଥିରେ ସହଯୋଗ କରିଥିଲା। ଶିବିରରେ ମୋଟ ୭୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବୁଢାରାଜା ଛକ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜନମୁରା ସରପଞ୍ଚ ତଥା ଜିଲା ସରପଞ୍ଚ ସଂଘର ସମ୍ପାଦକ ଅରବିନ୍ଦ ବାରିକ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଅଧ୍ୟାପକ ଉମାକାନ୍ତ ନାଗ, ଜଗନ୍ନାଥ ତ୍ରିପାଠୀ, ନେହେରୁ ଯୁବକେନ୍ଦ୍ରର ଓଆଇସି ଏ.ଭି ନରସିଂହ କୁମାର ଟଟିକାଣ୍ଡେ ଓ ବିପିନ ବିହାରୀ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଯୁବ ବର୍ଗଙ୍କ ଏଭଳି କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ। ଯୁବକ ସଂଘର ସଭାପତି ଶିବ ଶଙ୍କର ନାଏକ, ସମ୍ପାଦକ ତାପସ କୁମାର ବେଉରିଆ, ଜିତେନ୍ଦ୍ର ଦାସ, ଅରବିନ୍ଦ କୁମାର ଝା, ଦିବ୍ୟରଞ୍ଜନ ସାହୁ, ଶୈଳେନ୍ଦ୍ର ବାରିକ ଓ ଉମା ଶଙ୍କର ନାଏକ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ବୁର୍ଲାସ୍ଥିତ ଭୀମସାର ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ହିମାଂଶୁ ଭୂଷଣ ନାୟକଙ୍କ ନେତୃତ୍ୱରେ କାଉନସେଲର ମଣ୍ଟୁ ପ୍ରଧାନ, ଟେକ୍ନିସିଆନ ରବିନାରାୟଣ ରାଉତ, ଦେବାଶିଷ ବିଶି, ଉମାକାନ୍ତ ଭୋଇ ଓ ପାଇନୁ ଭୋଇ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।




ଯୁବକମାନେ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି।

## ୭ କେନ୍ଦ୍ରରେ ପରୀକ୍ଷା ଦେବେ ୧୩୧୬ ଛାତ୍ରୀଛାତ୍ର

**୧୯ରେ ମାଟ୍ରିକ ପରୀକ୍ଷା**

**ଉଲୁଣ୍ଡା୧୪।୨(ଡି.ଏନ.ଏ.)**

ଆସନ୍ତା ୧୯ରୁ ମାଟ୍ରିକ ବୋର୍ଡ ପରୀକ୍ଷା। ଏନେଇ ସମସ୍ତ ପରୀକ୍ଷା କେନ୍ଦ୍ରରେ ପ୍ରସ୍ତୁତି ଶେଷ ହୋଇଛି। ସୂଚନା ମୁତାବକ, ଚଳିତ ବର୍ଷ ଉଲୁଣ୍ଡା ବ୍ଲକରେ ୭ଟି କେନ୍ଦ୍ରରେ ପରୀକ୍ଷା ହେବ। ଉଲୁଣ୍ଡା ସଦର କେନ୍ଦ୍ରରେ ୨୬୬ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବାନେଇ ଚୂଡାନ୍ତ ହୋଇଥିବା ବେଳେ ଏକ୍ସରେଗୁଲାରରେ ୧୭ଜଣ ଛାତ୍ରୀଛାତ୍ରୀ ପରୀକ୍ଷା ଦେବାନେଇ ଜଣାପଡିଛି। ସେହିପରି ସିଣ୍ଡୋଲ କେନ୍ଦ୍ରରେ ୧୫୫ ରେଗୁଲାର ଏବଂ ୩୮ ଏକ୍ସରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବାନେଇ ସୂଚନା ମିଳିଥିବା ବେଳେ ଜାଲୋଏ କେନ୍ଦ୍ରରେ ୧୩୯ ରେଗୁଲାର ଏବଂ ୮ ଏକ୍ସରେଗୁଲାର, ପଞ୍ଚମହଲା କେନ୍ଦ୍ରରେ ୯୬ ରେଗୁଲାର ଏବଂ ୧୦ ଏକ୍ସରେଗୁଲାର, କୋଟସମଲାଇ କେନ୍ଦ୍ରରେ ୧୫୭ ରେଗୁଲାର ଏବଂ ୧୨ ଏକ୍ସରେଗୁଲାର, କଳାପଥର କେନ୍ଦ୍ରରେ ୨୧୬ ରେଗୁଲାର ଏବଂ ୨୨ ଏକ୍ସରେଗୁଲାର, ଧର୍ମଶାଳା କେନ୍ଦ୍ରରେ ୧୭୧ ରେଗୁଲାର ଏବଂ ୯ ଏକ୍ସରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜଣାପଡିଛି। ବ୍ଲକର ୭ଟି କେନ୍ଦ୍ରରୁ ଉଲୁଣ୍ଡା ସଦରରେ ସିସିଟିଭି ଲାଗିଛି। ପରୀକ୍ଷାକୁ କିପରି ଶାନ୍ତି ଶୃଙ୍ଖଳା ସହିତ ସମ୍ପନ୍ନ ହେବ ସେନେଇ ଚେଷ୍ଟା ଜାରି ରହିଥିବା ନୋଡାଲ ଅଫିସର ଦେବରାଜ ସାହୁ ପ୍ରକାଶ କରିଛନ୍ତି। ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଉଲୁଣ୍ଡା ନୋଡାଲ ହାଇସ୍କୁଲକୁ ପହଞ୍ଚି ସାରିଛି। ଅନ୍ୟପକ୍ଷେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଛି।

# ଠକ ଗିରଫ, ସୁନା ଅଳଙ୍କାର ଜବତ

## ପୂଜା ଆଳରେ ଠକି ନେଇଥିଲେ ଟଙ୍କା, ଅଳଙ୍କାର

**ସୋନପୁର,୧୪।୨(ନି.ପ୍ର.)**

ସୁବର୍ଣ୍ଣପୁର ଟାଉନ ପୋଲିସକୁ ଏକ ବଡ ସଫଳତା ମିଳିଛି। ବଲାଙ୍ଗୀର ଜିଲା ଲୋଇସିଂହା ଥାନା କେନ୍ଦୁମୁଣ୍ଡି ଗ୍ରାମର ଠକ ପ୍ରଦୀପ ନାଏକ(୩୯)ଙ୍କୁ ଗୁରୁବାର ରାତିରେ ପୋଲିସ ଗିରଫ କରିଛି। ପୋଲିସ ତାଙ୍କ ନିକଟରୁ ୪୫ ଗ୍ରାମ ଓଜନର ୪ଟି ସୁନା ହାର ଓ ୧୫ ଗ୍ରାମ ଓଜନର ୪ଟି କାନ ରିଙ୍ଗ ଜବତ କରିଛି। ଶୁକ୍ରବାର ପ୍ରଦୀପଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରଦୀପ ଗତ ଜାନୁୟାରୀ ୧ ତାରିଖରେ ପୂଜା କରିବା ବାହାନାରେ ସୋନପୁର ଥାନା ହରଡଖୋଲ ଗ୍ରାମର ଶୁକଦେବ କର୍ଣ୍ଣ(୩୯)ଙ୍କ ଠାରୁ ୬ ଭରି ସୁନା ଅଳଙ୍କାର ଓ ନଗଦ ୧ ଲକ୍ଷ ୨୦ ହଜାର ଟଙ୍କା ଠକି ନେଇଥିଲେ। ଏନେଇ ଶୁକଦେବ ଫେବୃଆରୀ ୪ ତାରିଖରେ ସୋନପୁର ଥାନାରେ ଅଭିଯୋଗ କରିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ଜିଲା ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଠକେଇ ଓ ଅଳଙ୍କାର ଉଦ୍ଧାର ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଦୀପ ଏକ ଠକ। ଶୁକଦେବଙ୍କର ରିଷ୍ଟ ଅଛି। ରିଷ୍ଟ ଖଣ୍ଡନ ନ କଲେ ପରିବାର ଲୋକଙ୍କ ମୃତ୍ୟୁ ଘଟିବ। ଏଭଳି କହି ପ୍ରଦୀପ ହରଡଖୋଲର ଶୁକଦେବଙ୍କ ମନରେ ଭୟ ସୃଷ୍ଟି କରିଥିଲେ। ପ୍ରତିକାର ପାଇଁ ସ୍ୱତନ୍ତ୍ର ପୂଜା ଆବଶ୍ୟକ। ଏନେଇ ୬ ଭରି ସ୍ୱର୍ଣ୍ଣ ଅଳଙ୍କାର ଓ ୧ଲକ୍ଷ ୨୦ ହଜାର ଟଙ୍କା ଲୋଡା ବୋଲି କହି ସେ ବିଶ୍ୱାସ ଜନ୍ମାଇ ଥିଲେ। ଶୁକଦେବ ଗ୍ରାମର ଲୋକଙ୍କଠାରୁ ଟଙ୍କା ଓ ଅଳଙ୍କାର ମାଗି ଆଣି ପୂଜା କରିବା ପାଇଁ ଦେଇଥିଲେ। ରାମେଶ୍ୱର ଶୈବ ପୀଠରେ ପୂଜା ପାଇଁ ନିଷ୍ପତ୍ତି ହୋଇଥିଲା। ଏହାରି ସୁଯୋଗ ନେଇ ପ୍ରଦୀପ ଟଙ୍କା ଓ ଅଳଙ୍କାର ନେଇ ଫେରାର ହୋଇଯାଇଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପି ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋନପୁର ଆଇଆଇସି ଲୋକେଶ ସାହୁ, ଏସ୍‌ଆଇ ସୁବ୍ରତ କୁମାର ପାଣିଗ୍ରାହୀ, ଅବିନାଶ ପଧାନ ଓ ଏଏସଆଇ ସଞ୍ଜୀବ କୁମାର ବସ୍ତିଆଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା।



ଏସ୍‌ପି ଦେବୀପ୍ରସାଦ ଦାଶ ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି।

## ଉଲୁଣ୍ଡା ବିଡିଓଙ୍କୁ ମାଡ଼ ଅଭିଯୋଗ: ଥାନାରେ ଏତଲା

**ଉଲୁଣ୍ଡା,୧୪।୨(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ପଶି ଜଣେ ଯୁବକ ବିଡିଓ ନିଳାମ୍ବର ମହାନନ୍ଦଙ୍କୁ ମାଡ ମାରିଥିବା ନେଇ ଉଲୁଣ୍ଡା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୫/୨୦)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଅପରାହ୍ନ ପ୍ରାୟ ୩ଟା ବେଳେ ବିଡିଓ ମହାନନ୍ଦ ସଭାଗୃହରେ ବସିଥିଲେ। ସେତିକିବେଳେ ସିନ୍ଦ୍ରିଆବାହାଲ ଗ୍ରାମର ମନୋରଞ୍ଜନ ପଧାନ ନାମକ ଜଣେ ଯୁବକ ସଭାଗୃହକୁ ପଶି ଆସି ବିଡିଓଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି ମନୋରଞ୍ଜନ ଉତ୍କ୍ଷିପ୍ତ ହୋଇ ବିଡିଓଙ୍କୁ ମାଡ ମାରିଥିଲେ। ଏନେଇ ବିଡିଓ ମହାନନ୍ଦ ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ବେଳେ ଯୁବକଙ୍କୁ ଗିରଫ କରି ନ ଥିବା ଜଣାପଡିଛି।

## ପୁଲୱାମା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି: କ୍ୟାଣ୍ଡେଲ ଶୋଭାଯାତ୍ରା

**ବେଲପଡ଼ା,୧୪।୨(ଡି.ଏନ୍.ଏ.)**

ପୁଲୱାମା ଶହୀଦ ଯବାନଙ୍କୁ ଶୁକ୍ରବାର ବଲାଙ୍ଗୀର ଜିଲା ବେଲପଡ଼ାର ଯୁବକମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ବେଲପଡ଼ାର ବିଭିନ୍ନ ସାହିର ଯୁବକମାନେ ସ୍ଥାନୀୟ ତାରିଣୀ ମନ୍ଦିରରେ ଏକାଠି ହୋଇ ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ପରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରାଦେଇ ବେଲପଡ଼ା ସହର ପରିକ୍ରମା କରିଥିଲେ। ଏପରି କି ବେଲପଡ଼ା ଶିବ ମନ୍ଦିରରେ ମଧ୍ୟ ଶହୀଦନ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବେଲପଡ଼ାର ଜିତୁ ନାଏକ, ଦିଲ୍ଲୀପ ଦନ୍ତା, ଭାଗବତ ଦନ୍ତା, ଅନୀଲ ପୁଟେଲ, ଆଶିଷ ସେଠ, ସଚି ମେହେର, ଜଗଦିଶ ବଘାର, ତରୁଣ ନାଏକ, ରବି ନାଏକ, ଚନ୍ଦନ ନାଏକ, ମେଘନାଦ ସାହୁଙ୍କ ସମେତ ଶତାଧିକ ଯୁବକ ସାମିଲ ହୋଇଥିଲେ।



କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରିଥିବା ଯୁବକମାନେ।

## ବ୍ଲୁଡାଇମଣ୍ଡ ବରଗଡ଼, ପ୍ରୋଗ୍ରେସିଭ ଝାରସୁଗୁଡ଼ା ବିଜୟୀ

**ସୋନପୁର,୧୪।୨(ନି.ପ୍ର.)**

**ଭଗବତୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ**

ସୋନପୁର ଗାନ୍ଧୀ ପଡ଼ିଆରେ ଚାଲିଥିବା ୧୦ମ ଭଗବତୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ଦିବସ ମ୍ୟାଚ୍ ୟଙ୍ଗ୍ ଷ୍ଟାର କ୍ରିକେଟ୍ ଭୁବନେଶ୍ୱର ଓ ବ୍ଲୁଡାଇମଣ୍ଡ କ୍ରିକେଟ୍ କ୍ଲବ ବରଗଡ଼ ମଧ୍ୟରେ ହୋଇଥିଲା। ୟଙ୍ଗ ଷ୍ଟାର ଦଳ ଟସ୍ ଜିତ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ୍ କୁମାର ୫୧, ଅମିତ କୁମାର ୨୩ ଓ ବିଶ୍ୱଜିତ ମହାନ୍ତି ୧୨ ରନ୍ ସଂଗ୍ରହ କରିଥିଲେ। ବରଗଡ଼ ପକ୍ଷରୁ ସୁମିତ ରାୟ ୪ଟି ଓ ମୁନା ଭରାସାଗର ୨ଟି ଉଇକେଟ ଅକ୍ତିୟାର କରିଥିଲେ। ଜବାବରେ ବରଗଡ଼ ଦଳ ଲୋକନାଥ ମହାପାତ୍ରଙ୍କ ୨୬ ରନ୍, ସୁମିତ ରାୟଙ୍କ ୨୩ ରନ୍ ଓ ରାକେଶ ସିଂହଙ୍କ ୨୧ ରନ୍ ସହାୟତାରେ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଭୁବନେଶ୍ୱର ପକ୍ଷରୁ ମନୋଜ କୁମାର ବେହେରା ୩ଟି, ତୃପ୍ତି ରଞ୍ଜନ ସ୍ୱାଇଁ ଓ ବିଶ୍ୱଜିତ୍ ମହାନ୍ତି ଗୋଟିଏ ଲେଖାଏଁ ଉଇକେଟ୍ ଅକ୍ତିୟାର କରିଥିଲେ। ବରଗଡ ୨ ଉଇକେଟ୍‌ରେ ବିଜୟୀ ହୋଇଥିଲା। ବରଗଡର ଶୁଭମ୍ କୁମାରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍ ପ୍ରୋଗ୍ରେସିଭ ଆସୋସିଏଶନ ଝାରସୁଗୁଡ଼ା ଏବଂ ଜେ.କେ. ସ୍ପୋର୍ଟିଂ ରାୟଗଡ଼ା ମଧ୍ୟରେ ହୋଇଥିଲା। ଝାରସୁଗଡ଼ା ଦଳ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜେ କେ ସ୍ପୋର୍ଟିଂ ୧୯ ଓଭରରେ ୧୦ ଉଇକେଟ୍ ହରାଇ ୧୨୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ହେପି ମହାପାତ୍ର ୨୯, ବର୍ମା ୨୩ ଓ ମାଇକେଲ ରମେଶ ୧୬ ରନ୍ ସଂଗ୍ରହ କରିଥିଲେ। ଝାରସୁଗୁଡ଼ାର ପ୍ରତୀକ ଯାଦବ ୩ଟି, ପୁସ୍କର ରାଜ ୩ଟି ଓ ନବୀନ ସିଂହ ୧ଟି ଉଇକେଟ ଅକ୍ତିୟାର କରିଥିଲେ। ଜବାବରେ ଝାରସୁଗଡ଼ା ଦଳ ରୋଚନ ପ୍ରସାଦଙ୍କ ୫୦ ରନ୍, ସଚ୍ଚିନ ଶ୍ରେଷ୍ଠଙ୍କ ୨୪ ଓ କେଶବ ସିଂହଙ୍କ ୧୯ ରନ ସହାୟତାରେ ୧୨୪ ରନ ସଂଗ୍ରହ କରିଥିଲା। ରାୟଗଡା ପକ୍ଷରୁ ମାଇକେଲ ରମେଶ ୨ଟି, ଟି.ବିଜୟ ଓ ଅରୁଣ ଗୋଟିଏ ଲେଖାଏଁ ଉଇକେଟ୍ ଅକ୍ତିୟାର କରିଥିଲେ। ଝାରସୁଗୁଡା ୬ ଉଇକେଟ୍‌ରେ ମ୍ୟାଚ୍ ବିଜୟୀ ହୋଇଥିଲା। ଝାରସୁଗୁଡ଼ାର ରୋଶନ ପ୍ରସାଦଙ୍କୁ ଅତିଥି ଚନ୍ଦନ ବହିଦାର ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶ୍ୟାମସୁନ୍ଦର ପଣ୍ଡା, ସମୀର ପାଣିଗ୍ରାହୀ, ପୃଥ୍ୱୀରାଜ ମିଶ୍ର ଓ ବଳରାମ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ସଂଗ୍ରାମ ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସଞ୍ଜୀବ ମିଶ୍ର, ପାର୍ଥ ଦାଶ ଓ ଆନନ୍ଦ ବାଗ ଧାରାବିବରଣୀ ପ୍ରଦାନ କରିଥିଲେ।




ବରଗଡର ଶୁଭମ କୁମାରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସିଏ ହିଁ ସବୁଠାରୁ ବଳି ବିପଜ୍ଜନକ ଲୋକ।
- ଶିଶେରୋ

**ସଂକ୍ଷେପରେ...**

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର

ବଣାଇ,୧୪।୨(ସ୍ୱ.ପ୍ର.)
ବଣାଇ ବ୍ଲକ ଅନ୍ତର୍ଗତ ଶିହିଡିଆ ଗ୍ରାମ ସ୍ଥିତ ଯଦୁପତି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏଥିରେ ୧୦୪ଜଣ ଛାତ୍ରୀ ୧୨ ଦିନିଆ ଆତ୍ମରକ୍ଷା କୌଶଳ ଶିବିରରେ ଅଂଶଗ୍ରହଣ କରିଥିବା ବେଳେ ଏହାକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବେଣୁଧର ମାଝି ପରିଚାଳନା କରିଥିଲେ। ତାଲିମ ପ୍ରାପ୍ତ ସୁରଭି ସେଠୀ ଓ କାଜଲ ରାଉତ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ବଣାଇଁ ଅଗ୍ନିଶମ ଅଧିକାରୀ ବିଜୟ କୁମାର ସାସମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବାବେଳେ ଅନ୍ୟାମାନଙ୍କ ମଧ୍ୟରେ ଅଧାପକ ଅସିମ କୁମାର ମଲ୍ଲିକ ଯୋଗଦେଇ ଛାତ୍ରୀଙ୍କୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଶେଷରେ ଅଧ୍ୟାପକ ଅଜୟ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିବା ବେଳେ ମୁଖ୍ୟ ଅତିଥି ତାଲିମ ପ୍ରାପ୍ତ ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ଛୋଟ ସ୍କୁଲ, ବଡ ସଫଳତା

ନୂଆଗାଁ, ୧୪।୨ (ଡି.ଏନ.ଏ)

ସାମ୍ପ୍ରତିକ ପରିସ୍ଥିତିରେ ସରକାରୀସ୍କୁଲ ଗୁଡିକରେ ବିଶେଷ କରି ଉପାନ୍ତ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ସଂପୃକ୍ତ ଛାତ୍ରୀଛାତ୍ରଙ୍କ ବାପା, ମାଆ ସ୍କୁଲର ଶିକ୍ଷକଙ୍କ ସହ ଉତ୍ତମ ସମ୍ପର୍କ ରଖିବା ସହ ସଠିକ ସମନ୍ୱୟ ରକ୍ଷା କରିବା ଜରୁରୀ ହୋଇପଡିଛି। ଗୋଟିଏ ସ୍କୁଲକୁ ନିଜ ପୁଅ, ଝିଅଙ୍କୁ କେବଳ ନାମଲେଖାଇ ଅଭିଭାବକ ନୀରବ ରହିଗଲେ କିମ୍ୱା ସମ୍ପୃକ୍ତ ସ୍କୁଲର ଶିକ୍ଷକମାନେ ଅଭିଭାବକମାନଙ୍କ ଯୋଗାଯୋଗ ନ ରଖିଲେ ଛାତ୍ରୀଛାତ୍ରଙ୍କ ଶିକ୍ଷାର ଅଭିବୃଦ୍ଧି ହୋଇପାରିବ ନାହିଁ। ଏଣୁ ସ୍କୁଲ ଗୁଡିକରେ କରାଯାଉଥିବା ଏହିଭଳି ବାର୍ଷିକ କ୍ରୀଡା ଉତ୍ସବ ହେଉ କିମ୍ୱା ବିଭିନ୍ନ କାର୍ଯ୍ୟକ୍ରମ ହେଉ ତାହାରି ମାଧ୍ୟମରେ ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖାଯାଇପାରିବ ବୋଲି ଶୁକ୍ରବାର ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବଙ୍ଗଲେଇ ଟୋଲୀ ପ୍ରାଥମିକ ସ୍କୁଲର ଆୟୋଜିତ ବାର୍ଷିକ କ୍ରୀଡା ଉତ୍ସବର ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା ପ୍ରକାଶ କରିଛନ୍ତି । ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ





ବାର୍ଷିକଉତ୍ସବରେ ମଞ୍ଚାସୀନ ଅତିଥି।

- ଅଭିଭାବକ- ଶିକ୍ଷକଙ୍କ ସମନ୍ୱୟ ଉତ୍ତମ ବାତାବରଣ ସୃଷ୍ଟି କରିଥାଏ
- ବଙ୍ଗଲେଇ ଟୋଲୀ ସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ
- ଶିକ୍ଷକ, ଅଭିଭାବକଙ୍କୁ କୃତଜ୍ଞତା ଜଣାଇଲେ ସହକାରୀ ଶିକ୍ଷା ଅଧିକାରୀ

ସହକାରୀ ଶିକ୍ଷା ଅଧିକାରୀ ବନମାଳୀ ମଲ୍ଲିକ ଯୋଗଦେଇ ଅରୁଣୀ ନାମକ ଜଣେ ଛାତ୍ର ଗୁରୁଭକ୍ତି ଉପରେ ସୁନ୍ଦର ଭାବେ ପିଲାଙ୍କୁ ବୁଝାଇଥିଲେ। ବଙ୍ଗଲେଇଟୋଲୀ ଏକ ଛୋଟ ବିଦ୍ୟାଳୟ ହେଲେ ସୁଦ୍ଧା ଏଠିକାର ବାତାବରଣ ପ୍ରଧାନଶିକ୍ଷୟିତ୍ରୀ ମୁକ୍ତ ଏକ୍କା ତଥା ସହକାରୀ ଶିକ୍ଷକମାନଙ୍କ ପ୍ରଚେଷ୍ଟା ଯୋଗୁଁ ଉକ୍ତ ସ୍କୁଲରେ ଦିନକୁ ଦିନ ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧି ପାଉଥିବାରୁ ସହକାରୀ ଶିକ୍ଷା ଅଧିକାରୀ ସ୍କୁଲର ସମସ୍ତ ଶିକ୍ଷକ ଓ ଅଭିଭାବକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ଶିକ୍ଷାବିତ ବଳରାମ ପଣ୍ଡା କବିତା ମାଧ୍ୟମରେ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ପ୍ରଶଂସା କରିଥିଲେ । ସହକାରୀ ଶିକ୍ଷକ ଦିଲୀପ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ଶିକ୍ଷକ ମଧୁସୂଦନ କରିଆଲି, ଦିଲୀପ ମାଲୱା, ବସନ୍ତ କୁମାର ତ୍ରିପାଠୀ, ଜନ୍ମେଜୟ ତ୍ରିପାଠୀ, ସିଆରସିସି ପ୍ରଶାନ୍ତ କେର୍କେଟା, ପିତବାସ ପଣ୍ଡା, କରୁଣା ସାହୁ, ଜନାର୍ଦ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉପଲକ୍ଷେ ବିଭିନ୍ନ କ୍ରୀଡାରେ ସଫଳ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୁନିକୁନି ଛାତ୍ରୀଛାତ୍ରଙ୍କ ଗୀତ, ନୃତ୍ୟ ସ୍କୁଲ ପରିବେଶକୁ ଓ ଉପସ୍ଥିତ ଅଭିଭାବକ ଓ ଜନତାଙ୍କୁ ମୁଗ୍ଧ କରିଥିଲା ।

## ପୁଲୱାମା ଦିବସ ଉପଲକ୍ଷେ କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ସୁନ୍ଦରଗଡ,୧୪।୨ (ଡି.ଏନ୍,ଏ)

ପୁଲୱାମା ଶହୀଦ ଦିବସ ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟାରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଏନ୍‌ସିସି କ୍ୟାଡେଟମାନଙ୍କ ପକ୍ଷରୁ କ୍ୟାଣ୍ଡେଲ ଜାଳି ଶହୀଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ମହାବିଦ୍ୟାଳୟ ପରିସରରେ କ୍ୟାଣ୍ଡେଲ ଜାଳିବା ସହ ହାତରେ କ୍ୟାଣ୍ଡେଲ ଧରି ସହର ପରିକ୍ରମା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ,ଏନସିସି ଅଧିକାରୀ ଆର୍ଯ୍ୟ ବିଭାସ କୁମାର, କାର୍ଯ୍ୟାଳୟ ମୁଖ୍ୟ ପ୍ରଦୀପ ବହିଦାର, ଅଧ୍ୟାପକ ପ୍ରଭାକର ସେଠୀ, ନୂତନ ଖମାରୀ, ଶ୍ରୀକାନ୍ତ ପଟେଲ ଓ ପୁରାତନ ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ ।





ସୁନ୍ଦରଗଡ଼ଠାରେ ପୁଲୱାମା ଶହୀଦଙ୍କ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ପ୍ରଜ୍ୱଳନ।

## ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କୁ ଘେରିଲେ ଷ୍ଟାଫନର୍ସ

ବଲାଙ୍ଗୀର ଅଫିସ, ୧୪।୨

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଗୁରୁବାର ରାତିରେ କାର୍ଯ୍ୟରତା ଷ୍ଟାଫନର୍ସ ପ୍ରତିମା ପ୍ରଧାନଙ୍କୁ ଦୁଇଜଣ ବ୍ୟକ୍ତି ଆକ୍ରମଣ କରି ନିଘୁକ ମାଡମାରି ଫେରାର ହୋଇଯାଇଥିଲେ । ଏ ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ ଟାଉନ ଥାନା ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। ଏହାର ପ୍ରତିବାଦ କରି ଶୁକ୍ରବାର ହସ୍ପିଟାଲର ଷ୍ଟାଫନର୍ସମାନେ ମେଡିକାଲ କଲେଜ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସ ଘେରାଓ କରିଥିଲେ।

## କିଂଜିର୍ମା -ଇତମା ରାସ୍ତା ଉନ୍ନତୀକରଣ ପାଇଁ ୮୪୧.୪୩ ମଞ୍ଜୁର

ସୁନ୍ଦରଗଡ, ୧୪।୨ (ଡି.ଏନ୍.ଏ)

ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ କୁଣ୍ଡୁକେଲା ବିଜୁ ଏକ୍ସପ୍ରେସ ୱେ (ରାଜ୍ୟ ରାଜପଥ-୧୦) ଠାରୁ ଭାୟା କିଂଜିର୍ମା, ଗଡିଆଜୋର, ସାଲେପାଲି ଓ ତଳସରା ରାସ୍ତା ଦେଇ ଇତମା ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ୮୪୧.୪୩ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଜିଲାର ବିଭିନ୍ନ ରାସ୍ତାଘାଟ ମଧ୍ୟରେ ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବାରୁ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ୨୦୧୩ ମସିହାରେ ପ୍ରସ୍ତାବ ଦେଇଥିଲେ । ରାଜ୍ୟ ସରକାର ଏହି ରାସ୍ତାର ଉନ୍ନତୀକରଣ ପାଇଁ ପଦକ୍ଷେପ ନେଇଥିବାରୁ ସୁନ୍ଦରଗଡବାସୀଙ୍କ ତରଫରୁ ପୂର୍ବତନ ବିଧାୟକ ସିଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କ ଠାରେ କୃତଜ୍ଞତା ଜଣାଇଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାବୁ ନୂଆଗାଁର ମହକ ଉତ୍ସବ

ବଣାଇ, ୧୪।୨(ସ୍ୱ.ପ୍ର.)

ବଣାଇ ବ୍ଲକ ଅନ୍ତର୍ଗତ ବାବୁନୁଆଁ ଗ୍ରାମରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ମହକ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବଣାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୟ କୁମାର ସଏ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଅବସର ପ୍ରାପ୍ତ ସୈନିକ ତଥା ସମାଜସେବୀ ରତ୍ନାକର କିସାନ ଏବଂ ରାଧାନାଥ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର ନାଥପତି ଯୋଗଦେଇଥିଲେ। ଏଥିରେ ଓଡିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ମଧୁସ୍ମିତା ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା।

## ମଧୁମେହ ରୋଗକୁ ଆମନ୍ତ୍ରଣ

**୨ କିଲୋଗ୍ରାମ ମହୁଲ ଓ ୧୬ କିଲୋଗ୍ରାମ ଚିନିରେ ୬୦ ଲିଟର ଦେଶୀମଦ ପ୍ରସ୍ତୁତ**

ବଡ଼ଗାଁ, ୧୪।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ସର୍ବାଧିକ ଗ୍ରାମରେ ଦେଶୀ ମଦ କାରବାର ଚାଲିଛି। ଗାଁ, ପଡାଗୁଡିକରେ ବହୁ ସଂଖ୍ୟକ ଦେଶୀ ମଦ ଭାଟି ଥିବାରୁ ଏହା ଲୋକଙ୍କ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରୁଛି। ଏହା ସହ ଏହି ଦେଶୀ ମହୁଲି ମଦ ମଧୁମେହ ରୋଗକୁ ଆମନ୍ତ୍ରଣ କରୁଥିବା ଜଣାପଡିଛି। ଦୀର୍ଘ ବର୍ଷ ଘରେ ମହୁଲି ମଦ ରାନ୍ଧି ସେବନ ଓ ବିକ୍ରି କରୁଥିବା ଜଣେ ବ୍ୟକ୍ତିଙ୍କ ଠାରୁ ମିଳିଥିବା ସୂଚନାନୁଯାୟୀ, ପୂର୍ବେ ଯେପରି ପ୍ରକ୍ରିୟାରେ ମହୁଲି ମଦ ତିଆରି କରାଯାଉଥିଲା, ବର୍ତ୍ତମାନ ସେପରି ତିଆରି କରାଯାଉନାହିଁ । କମ ପରିମାଣର ମହୁଲରେ ଅଧିକ ମଦ ପ୍ରସ୍ତୁତ ହୋଇପାରୁଛି। ମଧୁମେହରେ ଆକ୍ରାନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ପ୍ରକାଶ ଯେ, ୨ କେଜି ମହୁଲ ଓ ୧୬ କେଜି ଚିନି, ହାଣ୍ଡିଆରେ ବ୍ୟବହୃତ ରାନୁ ମିଶାଇ ମଦ ପ୍ରସ୍ତୁତ କଲେ ୬୦ ଲିଟର ମହୁଲି ମଦ ହୋଇଥାଏ ବୋଲି ସେ ନିଜ ନାମ ଗୋପନ ରଖିବାକୁ କହି ଜଣାଇଥିଲେ। ଏହିପରି ମଦ ତିଆରି କରି ସେ ବିକ୍ରି ଓ ସେବନ କରିବା ଯୋଗୁ ମଧୁମେହରେ ଆକ୍ରାନ୍ତ ହୋଇଥିବାରୁ ମଦ ସେବନ ଓ ବିକ୍ରି ବନ୍ଦ କରିଛନ୍ତି। ଜରଙ୍ଗଲୋଇ, ବେହେରାମାଲ, କନ୍ଦ୍ରାପଡା, ବାଲିପୋଷ ଆଦି ଗାଁ ନିକଟ ନଦୀ ପାର୍ଶ୍ୱ ଜଙ୍ଗଲରେ ଏହିପରି ମଦ ତିଆରି କରି ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମକୁ ପଠାଯାଉଥିବା ତାଙ୍କ ଠାରୁ ପ୍ରକାଶ। ଜରଙ୍ଗଲୋଇ ଅଞ୍ଚଳରେ ସୁଲେସନ ବ୍ୟବହାର କରି ସେଥିରେ ମହୁଲ ଏସେନ୍ସ ମିଶାଇ ଦେଶୀ ମଦ ତିଆରି କରାଯାଉଥିବା ସୂତ୍ରରୁ ସୂଚନା ମିଳିଛି । ତେବେ ଦେଶୀ ମହୁଲି ମଦ ସେବନ କରୁଥିବା ଅନେକ ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିଥିବା ଲକ୍ଷ୍ୟ କରାଯାଉଛି। ବଡ଼ଗାଁର କେତେକ ପଡାରେ ୨୨ରୁ ୨୫ ବର୍ଷର ଯୁବକଙ୍କ ମଦ୍ୟପାନ ଯୋଗୁ ସ୍ୱାସ୍ଥ୍ୟ ବିଗିଡି ଅକାଳ ମୃତ୍ୟୁ ହେଉଥିଲା ବେଳେ ଅନେକଙ୍କ ସ୍ୱାସ୍ଥ୍ୟ ଠିକ ନାହିଁ । କମ୍ ଖର୍ଚ୍ଚରେ ଅଧିକ ଲାଭ ଲୋଭରେ ପଡିଥିବା ମଦ ବିକ୍ରେତାମାନେ ପରୋକ୍ଷରେ ମଣିଷଙ୍କୁ ମୃତ୍ୟୁ ମୁହଁରେ ଠେଲି ଦେଉଥିବାରୁ ମଦ ରୂପୀ ରାକ୍ଷସକୁ ଦମନ କରିବାର ଆବଶ୍ୟକତା ରହିଛି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ଚଢ଼ାଉ କଲେ ଅନେକାଂଶରେ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ମତପ୍ରକାଶ ପାଇଛି।

## ଜଙ୍ଗଲ ନିଆଁ ନିବାରଣ ଉପରେ ଗୁରୁତ୍ୱ

**କୁଳିପୋଷ ବନାଞ୍ଚଳ ପକ୍ଷରୁ ସଚେତନତା ଶିବିର**

ଲହୁଣୀପଡା, ୧୪।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଡଳେଇସରଠାରେ କୁଳିପୋଷ ବନାଞ୍ଚଳ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ବେଣୁଧର ନାଏକ ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ବିନୋଦ ବିହାରୀ ପାଉଲେ ଯୋଗଦେଇଥିଲେ। ସେକସନ ଫରେଷ୍ଟର କିଶୋର ପାତ୍ର ସଭାପତିତ୍ୱ କରିବା ସହିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କିଛି ଦିନ ପରେ ଗ୍ରୀଷ୍ମ ଋତୁ ଆସିବ। ସେହି ସମୟରେ ଜଙ୍ଗଲରେ ପ୍ରାୟତଃ ନିଆଁ ଲାଗିଥାଏ। କେତେକ ସ୍ଥାନରେ ମହୁଲ ଫୁଲ ସଂଗ୍ରହ କରିବାକୁ ଲୋକମାନେ ନିଆଁ ଲଗେଇ ଦେଇଥାନ୍ତି। ଫଳରେ ଜଙ୍ଗଲ ପୋଡି ଯିବା ସହିତ ଜଙ୍ଗଲରେ ଥିବା ଜଙ୍ଗଲଜାତ ଦ୍ରବ୍ୟ ନଷ୍ଟ ହୋଇଥାଏ। ବହୁ ବନ୍ୟପ୍ରାଣୀ ମୃତ୍ୟୁବରଣ କରିଥାନ୍ତି। ତେଣୁ ଚଳିତବର୍ଷ କୌଣସି ପ୍ରକାର ମଧ ଜଙ୍ଗଲରେ ନିଆଁ ଲାଗିବାକୁ ଦେବାନାହିଁ ବୋଲି ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଶିବିରରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ଗ୍ରାମରେ ମୋବାଇଲ ନମ୍ବର ଥିବା ବ୍ୟାନର ଲଗାଯିବ। ସେହି ନମ୍ବରରେ ଫୋନ କରି ସୂଚନା ଦେବେ। ଯେଉଁ ଭିଏସ୍‌ଏସ୍ (ଗ୍ରାମ୍ୟ ସୁରକ୍ଷା ସମିତି) ଅଞ୍ଚଳର ଜଙ୍ଗଲରେ ନିଆଁ ନ ଲାଗିବ ସେମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଗତବର୍ଷ ସ୍ୱେଚ୍ଛାକୃତ ଭାବେ କୁମୁଣ୍ଡି ଗ୍ରାମର କମଳିନୀ ଏସଏଚଜି ନିଆଁ ଲିଭାରେ ସହଯୋଗ କରିଥିବାରୁ ସେମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଜଙ୍ଗଲ ନିଆଁ ନିବାରଣ ସଚେତନତା ଶିବିରରେ ପ୍ରାୟ ୧୫ଟି ଭିଏସଏସର କର୍ମକର୍ତ୍ତାଙ୍କ ସମେତ ଆଖପାଖ ଅଞ୍ଚଳର ଲୋକମାନେ ଯୋଗଦେଇଥିଲେ। ଶେଷରେ ଫରେଷ୍ଟର ପ୍ରତାପ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବନ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ ।





ବନାଞ୍ଚଳ ପକ୍ଷରୁ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି, ଅଧିକାରୀ।

## ପୁଲୱାମା ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି



ଚୁଟିଆଟୋଲିଠାରେ ପୁଲୱାମା ଶହୀଦଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବ୍ୟକ୍ତିମାନେ ।

କୁଆଁରମୁଣ୍ଡା,୧୪।୨(ଡି.ଏନ.ଏ)

ପୁଲୱାମା ନିକଟରେ ଆତଙ୍କବାଦୀଙ୍କ ବିସ୍ଫୋରଣରେ ଗତ ୨୦୧୯ ଫେବୃୟାରୀ ୧୪ରେ ଏକକାଳୀନ ୪୦ ଜଣ ଯବାନ ଶହୀଦ ହୋଇଥିବା ଘଟଣାକୁ ୧ ବର୍ଷ ପୁରିଛି ।ଏହି ଦୁର୍ଘଟଣାରେ ଶହୀଦ ହୋଇଥିବା ବୀର ଯବାନମାନଙ୍କ ସ୍ମୃତିକୁ ମନେ ପକେଇବା ପାଇଁ ଶୁକ୍ରବାର ଶହୀଦ ଶ୍ରଦ୍ଧାଞ୍ଜଳି ସଭା ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ଚୁଟିଆଟୋଲି ଠାରେ ଆୟୋଜିତ ହୋଇଛି ।ସ୍ଥାନୀୟ ସାମାଜିକ କର୍ମୀ ଶୈଳେଶ ତିୱାରୀ(ରାଜୁ ଭାଇ)ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଚୁଟିଆଟୋଲିର ରମେଶ ଓରାମ, ରଥୁ ଓରାମଙ୍କ ସହ କୁଆଁରମୁଣ୍ଡା, ଚୁଟିଆଟୋଲି ଓ ଏହାର ଆଖପାଖ ଅଂଚଳର ମହିଳାପୁରୁଷ, ଯୁବତୀଯୁବକ ଉପସ୍ଥିତ ରହି ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ମହମବତୀ ପ୍ରଜ୍ୱଳନ କରି ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏହି ଶ୍ରଦ୍ଧାଞ୍ଜଳି ସଭାରେ କୁଆଁରମୁଣ୍ଡା ବନ ରେଞ୍ଜର ସୁଧାଂଶୁ ଚନ୍ଦ୍ର ସାହାଣୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୁରୁଚରଣ ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ଅବସରରେ କୁଆଁରମୁଣ୍ଡା ଅଞ୍ଚଳର ଅବସରପ୍ରାପ୍ତ ସୁବେଦାର ବିଜୟ ପଟ୍ଟନାୟକ, ପ୍ରକାଶ ଦାସ,ଆଲବର୍ଟ କାଣ୍ଡୁଲାନାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜେଶ ଖାଲଖୋ, ମନୋଜ ଦାସ, ରୀନା ମେହେର ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଂଚାଳନ କରିଛନ୍ତି।

## ଜାତୀୟ ପଛୁଆବର୍ଗ କମିଶନ ଅଧ୍ୟକ୍ଷଙ୍କୁ ଆରକ୍ଷଣ ପାଇଁ ଦାବିପତ୍ର

ବଡ଼ଗାଁ, ୧୪।୨ (ଡି.ଏନ.ଏ)



ଓବିସି କମିଶନ ଅଧ୍ୟକ୍ଷଙ୍କୁ ଆରକ୍ଷଣ ଦାବିପତ୍ର ଦେଉଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର କେତେକ ଜାତି ସମାଜର ଲୋକେ ୧୧ ତାରିଖ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ଭଗବାନ ସିଂ ସାହିନୀଙ୍କୁ ସାକ୍ଷାତ କରି ୧୦ ପ୍ରତିଶତ ଆରକ୍ଷଣ ପାଇଁ ଦାବିପତ୍ର ଦେଇଛନ୍ତି । ସୂଚନାନୁଯାୟୀ, ବଡ଼ଗାଁ ବ୍ଲକରୁ ତୈଳିକ ସମାଜ ପକ୍ଷରୁ ଫକିର ମୋହନ ପୃଷେଟ, ରାଜୁ ପୃଷେଟ, ଅଘରିଆ ସମାଜ ପକ୍ଷରୁ ପ୍ରେମାନନ୍ଦ ନାଏକ, ରବୀନ୍ଦ୍ର ପଟେଲ, ସୈଣ୍ଟିକ ସମାଜ ପକ୍ଷରୁ ଦିଲୀପ କୁମାର ସେନାପତି, ମହାକୁଡ ସମାଜ ପକ୍ଷରୁ ବସନ୍ତ ବେହେରା ପ୍ରତିନିଧିତ୍ୱ କରି କମିଶନ ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରିଥିଲେ। ବିଭିନ୍ନ ରାଜ୍ୟରେ ଦୀର୍ଘ ବର୍ଷ ହେଲା ଓବିସିଙ୍କୁ ୨୭ ପ୍ରତିଶତ ଆରକ୍ଷଣ ଦେଉଥିଲା ବେଳେ ଓଡିଶାରେ ଏ ଯାଏଁ ଲାଗୁ ହୋଇନାହିଁ । ଦୀର୍ଘ ବର୍ଷରୁ ଦାବିକରି ଆସୁଥିବା ଏହି ସମାଜର ଲୋକେ ଅବହେଳିତ ହୋଇ ଆସୁଥିବା ଅଭିଯୋଗ କରିଛନ୍ତି। ତେବେ ଦାବି ଜଣାଇବାର ଗୋଟିଏ ଦିନ ପରେ ରାଜ୍ୟ ସରକାର ତରବରିଆ ଭାବେ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି। ଓବିସି ଭାଜପା ମୋର୍ଚ୍ଚାର ସଦସ୍ୟମାନେ କମିଶନ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରି ଶୀଘ୍ର କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି । ୨୭ପ୍ରତିଶତ ଆରକ୍ଷଣ ଲାଗୁ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ହିଁ ବିକଳ୍ପ ବୋଲି କହିଛନ୍ତି ।

## ମୋ ସରକାର ଜନସଚେତନତା ଶିବିର

ଲହୁଣୀପଡା, ୧୪।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କେ.ବଲାଙ୍ଗଠାରେ ଗୁରୁବାର ବଣାଇ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ପକ୍ଷରୁ ମୋ ସରକାର ଯୋଜନାର ଏକ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ମୋ ସରକାର ତଥା ୫-ଟିର ଉଦ୍ଦେଶ୍ୟରେ ଲୋକମାନଙ୍କୁ ସଚେତନତା ସମ୍ପର୍କରେ ଅବଗତ କରାଇବା ସହିତ ବିସ୍ତୃତ ବିବରଣୀ ଆଲୋକପାତ କରିଥିଲେ। ଜୀବନ ଜୀବିକା, ଅଧିକ ଅମଳ ଫସଲ ଚାଷ କରିବା ସହିତ ବଜାରରେ ବିକ୍ରି କରିବା ପ୍ରଣାଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଧାନ ଅମଳ ପରେ ମଣ୍ଡିରେ ଧାନ ବିକ୍ରି କରିବା ଏବଂ ଧାନକୁ ବାହାରେ ବିକ୍ରି କରି କାହିଁକି କ୍ଷତିଗ୍ରସ୍ତ ହେଉଛନ୍ତି ସେ ସମ୍ପର୍କରେ ମଧ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଏହି ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ତଥା ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରଦୀପ ଡାଙ୍ଗ ଯୋଗଦେଇ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କୋଇଡା ବିଡିଓ ପଲ୍ଲବୀରାଣୀ ରାଜ, ଅତିରିକ୍ତ ତହସିଲଦାର ସାଇସୁମନ ହୋତା, ସହକାରୀ କୃଷି ଅଧିକାରୀ, କେ.ବଲାଙ୍ଗ ଡା. କମଳାକାନ୍ତ ମାହାନ୍ତ, ନିର୍ବାହୀ ଯନ୍ତ୍ରୀ ଭୀମଚରଣ ହେମ୍ବ୍ରମ, ଖୁଣ୍ଟଗାଁ ପାଉଡିଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଅଚ୍ୟୁତାନନ୍ଦ ସିଂ, କେ.ବଲାଙ୍ଗ ସରପଞ୍ଚ ବଣାଇ ଏସଓ ଫିଟର ଟେଟେ ପ୍ରମୁଖ ଯୋଗଦେଇ ନିଜ ବିଭାଗ ସମ୍ପର୍କରେ ସଚେତନତା କରିଥିଲେ। ଆଦିବାସୀ ମହିଳା ସଂଘ ତଥା ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ପାଲା ମାଧ୍ୟମରେ ସଚେତନତା କରିବା ସହିତ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଜନସମ୍ପର୍କ ଶିବିରରେ କେ.ବଲାଙ୍ଗ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକମାନେ ଉପସ୍ଥିତ ଥିଲେ।





ମୋ ସରକାର ଯୋଜନାର ଜନସଚେତନତା ଶିବିରରେ ମଞ୍ଚାସୀନ ଅଧିକାରୀ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସିଏ ହିଁ ସବୁଠାରୁ ବଳି ବିପଜ୍ଜନକ ଲୋକ।
- ଶିଶେରୋ



**ସଂକ୍ଷେପରେ...**

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

ବରଗଡ଼ ଅଫିସ୍,୧୪।୨- ବରଗଡ଼ର ବରିଷ୍ଠ ଆଇନ୍‌ଜୀବୀ ମଧୁସୂଦନ ପ୍ରଧାନଙ୍କ ଗୁରୁବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି। ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକ ଏକ ଘରୋଇ ଡାକ୍ତରଖାନାକୁ ନେବା ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ପ୍ରଧାନଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ପ୍ରଧାନଙ୍କ ପୈତୃକ ଗ୍ରାମ ବରପାଲି ବ୍ଲକ ଅନ୍ତର୍ଗତ ବିଶିପାଲିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବରଗଡ଼ ଜିଲା ଓକିଲ ସଂଘ, ଜିଲା କ୍ରିକେଟ ଆସୋସିଏଶନ, ରଣେଶ୍ୱର ରାମଚଣ୍ଡୀ ଯୁବ ସଂଗଠନ, ଜିଲା କୁଲତା ସମାଜ ଏବଂ ଅଞ୍ଚଳବାସୀ ସ୍ୱର୍ଗତ ପ୍ରଧାନଙ୍କ ଅନ୍ତିମ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ବରଗଡ଼ ଜିଲା ଓକିଲ ସଂଘ ପରିସରରେ ସ୍ୱର୍ଗତ ପ୍ରଧାନଙ୍କ ପରଲୋକରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

## ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପାଇକମାଲ, ୧୪।୨(ଡି.ଏନ୍.ଏ.)- ପାଇକମାଲ ବ୍ଲକ ମାଣ୍ଡୋସିଲ ହାଇସ୍କୁଲରେ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ତନସନାଙ୍କ ସଭାପତିତ୍ୱରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଗଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଶିକ୍ଷକ ଗୋବିନ୍ଦ ମାଝି, ଅରୁଣ କୁମାର ପାତ୍ର, ନୀଳମଣି ବରିହା ପ୍ରମୁଖ ବିଦାୟକାଳୀନ ଛାତ୍ରୀଛାତ୍ରମାନଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶିକ୍ଷକ ଅମରସିଂ ଧରୁଆ, ମୀନତସ୍ ଟେଟେ, ସୁମିତ୍ରା କନ୍ଧେର, ପଦ୍ମଲୋଚନ ମାଝି, କୃଷ୍ଣ ବାଗ, ନୀଳମଣି ପୁଟା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନୀଳମଣି ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ର ଗଠନରେ ସାମିଲ ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ



ବିକାଶ ଅନୁଷ୍ଠାନରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି।




ଏବିଭିପି ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି।

ବରଗଡ଼ ଅଫିସ୍,୧୪।୨

ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ୍ ହୋଇଥିବା ବୀର ଯବାନଙ୍କ ସ୍ମୃତିରେ ଶୁକ୍ରବାର ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା, ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚକରକେନ୍ଦସ୍ଥିତ କୋଶଲ ସଂଗ୍ରାମୀ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବଜ୍ୟୋତି ହାଇସ୍କୁଲ, ନବଜ୍ୟୋତି କଲେଜର ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ନାଗରିକମନେ ଶୋଭାଯାତ୍ରାରେ ବାହରି ଶହୀଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନର ସୁଶାନ୍ତ ମେହେରଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିଦ୍ ଡଃ ବୀରେନ୍ଦ୍ର କୁମାର ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଶହୀଦ ଯବାନମାନଙ୍କର ରାଷ୍ଟ୍ରପ୍ରେମ ଅନନ୍ୟ, ଅତୁଳନୀୟ ବାଲି କହିଥିଲେ। ଛାତ୍ରୀଛାତ୍ର ରାଷ୍ଟ୍ର ଗଠନରେ ନିଜକୁ ସାମିଲ କଲେ ତାହା ହିଁ ଶହୀଦଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି କାର୍ତ୍ତିକେୟ ସାଥୁଆ, ଦିଲୀପ ସାହୁ ଅତିଥିଭାବେ ଯୋଗଦେଇଥିବାବେଳେ ଅନ୍ତର୍ଯ୍ୟାମୀ ପ୍ରଧାନ, ଅରୁଣା ସାହୁ, କିଶୋର ବାଗ, ସୁଦର୍ଶନ ହାତୀ, ଆଶିଷ ସାହୁ, ଜଗତ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ଚକରକେନ୍ଦରୁ ଏକ ବାଇକ୍ ରାଲି ବାହାରି ମା' ବୈଷ୍ଣୋଦେବୀ ମନ୍ଦିରକୁ ପହଞ୍ଚିଥିଲା ଏବଂ ସେଠାରେ ବୀର ଯବାନଙ୍କ ମଙ୍ଗଳ କାମନା କରାଯାଇଥିଲା।

ଅନୁରୂପ ଭାବେ ବିକାଶ ଡିଗ୍ରୀ କଲେଜରେ ମଧ୍ୟ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ଦେଶାତ୍ମବୋଧକ ଫଟୋଚିତ୍ର ଅଙ୍କନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସବ୍-ମେଜର କେ.ସି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ବିକାଶର ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା, ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ଅଧ୍ୟାପକ ମନ୍ଦରଧର ନାୟକ, ଛାତ୍ରୀ ପ୍ରଜ୍ଞା ପରମିତା ବିଶ୍ୱାଳ ପ୍ରମୁଖ ଶହୀଦଙ୍କ ସ୍ମୃତିରେ ବକ୍ତବ୍ୟ ରଖିଥିଲେ। ବିକାଶ ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ବା କଲେଜରେ ମଧ୍ୟ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ସ୍ଥାନୀୟ ଏସପି ଅଫିସ ଛକରେ ଦୀପ ଜାଳି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏବିଭିପିର ଜିଲା ସଂଗଠକ ହେମରାଜ ସାହୁ, ପାର୍ଥ ଜାନି, କିଶୋର ବିଭାର, ମୃତ୍ୟୁଞ୍ଜୟ ମହାରଣା, ଶୁଭମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ

ବରଗଡ଼ ଅଫିସ୍,୧୪।୨

ପୁଲୱାମାରେ ଶହୀଦ ହୋଇଥିବା ବୀର ଯବାନଙ୍କ ସ୍ମୃତିରେ ଶୁକ୍ରବାର ବରଗଡ଼ ଜିଲା ଟୁକୁର୍ଲାସ୍ଥିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଡ଼ୋଲ ଏବଂ ଟୁକୁର୍ଲା ଯୁବ ସମାଜ ପକ୍ଷରୁ ଅନୁଷ୍ଠିତ ଏହି ଶିବିରକୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଉଦଘାଟନ କରିଥିଲେ। ୧୮୯ ବାଟାଲିୟନର କମାଣ୍ଡେଣ୍ଟ ଯୋଗେନର ସିଂ ମୌରୟା, ସୁବେଦାର ମେଜର ବଳରାମ ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ସେହିପରି ଶହୀଦ ରଞ୍ଜନ ଦାଶଙ୍କ ପରିବାରରୁ ବଡ଼ଭାଇ ଉତ୍ତମ ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଭୁତି ଭୂଷଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୮ଜଣ ମହିଳାଙ୍କ ସମେତ ୧୪୧ଜଣ ରକ୍ତଦାନ କରିଥିଲେ। ରୋହିତ ଜୟସ୍ୱାଲ, ବିକାଶ ଅଗ୍ରୱାଲ, ଲିଙ୍ଗରାଜ ସାହୁ, ଶେଷଦେବ ପ୍ରଧାନ ଶିବିର ପରିଚାଳନା କରିଥିବାବେଳେ ଶ୍ରୀରାମ ବାରିକ, ବିଧାନ ଦନ୍ତା, ଆଲୋକ ପ୍ରଧାନ, ଲିଙ୍ଗରାଜ ସାହୁ, ଟିକେଲାଲ ପ୍ରଧାନ, ଖଗେଶ୍ୱର ପ୍ରଧାନ, ଅର୍ଜୁନ ମେହେର, ଅକ୍ଷୟ ମିଶ୍ର, ମିଥୁନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ରାହାଜାନି ଅଭିଯୋଗ: ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବିଜେପୁର, ୧୪।୨(ଡି.ଏନ୍.ଏ.)

ବରଗଡ଼ ଜିଲା ବିଜେପୁର ପୋଲିସ ଲୁଟ, ରାହାଜାନି ଅଭିଯୋଗରେ ଦୁଇଜଣ ଯୁବକଙ୍କୁ ଗିରଫ କରି ସୋହେଲା କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ରଙ୍ଗମାଟିଆର ବିକାଶ ଓରଫ ସୁଶାନ୍ତ ଛତର(୨୨) ଓ ଧୁଡୁ ଓରଫ ରାଜେଶ ବିଭାର (୨୯)। କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କିଛି ଦିନ ହେଲା ବିଜେପୁର ଥାନା ଅଞ୍ଚଳର ବିଭିନ୍ନ ନିଛାଟିଆ ସ୍ଥାନରେ ଲୁଟପାଟ ଅଭିଯୋଗ ହେଉଥିଲା। ଗତ ବୁଧବାର ମଧ୍ୟାହ୍ନରେ ବରପାଲି ଥାନା ଅନ୍ତର୍ଗତ ଧୁବାପାଲିର ଗିରିନ୍ଦ୍ର ଲୁହାର କୌଣସି କାମରେ ରଙ୍ଗମାଟିଆ-ଜାମପାଲି ରାସ୍ତାରେ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ଗରିନ୍ଦ୍ରଙ୍କଠାରୁ ସାତ ଶହ ଟଙ୍କା ସହ ଏକ ମୋବାଇଲ ଫୋନ ଲୁଟି ନେଇଥିଲେ। ଉକ୍ତ ବାଟରେ ଅନ୍ୟ ବାଟୋଇମାନେ ଆସୁଥିବା ଦେଖି ଅଭିଯୁକ୍ତଦ୍ୱୟ କୌଶଳକ୍ରମେ ଖସି ପଳାଇଯାଇଥିଲେ। ପରେ ଗିରିନ୍ଦ୍ର ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ଏହାର ତଦନ୍ତ କରିଥିଲା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଗୁରୁବାର ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଘରୁ ଉଠାଇ ଆଣିଥିଲା। ପରେ ଟିଆଇ ପରେଡରେ ଗିରିନ୍ଦ୍ର ଲୁହାର ଅଭିଯୁକ୍ତଦ୍ୱୟଙ୍କୁ ଚିହ୍ନଟ କରିଥିବା ପୋଲିସ କହିଛି। ଏନେଇ ପୋଲିସ କେସ୍ ନଂ. ୨୨/୨୦, ୩୯୪ ଆଇପିସିରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା।

## ନୂତନ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ଦାବିକଲା ଭାଜପା

ବରଗଡ଼ ଅଫିସ୍,୧୪।୨

ବରଗଡ଼ ସହରର ନୂତନ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବାକୁ ଭାଜପା ଦାବି କରିଛି। ଏହା ସହିତ ସ୍ଥାନୀୟ ଆନନ୍ଦ ମଣ୍ଡପ, କଲ୍ୟାଣ ମଣ୍ଡପ ଏବଂ ବିଜୁ ପଟ୍ଟନାୟକ ଟାଉନ ହଲର ବର୍ଦ୍ଧିତ ଭଡ଼ାକୁ ପ୍ରତ୍ୟାହାର କରିବାକୁ ଦାବି ହୋଇଛି। ଏନେଇ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏବଂ ପୌର ନିର୍ବାହୀ ଅଧିକାରୀ ରାଜେଶ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଭାଜପାର ଏହି ପ୍ରତିନିଧି ମଣ୍ଡଳୀରେ ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ରବି ନାରାୟଣ ଦାଶ, ସୁବ୍ରତ ହୋତା, ଡା. ଅରୂପାନନ୍ଦ ସାହୁ, ସୁରେଶ୍ୱର ଶତପଥୀ, ସୁବ୍ରତ ହୋତା, ପ୍ରୀତମ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଏସଡିସି ଫୁଟବଲ ଟୁର୍ନାମେଣ୍ଟ ପାଇଁ ସୁନ୍ଦରଗଡ ଷ୍ଟାଡିୟମରେ ଆୟୋଜିତ ଚୟନ ପ୍ରକ୍ରିୟାରେ ଭାଗନେଇଥିବା ପ୍ରତିଯୋଗୀ।

## ମାତୃପିତୃ ପୂଜନ ଦିବସ ପାଳିତ

ଝାରସୁଗୁଡ଼ା ଅଫିସ,୧୪।୨

ଝାରସୁଗୁଡ଼ା ଶିକ୍ଷାଞ୍ଚଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ମାତୃ ପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମନମୋହନ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ପଞ୍ଚପଡାସ୍ଥିତ ସିଟି ସ୍କୁଲର ଅଧ୍ୟକ୍ଷ ଗୋପୀନାଥ ସେଠ ଯୋଗ ଦେଇ ପିତାମାତାଙ୍କ ଶିଶୁମାନଙ୍କ ପ୍ରତି କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ମୋତିଲାଲ ଜୈନ, ସୀତା ଜୈନ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ନିଜ ନିଜ ଅଭିଭାବକମାନଙ୍କୁ ଫୁଲ, ଚନ୍ଦନ ଅର୍ପଣ କରି ଦୀପ ଲଗାଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସୁନିତା ଦତ୍ତ ପରିଚାଳନା କରିଥିଲେ। ରଶ୍ମିତା ବେହେରା, ଅହଲ୍ୟା ସ୍ୱାଇଁ, ସବନମ ନାୟକ, ରୀନା ପଶାୟତ, ସୌଭାଗିନି ମିଶ୍ର, ବିଜୟଲକ୍ଷ୍ମୀ ପଟେଲ, ଶିଖା ସାହୁ, ସୁରମା ପଟେଲ, ପ୍ରଗତିକା ଦାଶ, ଅନୁପମା ବିଶ୍ୱାଳ, ବୈଜୟନ୍ତ ଖଡିଆ, ରୋଶନ ପଟେଲ, ଧନେଶ୍ୱର ଧୁଆ, ତେଜରାଜ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟା ମନ୍ଦିରର ସଭାପତି କଳ୍ପତରୁ ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।



ଜଣେ ଛାତ୍ରୀ ଅବିଭାବକଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

## ଭିମ୍ସାରରେ ରୋଗୀ ସମ୍ପର୍କୀୟଙ୍କୁ ଟଙ୍କା ମାଗିଲେ ନର୍ସ ଆଟେଣ୍ଡାଣ୍ଟ

ସମ୍ବଲପୁର,୧୪।୨(ବ୍ୟୁରୋ) ବୁର୍ଲା ଭିମ୍ସାର ମେଡିସିନ ବିଭାଗରେ ଜଣେ ରୋଗୀ ସମ୍ପର୍କୀୟଙ୍କଠାରୁ ଟଙ୍କା ମାଗି ଜଣେ ନର୍ସ ଓ ଜଣେ ଆଟେଣ୍ଡାଣ୍ଟ ଅଡୁଆରେ ପଡିଛନ୍ତି। ଅଭିଯୋଗ ହେବା ପରେ କଲେଜ ପ୍ରଶାସନିକ ଅଧିକାରୀ ସୁବତ୍ର ନାଏକଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ତଦନ୍ତ କରିଛନ୍ତି। ପ୍ରଥମେ ରୋଗୀ ସମ୍ପର୍କୀୟଙ୍କୁ ପଚରାଉଚୁରା କରାଯାଇଛି। ହେଲେ ଏହି ଟଙ୍କାରେ କିଛି ଆବଶ୍ୟକ ଚିକିତ୍ସା ସାମଗ୍ରୀ କିରାଯାଇଛି ବୋଲି ନର୍ସ ଓ ଆଟେଣ୍ଡାଣ୍ଟ ସ୍ପଷ୍ଟୀକରଣ ଦେଇଥିଲେ ବି ସେମାନଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି। କାହିଁକି ଚିକିତ୍ସା ପାଇଁ ଆବଶ୍ୟକ ସାମଗ୍ରୀ ବାହାରୁ କିଣିବା ପାଇଁ କୁହାଯାଇଥିଲା, ଯଦି ବିଭାଗରେ ନ ଥିଲା ତେବେ ଷ୍ଟୋର ରୁମ୍‌କୁ ଜଣା ଗଲା ନାହିଁ କାହିଁକି ବୋଲି ପ୍ରଶ୍ନ କରାଯାଇଛି। ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

## ପୁରୁଷ ଖେଳାଳିଙ୍କ ଚୟନ ପ୍ରକ୍ରିୟା

ସୁନ୍ଦରଗଡ, ୧୪।୨ (ଡି.ଏନ୍.ଏ)

**ଏସ୍‌ଡିସି ଫୁଟବଲ କପ୍ -୨୦୨୦**

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଓଡିଶା (ଏସଡିସି) ଓ ଫୁଟବଲ ଆସୋସିଏସନ ଓଡିଶା ସହ ମିଳିତ ଭାବରେ ୯ଟି ଜିଲାକୁ ନେଇ ଏସଡିସି ଫୁଟବଲ କପ୍ ୨୦୨୦ ଉଭୟ ମହିଳା ଓ ପୁରୁଷ ବର୍ଗରେ ଆୟୋଜିତ ହେବାକୁ ଯାଉଛି। ଆସନ୍ତା ୨୪ରୁ ୨୮ ତାରିଖ ଯାଏ ମୟୁରଭଞ୍ଜ ଓ କନ୍ଧମାଳ ଠାରେ ଲିଗ ପର୍ଯ୍ୟାୟ ମ୍ୟାଚ ଅନୁଷ୍ଠିତ ହେବ। ମାର୍ଚ୍ଚ ୨ରେ ସେମିଫାଇନାଲ ମ୍ୟାଚ ସୁନ୍ଦରଗଡ ଓ କେନ୍ଦୁଝର ଠାରେ ଅନୁଷ୍ଠିତ ହେବ। ମାର୍ଚ୍ଚ ୫ରେ କଟକ ବାରବାଟୀ ଷ୍ଟାଡିୟମ ଠାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସୁନ୍ଦରଗଡ ଷ୍ଟାଡିୟମ ଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଜିଲା କ୍ରୀଡାବିଭାଗ ଓ ଜିଲା କ୍ରୀଡା ସଂସଦର ମିଳିତ ପ୍ରୟାସରେ ପୁରୁଷ ଫୁଟବଲ ଖେଳାଳିଙ୍କ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ସୁନ୍ଦରଗଡ ଜିଲାର ୧୭ଟି ବ୍ଲକରୁ ୬୧୬ଜଣ ଖେଳାଳୀ ନାମ ପଞ୍ଜିକରଣ କରିଛନ୍ତି। ପ୍ରଥମ ଦିବସରେ ୩ଶହରୁ ଉର୍ଦ୍ଧ୍ୱ ଖେଳାଳୀ ଭାଗ ନେଇଥିଲେ। ଶନିବାର ଚୟନ ପ୍ରକ୍ରିୟାର ନାମ ପଞ୍ଜିକରଣର ଶେଷ ଦିବସ। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଓ ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ, ପୂର୍ବତନ ଫୁଟବଲ ଖେଳାଳି କାର୍ତ୍ତିକ ରକ୍ସା ଓ ମମତା ସାମନ୍ତ ଉପସ୍ଥିତ ରହି ଚୟନପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଏସଡିସି ଓ ଫାଓରୁ ଆସିଥିବା କୋର୍ଡିନେଟର ମାନେ ଶିବିରରେ ଉପସ୍ଥିତ ଥିଲେ।

## ପୁଲୱାମା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ଭେଡ଼େନ/ଜାମଟିକ୍ରା, ୧୪।୨ (ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ପୁଲୱାମା ଘଟଣାରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଥୁଆପାଲିଠାରେ ଥୁଆପାଲି ଝରାପାଲି ବଜରଙ୍ଗ ଦଳ ତରଫରୁ ତ୍ରିବେଣୀ ଛକସ୍ଥିତ ହନୁମାନ ମନ୍ଦିର ପରିସରରେ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଦସ୍ୟମାନଙ୍କ ଦ୍ୱାରା ସାମୂହିକ ହନୁମାନ ଚାଳିଶା ପାଠ ଓ ପୂଜାର୍ଚ୍ଚନା ପରେ ପ୍ରଭାକର ଦାଶଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ଶହୀଦମାନଙ୍କ ଫଟୋଚିତ୍ର ଧରି ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରି ନୀରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ସିଂହ, ହରି ପ୍ରଧାନ, ରଶ୍ମି ପାଢ଼ୀ, ଦିଲୀପ ଭୋଇଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦେଇଥିଲେ। ସେପରି ସିଆଲଖଣ୍ଡହଥା ସ୍ଥିତ ସରସ୍ୱତୀ କଲେଜରେ ବରିଷ୍ଠ ଅଧ୍ୟାପକ ଲବ କୁମାର ମହାଣାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଶହୀଦଙ୍କ ସ୍ମୃତିରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ।



ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସିଆଲଖଣ୍ଡହଥା କଲେଜ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରିଛନ୍ତି।

## ରାଜବୋରାସମ୍ବର, ବିକାଶ କ୍ରିକେଟ୍ କ୍ଲବ ବିଜୟୀ

ବରଗଡ଼ ଅଫିସ୍,୧୪।୨

**ଆନ୍ତଃକ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତା**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବରଗଡ଼ରେ ଚାଲୁଥିବା ଆନ୍ତଃକ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ରାଜବୋରାସମ୍ବର ଏବଂ ବିକାଶ କ୍ରିକେଟ କ୍ଲବ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ରାଜବୋରାସମ୍ବର କ୍ଲବ ମେଲଛାମୁଣ୍ଡାର ଜୟ ହନୁମାନ ଆଥଲେଟିକ କ୍ଲବକୁ ଭେଟିଥିଲା। ରାଜବୋରାସମ୍ବର କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୫.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୭୧ରନ୍ ସଂଗ୍ରହ କରିଥିଲା। ଦଳର ମନିଷ ପ୍ରଧାନ ୧୨ଚୌକା ସହାୟତାରେ ୬୫, ଏମଡ଼ି ଗନିଙ୍କ ୧ ଚୌକା, ୪ ଛକ୍କା ସହାୟତାରେ ୪୦, ଚିନ୍ମୟ ପାଣିଗ୍ରାହୀ ୫ ଚୌକା, ୨ ଛକ୍କା ସହାୟତାରେ ୩୯, ଧରଣୀ ବାରିକ ୨୭, ଦୁରସେନ ବରିହା ୨୧ ଏବଂ ବାଚସ୍ପତି ପ୍ରଧାନ ୨୦ରନ୍ ସଂଗ୍ରହ କରିଥିଲେ। ସେହିପରି ପ୍ରତିପକ୍ଷ ଜୟ ହନୁମାନ କ୍ଲବର ଆନନ୍ଦ ମହାନନ୍ଦ ୮୦ରନ୍ ବିନିମୟରେ ୫, ଶିବୁନ ଭୋଇ ୨୯ରନ ବିନିମୟରେ ୨, ବେଲାଲସେନ ପ୍ରଧାନ ୩୫ରନ ବିନିମୟରେ ୨ ଏବଂ ସଞ୍ଜୀବ କଲେତ୍ ୩୬ରନ ବିନିମୟରେ ଗୋଟିଏ ଉଇକେଟ୍ ନେଇଥିଲେ। ଜବାବ୍‌ରେ ଜୟ ହନୁମାନ ଆଥଲେଟିକ ଆସୋସିଏଶନ ୩୭ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୮୩ ରନ ସଂଗ୍ରହ କରିଥିଲା। ଦଳର ଦିପ୍ତୀ ନାୟକ ୫ ଚୌକା, ୪ ଛକ୍କା ସହିତ ୫୫, ସହସେବ ଭୋଇ ୫ ଚୌକା ସହିତ ୩୫, ରାଜେଶ ଭୁଏ ୨ଚୌକା, ୧ ଛକ୍କା ସହିତ ୧୯ରନ ସଂଗ୍ରହ କରିଥିଲେ। ଫଳରେ ଏହି ମ୍ୟାଚକୁ ରାଜବୋରାସମ୍ବର କ୍ଲବ ୮୮ରନ ବ୍ୟବଧାନରେ ଜିତିଥିଲା। ଶୁଭମ ପାତ୍ର, ସୁରେଶ ଦାଶ ଅମ୍ପାୟାର ଦାୟିତ୍ୱରେ ରହିଥିବାବେଳେ ମନୋଜ କୁମାର ପାତ୍ର ଅନଲାଇନ ସ୍କୋର ଏବଂ ଅଶୋକ ମାନୁଏଲ ସ୍କୋରର ରହିଥିଲେ।

ସେହିପରି ବିକାଶ ଗ୍ରାଉଣ୍ଡରେ ସୋହେଲା ଆଥଲେଟିକ ଆସୋସିଏଶନ ଏବଂ ବିକାଶ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ସୋହେଲା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୯ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୦ରନ ସଂଗ୍ରହ କରିଥିଲା। ଦଳର ହରଜିତ ସିଂ ୩ ଚୌକା, ୧ ଛକା ସହାୟତାରେ ୫୦ ରନ, ସନ୍ତୋଷ ମେହେର ୭ ଚୌକା ସହାୟତାରେ ୪୬, କାର୍ତ୍ତିକ ସାହୁ ୨୦, ପ୍ରତ୍ୟୁଷ ଶତପଥୀ ୧୭ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବିକାଶ କ୍ରିକେଟ କ୍ଲବର ପ୍ରଶାନ୍ତ ପାଇକରାୟ ୧୫ରନ ବିନିମୟରେ ୩, ନିଖିଳ ପାଢ଼ୀ ୨୧ରନ ବିନିମୟରେ ୨, ରମେଶ ଚୌହାନ ୩୯ରନ ବିନିମୟରେ ୨, ରାକେଶ ରଞ୍ଜନ କିଶାନ ୧୬ରନ ବିନିମୟରେ ଗୋଟିଏ ଏବଂ ରିତିକ ଜୈନ ୨୨ରନ ବିନିମୟରେ ଗୋଟିଏ ଉଇକେଟ୍ ନେଇଥିଲେ। ଜବାବ୍‌ରେ ବିକାଶ କ୍ରିକେଟ କ୍ଲବ ୨୪.୪ ଓଭରରେ ମାତ୍ର ୪ଟି ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିଥିଲା। ଦଳର ନିଖିଳ ପାଢ଼ୀ ୫୨ବଲର ସମ୍ମୁଖୀନ ହୋଇ ୯ ଚୌକା ସହାୟତାରେ ୫୮, ବଲ୍ଲଭ ଓଦାର ୪ ଚୌକା ସହିତ ୩୪ ଏବଂ ରାକେଶ ରଞ୍ଜନ କିଶାନ ୨୦ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ସୋହେଲାର ଅଶୋକ ମିଶ୍ର ୩୨ରନ ବିନିମୟରେ ୨ଟି ଉଇକେଟ୍ ନେଇଥିବାବେଳେ ସନ୍ତୋଷ ଯାଦବ ୨୯ ଏବଂ ରାହୁଲ ସାହୁ ୧୯ରନ ବିନିମୟରେ ଗୋଟିଏ ଲେଖାଏଁ ଉଇକେଟ୍ ନେଇଥିଲେ। ଫଳରେ ୬ ଉଇକେଟ୍‌ରେ ବିକାଶ କ୍ରିକେଟ କ୍ଲବ ମ୍ୟାଚକୁ ଜିତିଥିଲା। ପ୍ରଦୀପ କୁମାର ଦାଶ, ପ୍ରୟାସ ବଗାର ଅମ୍ପାୟାର ଦାୟିତ୍ୱ ନିର୍ବାହ କରିଥିବାବେଳେ ରଜତ ଦାଶ ଅନଲାଇନ ସ୍କୋରର ଏବଂ ରବିତୋଷ ପରମାନିକ ମାନୁଏଲ ସ୍କୋରର ରହିଥିଲେ।